


ଯା ଦେବୀ ସର୍ବଭୂତେଷୁ...........

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ବୁଧବାର ୨୩ ମାର୍ଚ୍ଚ ୨୦୨୨ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-୮ ■ Baleshwar ♦ WEDNESDAY 23 MARCH 2022
Vol.No. 33 ■ No. 77 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2022






ପ୍ରକାଶ ପାଇଲା
ଡଃ ଭାଗବତ ବେହେରାଙ୍କର
ବହୁ ପ୍ରତୀକ୍ଷିତ ଆଧ୍ୟାତ୍ମିକ,
ଚେତନାମୂଳକ ଉପନ୍ୟାସ
ବନ୍ଧୁ ମହାନ୍ତି
ପ୍ରାପ୍ତିସ୍ଥାନ :
ତାରିଣୀ ବିଦ୍ୟା ଭଣ୍ଡାର
ଷ୍ଟେସନ ରୋଡ,
ବାଲେଶ୍ୱର-୧
ମୂଲ୍ୟ ଟ୧୫୦/-


## ରୁଷର ପରମାଣୁ ଆକ୍ରମଣ ଆଶଙ୍କା କଲେ ବିଶେଷଜ୍ଞ



ନୂଆଦିଲ୍ଲୀ, ୨୨/୦୩ : ରୁଷ ୟୁକ୍ରେନ ଯୁଦ୍ଧ ଏବେ ୨୭ ଦିନରେ ପହଂଚିଛି । ଏହାରି ମଧ୍ୟରେ ରୁଷ୍ ୟୁକ୍ରେନ ଉପରେ ଘନ ଘନ ବୋମା ମାଡ, ସୁପରସୋନିକ ମିଶାଇଲ ମାଡ କରିଚାଲିଛି । ହସ୍ପିଟାଲ, ଡାକ୍ତରଖାନା , ଆପାର୍ଟମେଂଟ ସହ ଜନଗହଳି ପୂର୍ଣ୍ଣ ସ୍ଥାନରେ ବୋମା ବର୍ଷଣ କରୁଛି ରୁଷ୍ । ଏହି ଯୁଦ୍ଧ ମଧ୍ୟରେ ୟୁକ୍ରେନର ଅର୍ଥନୈତିକ ପେଣ୍ଠସ୍ଥଳୀ ଖାରକିଭ୍ରୁ ଆସିଛି ଗୋଟିଏ ଛାତିଥରା ଦୃଶ୍ୟ । ଖାରକିବ୍ ଓ କିବ୍ର ପ୍ରତ୍ୟେକ ସ୍ଥାନ ବିପଦପୂର୍ଣ୍ଣ କୁହାଯାଉଥିବା ବେଳେ ଖାରକିବର ଗୋଟିଏ ସପିଂମଲ ଉପରେ ଆକ୍ରମଣ କରିଛି କ୍ରେମଲିନ । ରୁଷ ଖାରକିବ୍ର ଗୋଟିଏ ମଲ୍ ଉପରେ ଭୟଙ୍କର ଆକ୍ରମଣ କରିଛି । ଜନସାଧାରଣ ଜିନିଷ କିଣିବା ପାଇଁ ଲାଇନରେ ଠିଆ ହୋଇଥିବାବେଳେ ଆଖିପିଛୁଳାକେ ମଲ୍ ଭିତରେ ବୋମା ବିସ୍ଫୋରଣ ହେଲା । ଆଉ ଏହାରି ଭିତରେ ୮ ଜଣ ନିରିହ ନାଗରିକଙ୍କ ମୃତ୍ୟୁ ହୋଇଛି । ପୂର୍ବ ୟୁକ୍ରେନଠୁ ପଶ୍ଚିମ ୟୁକ୍ରେନ, ଉତର, ଦକ୍ଷିଣ । ସବୁଠି କେବଳ ଧ୍ୱଂସବିଧ୍ୱଂସର ଚିତ୍ର । ଏହା ଭିତରେ ଖେରସେନରୁ ଆସିଛି ଏକ ଲୋମହର୍ଷଣକାରୀ ଦୃଶ୍ୟ । ଫ୍ରିଡ ସ୍ୱାୟରରେ ୟୁକ୍ରେନବାସୀ ରୁଷ ସେନା ବିରୋଧରେ ପ୍ରଦର୍ଶନ କରୁଥିବା ସମୟରେ ଏମାନଙ୍କ ଉପରେ ଆଖି ବୁଜା ଗୁଳିମାଡ କରିଛି ପୁଟିନ ସେନା । ରୁଷ ୟୁକ୍ରେନ ଯୁଦ୍ଧ ପ୍ରସଙ୍ଗ ଭିତରେ ଭାରତ ଉପରେ ପ୍ରତିକ୍ରିୟା ରଖିଛନ୍ତି ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ । ଘଟଣାକୁ ନେଇ ଭାରତର ପ୍ରତିକ୍ରିୟା ଦୁର୍ବଳ ରହିଥିବା ଆମେରିକା କହିଛି । ଜାପାନ ଓ ଅଷ୍ଟ୍ରେଲିଆ ମଧ୍ୟ ରୁଷର ୟୁକ୍ରେନ ଆକ୍ରମଣକୁ ଦୃଢ ନିନ୍ଦ କରୁଥିବାବେଳେ ଭାରତ ସିଧାସଳଖ ଏଭଳି କୌଣସି ପ୍ରତିକ୍ରିୟା ଏପର୍ଯ୍ୟନ୍ତ ରଖିନି । ଯୁଦ୍ଧ ସଙ୍କଟ ଭିତରେ ଆଉ ଏକ ନୂଆ ଖବର ସାମ୍ନାକୁ ଆସୁଛି । ହିରୋସିମା, ନାଗାସାକି ପରେ ୟୁକ୍ରେନ୍ ଉପରେ ପରମାଣୁ ବୋମା ପକାଇ ପାଇଁ ରୁଷ୍ ରାଷ୍ଟ୍ରପତି ଭ୍ଲାଦିମିର୍ ପୁଟିନ୍ ଯୋଜନା କରୁଥିବା ଜଣାପଡିଛି । ୟୁକ୍ରେନ-ରୁଷ ଯୁଦ୍ଧକୁ ନେଇ ବିଶିଷ୍ଟ ଅନ୍ତର୍ଜାତୀୟ ବିଶେଷଜ୍ଞ ଥୋମାସ୍ ଫ୍ରାଏଡ୍ମ୍ୟାନ ଏହି ଆକଳନ କରିଛନ୍ତି, । ସାମରିକ ଓ ଅନ୍ତର୍ଜାତୀୟ ବିଶେଷଜ୍ଞ ଭାବେ ବେଶ ଜଣାଶୁଣା ଥୋମାସ ଫ୍ରାଏଡ୍ମ୍ୟାନ କହିଛନ୍ତି, ପୁଟିନ୍ ଏବେ ତାଙ୍କର ପ୍ଲାନ୍ 'ବି' ଚଳାଇଥିବା ବେଳେ ବାଇଡେନ୍ ଓ ଜେଲେନ୍ସ୍କି ପ୍ଲାନ୍ 'ଏ' କାର୍ଯ୍ୟକାରୀ କରୁଛନ୍ତି । ପ୍ଲାନ-ବି- ଯଦି ୟୁକ୍ରେନ ସେନା ପ୍ରତି ଆକ୍ରମଣ କରେ ତେବେ ୟୁକ୍ରେନର ଜନବସତି ଉପରେ ଆକ୍ରମଣ କରିବା । ଯାହା ଫଳରେ ୟୁକ୍ରେନ ଆତ୍ମସର୍ମପଣ କରିବାକୁ ବାଧ୍ୟ ହେବ । ପ୍ଲାନ-ସି-ୟୁକ୍ରେନ ସୀମାରେ

▶▶ପୃଷ୍ଠା ୭

## ଚିଲିକା ବିଧାୟକ ପ୍ରଶାନ୍ତ ଜଗଦେବ ଗିରଫ



ଭୁବନେଶ୍ୱର, ୨୨/୦୩ (ନି.ପ୍ର): ଲୋକଙ୍କ ଉପରେ ଗାଡି ମଡାଇଦେବା ମାମଲାରେ ଚିଲିକା ବିଧାୟକ ପ୍ରଶାନ୍ତ ଜଗଦେବ ଗିରଫ ହୋଇଛନ୍ତି । ହସ୍ପିଟାଲରୁ ଡିସଚାର୍ଜ ହେବା ପରେ ତାଙ୍କୁ ଗିରଫ କରାଯାଇଥିବା ନେଇ କେନ୍ଦ୍ରାଂଚଳ ଆଇଜି ନରସିଂହ ଭୋଳ ସୂଚନା ଦେଇଛନ୍ତି । ଗିରଫ ପରେ ତାଙ୍କୁ ଭୁବନେଶ୍ୱରରେ ଜିଲ୍ଲା ଦୌରାଜଜଙ୍କ କୋର୍ଟରେ ହାଜର କରାଯାଇଛି । ଏହାପରେ ପ୍ରଶାନ୍ତଙ୍କୁ ଆମ୍ବୁଲାନ୍ସରେ ଭୁବନେଶ୍ୱର କୋର୍ଟରୁ ବାଣପୁର କୋର୍ଟକୁ ନିଆଯାଇଛି । ବିଧାୟକ ପ୍ରଶାନ୍ତ ଜଗଦେବଙ୍କୁ ପୋଲିସ୍ ଟ୍ରାଞ୍ଜିଟ୍ ରିମାଣ୍ଡରେ ନେଇପାରେ । ସୂଚନାଯୋଗ୍ୟ, ଗତ ୧୨ ତାରିଖରେ ପଂଚାୟତ ସମିତି ଅଧ୍ୟକ୍ଷ ନିର୍ବାଚନ ଚାଲିଥିବା ବେଳେ ଖୋର୍ଦ୍ଧା ଜିଲ୍ଲା ବାଣପୁର ବ୍ଲକ କାର୍ଯ୍ୟାଳୟ ସାମ୍ନାରେ ବିଧାୟକ ପ୍ରଶାନ୍ତ ଜଗଦେବ ଭିଡ଼ ଭିତରକୁ କାର୍ ପୁରାଇ ଦେଇଥିଲେ । ଏହି ଘଟଣାରେ କିଛି ପୋଲିସ୍ କର୍ମଚାରୀ ଓ ସାମ୍ବାଦିକଙ୍କ ସମେତ ମୋଟ ୨୫ ଜଣ ଆହତ ହୋଇଥିଲେ । ଏହି ଘଟଣା ପରେ ଉତ୍ୟକ୍ତ ଜନତା ବିଧାୟକଙ୍କୁ ନିସ୍ତୁକ ମାଡ଼ ମାରିଥିଲେ । ଏଥିରେ ବିଧାୟକ ଲହୁଲୁହାଣ ହୋଇଯାଇଥିଲେ । ତାଙ୍କୁ ଗୁରତର ଅବସ୍ଥାରେ ଡାକ୍ତରଖାନାରେ ଭର୍ତି କରାଯାଇଥିଲା । ଲୋକେ ତାଙ୍କ ଗାଡ଼ି କୁ ବାଡ଼େଇ ଭାଙ୍ଗିଦେଇଥିଲେ । ବିଧାୟକଙ୍କ ବିରୋଧରେ ମାମଲା ରୁଜୁ ହୋଇଥିଲେ ହେଁ ସେ ହସ୍ପିଟାଲରେ ଥିବାରୁ ତାଙ୍କୁ ଗିରଫ କରାଯାଇନଥିଲା ।

## ଡରାଇଲାଣି ଓମିକ୍ରନର ସବ୍ ଭାରିଏଣ୍ଟ : ସତର୍କ ରହିବାକୁ ପରାମର୍ଶ

ୱାଶିଂଟନ,୨୨/୦୩ (ନି.ପ୍ର): ପୁଣିଥରେ ନୂଆ ରୂପରେ କାୟା ବିସ୍ତାର କରିବା ଆରମ୍ଭ କଲାଣି ମହାମାରୀ କରୋନା । କରୋନାର ଓମିକ୍ରନ ଷ୍ଟ୍ରେନ ଲୋକଙ୍କୁ ସଂକ୍ରମିତ କରିବା ପାଇଁ ନୂଆ ରୂପ ଧାରଣ କରିଛି । ଓମିକ୍ରନର ସବଭାରିଏ ବିଏ.୨ ଧୀରେଧୀରେ ଆମେରିକାରେ ବଳ ଗୋଟାଇବା ଆରମ୍ଭ କରୁଛି । କେବଳ ଆମେରିକା ନୁହେଁ, ଇଷ୍ଟର୍ଣ୍ଣ ୟୁରୋପରେ ମଧ୍ୟ ସଂକ୍ରମଣ ବୃଦ୍ଧି ପାଉଛି । ଅଧିକାଂଶ ଲୋକ ଓମିକ୍ରନର ସବଭାରିଏ ବିଏ.୨ରେ ଆକ୍ରାନ୍ତ ହେଉଥିବାରୁ ସମସ୍ତଙ୍କ ଚିନ୍ତା ବଢ଼ିଛି । ସ୍ଥିତିକୁ ଦୃଷ୍ଟିରେ ରଖି ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ସତର୍କ ରହିବାକୁ ପରାମର୍ଶ ଦେଇଛି । ଜାନୁଆରୀରେ ବିଏ.୨ ଭାରିଏ ପ୍ରଥମଥର ପାଇଁ ଆମେରିକାରେ ଠାବ ହୋଇଥିଲା । ସେବେଠାରୁ ଏହା ଉପରେ ସାନ ଡିଏଗୋ ଭି ି କ ଜେନୋମ ଫାର୍ମ ହେଲିକ୍ସ ନଜର ରଖିଥିଲା । ପ୍ରାଥମିକ ଅବସ୍ଥାରେ ଏହା ଆଦୌ ସକ୍ରିୟ ନଥିଲା । କିନ୍ତୁ ଏବେ ୫୦ରୁ ୭୦% କରୋନା ଆକ୍ରାନ୍ତଙ୍କ ଶରୀରରୁ ବିଏ.୨ ଭାରିଏ ଠାବ ହେଉଛି । ତେଣୁ ବିଏ.୨ ସବଭାରିଏ ଆମେରିକାରେ ଏବେ କାୟାବିସ୍ତାର କରୁଥିବା ଏହି ଫାର୍ମ କମ୍ପାନୀ ସୂଚନା ଦେଇଛି । ହ୍ୱାଇଟ ହାଉସର ମୁଖ୍ୟ ମେଡିକାଲ ପରାମର୍ଶଦାତା ଡା ଆନଟ୍ଥୋନୀ ଫଉସି କହିଛନ୍ତି, ବିଏ.୨ ସବଭାରିଏ ଓମିକ୍ରନ ଠାରୁ ଅଧିକ ୬୦% ବେଗରେ ସଂକ୍ରମଣ କରିବାର କ୍ଷମତା ରଖିଛି । କିନ୍ତୁ ଓମିକ୍ରନ ଭଳି ଏହା ଆକ୍ରାନ୍ତଙ୍କୁ

▶▶ପୃଷ୍ଠା ୭

## ପେଟ୍ରୋଲ, ଡିଜେଲ ସହ ରୋଷେଇ ଗ୍ୟାସ ଦର ବୃଦ୍ଧି



ନୂଆଦିଲ୍ଲୀ, ୨୨/୦୩ : ବଢ଼ିଲା ପେଟ୍ରୋଲ ଡିଜେଲ ଦର । ସର୍ବଭାରତୀୟ ସ୍ତରରେ ପେଟ୍ରୋଲ ଓ ଡିଜେଲ ଦର ୮୦ ପଇସା ବୃଦ୍ଧି ପାଇଛି । ସେହିପରି ବଡ ଗ୍ରାହକଙ୍କ ଲାଗି ଡିଜେଲ ଲିଟର ପିଛା ଦର ୨୫ ଟଙ୍କା ବୃଦ୍ଧି ଘୋଷଣା କରାଯାଇଛି । ଏହା ଦ୍ୱାରା କଳ କାରଖାନା, ପରିବହନ ଓ ଶିକ୍ଷ ସଂସ୍ଥା ଗୁଡିକ ବେସ ପ୍ରଭାବିତ ହେବେ । ସେହିପରି ଘରୋଇ ଗ୍ୟାସ ସିଲିଣ୍ଡର ଦରରେ ମଧ୍ୟ ୫୦ ଟଙ୍କା ବୃଦ୍ଧି ହୋଇଛି । ପାଂଚୋଟି ରାଜ୍ୟରେ ନିର୍ବାଚନ ଶେଷ ହେବା ପରେ ଦରଦାମ ବୃଦ୍ଧି ହେବା ଯୋଗୁଁ ଲୋକଙ୍କ ମଧ୍ୟରେ ଅଶାନ୍ତି ଦେଖାଦେଇଛି । ପୁଣି ଝଟକା ଦେଲା ପେଟ୍ରୋଲ ଓ ଡିଜେଲ ଦର । ନିର୍ବାଚନ ପରେ ତେଲ ଦରରେ ଲାଗିଲା ନିଆଁ । ଦୀର୍ଘ ୪ ମାସ ପରେ ବଢ଼ିଛି ପେଟ୍ରୋଲ ଓ ଡିଜେଲ ଦର । ଉଭୟ ତେଲର ଲିଟର ପିଛା ଦାମ୍ ସର୍ବଭାରତୀୟ ସ୍ତରରେ ୮୦ ପଇସା ବୃଦ୍ଧି ପାଇଛି । ରାଜଧାନୀ ଦିଲ୍ଲୀରେ ବର୍ତମାନ ପେଟ୍ରୋଲ ଲିଟର ପିଛା ଦର ୯୬ ଟଙ୍କା ୨୧ ପଇସା ଡିଜେଲର ଲିଟର ପିଛା ଦର ୮୭ ଟଙ୍କା ୪୭ ପଇସା ରହିଛି । ସେହିପରି ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ଦର ୧୧୦ ଟଙ୍କା ୮୨ ପଇସା ରହିଥିବା ବେଳେ ଡିଜେଲର ଲିଟର ପିଛା ଦର ୯୫ ଟଙ୍କାରେ ପହଂଚିଛି । ଚେନ୍ନାଇରେ ପେଟ୍ରୋଲ ଲିଟର ୧୦୨ ଟଙ୍କା ୧୬ ପଇସା ଓ ଡିଜେଲ ୯୨ ଟଙ୍କା ୧୯ ପଇସା ରହିଛି । କୋଲକାତାରେ ପେଟ୍ରୋଲ ଲିଟର ପିଛା ଦର ୧୦୫ ଟଙ୍କା ୫୧ ପଇସା ରହିଛି ଏବଂ ଡିଜେଲ ୯୦ ଟଙ୍କା ୬୨ ପଇସା ରହିଛି । ତେବେ ହଠାତ ତେଲ ଦରରେ ବୃଦ୍ଧି ହେବାରୁ

▶▶ପୃଷ୍ଠା ୭

## ଲୋକସଭାରୁ ଇସ୍ତଫା ଦେଲେ ଅଖିଲେଶ



ଲକ୍ଷ୍ନୌ, ୨୨/୦୩ (ନି.ପ୍ର): ଲୋକସଭାରୁ ଇସ୍ତଫା ଦେଲେ ସମାଜବାଦୀ ପାର୍ଟି ଅଧ୍ୟକ୍ଷ ଅଖିଲେଶ ଯାଦବ । ଅଖିଲେଶ ରାମ ଗୋପାଳ ଯାଦବଙ୍କ ସହ ଲୋକସଭା ବାଚସ୍ପତି ଓମ ବିର୍ଲାଙ୍କୁ ଭେଟି ତାଙ୍କ ଇସ୍ତଫା ପତ୍ର ପ୍ରଦାନ କରିଛନ୍ତି । ସୂଚନାଯୋଗ୍ୟ ଯେ ନିକଟରେ ହୋଇଥିବା ବିଧାନସଭା ନିର୍ବାଚନରେ ଅଖିଳେଶ ଯାଦବ କରହଲ ବିଧାନସଭା ଆସନରୁ ଜିତିଥିଲେ । ବ ର୍ମାନ ଲୋକସଭାରୁ ଇସ୍ତଫା ଦେବା ପରେ ଏହା ସ୍ପଷ୍ଟ ହୋଇଛି ଯେ ସେ କରହଲ ବିଧାନସଭାରୁ ବିଧାୟକ ରହିବେ । ସେପଟେ ଆଜମ ଖାନ୍ ମଧ୍ୟ ଲୋକସଭା ସଦସ୍ୟତାରୁ ଇସ୍ତଫା ଦେଇଛନ୍ତି । ସେ ରାମପୁର ବିଧାନସଭା ସିଟ୍ରୁ ବିଧାୟକ ଚୟନ ହୋଇଛନ୍ତି । ଉ ରପ୍ରଦେଶରେ ନିକଟରେ ହୋଇଥିବା ନିର୍ବାଚନରେ ବିଜେପି ମେ ୨୭୩ଟି ଆସନ ପାଇଛି । ତେବେ ସମାଜବାଦୀ ପାର୍ଟି ମେ କୁ କେବଳ ୧୨୫ଟି ଆସନରେ ସନ୍ତୁଷ୍ଟ ହେବାକୁ ପଡିଛି । କଂଗ୍ରେସ କେବଳ ୨ଟି ଆସନରେ ଜିତିଥିଲା । ଅନେକ ଦିନ ଧରି ୟୁପିର ପରବ ୀ ସରକାର ପାଇଁ ଦିଲ୍ଲୀରେ ମାନସମନ୍ଥନ ଚାଲିଥିଲା । ଉ ରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ମଧ୍ୟ ଦିଲ୍ଲୀରେ ଥିଲେ । ସୂଚନାନୁସାରେ, ଯୋଗୀ ଆଦିତ୍ୟନାଥ ମାର୍ଚ୍ଚ ୨୫ରେ ମୁଖ୍ୟମନ୍ତ୍ରୀ ଭାବରେ ଶପଥ ଗ୍ରହଣ କରିବେ ।

## ବୀରଭୂମି ନରସଂହାର ଉପରେ ମମତା ଏସଆଇଟି ଗଠନ କଲେ

କଲିକତା, ୨୨/୦୩ (ନି.ପ୍ର): ପଶ୍ଚିମବଙ୍ଗର ବୀରଭୂମି ଜିଲ୍ଲାର ରାମପୁରହାଟ ବ୍ଲକ୍ ଅନ୍ତର୍ଗତ ବକଟୁଇ ଗାଁରେ ୧୦ରୁ ଅଧିକ ଲୋକଙ୍କ ମୃତ୍ୟୁ ଘଟିଥିବା ଅଗ୍ନିକାଣ୍ଡ ଘଟଣାରେ ମୁଖ୍ୟମନ୍ତ୍ରୀ ମମତା ବାନାଜୀ ଏକ ସ୍ୱତନ୍ତ୍ର ଅନୁସନ୍ଧାନକରୀ ଦଳ (ଏସଆଇଟି) ଗଠନ କରିଛନ୍ତି । ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ନିର୍ଦ୍ଦେଶରେ ରାମପୁର ଥାନାଧିକାରୀ ତ୍ରିଦୀପ ପ୍ରମାଣିକ ଏବଂ ଏସଡ଼ିପିଓ ସାୟନ ଅହମ୍ମଦଙ୍କୁ ହଟାଇ ଦିଆଯାଇଛି । ଏହା ବ୍ୟତୀତ ପୋଲିସ ମହାନିର୍ଦ୍ଦେଶକ ମନୋଜ ମାଲଭିଆ ବୀରଭୂମ ଜିଲ୍ଲା ଅଧିକ୍ଷକ ନାଗେନ୍ଦ୍ର ନାଥ ତ୍ରିପାଠୀଙ୍କ ଠାରୁ ଘଟଣାର ରିପୋର୍ଟ ମାଗିଛନ୍ତି ।

## ୪୧ ଛୁଇଁଲା ତାପମାତ୍ରା

ଭୁବନେଶ୍ୱର, ୨୨/୦୩ (ନି.ପ୍ର): ରାଜ୍ୟରେ ତାତି ବଢୁଥିବା ବେଳେ ମଙ୍ଗଳବାର ତାପମାତ୍ରା ୪୧ ଡିଗ୍ରୀ ଛୁଇଁଛି ।୪୧ଡ଼ିଗ୍ରୀ ସହ ଟିଟଲାଗଡ ରାଜ୍ୟର ଉତପ୍ତ ସହର ପାଲଟିଛି । ସେହିପରି ୫ଟି ସ୍ଥାନରେ ଦିନ ତାପମାତ୍ରା ୪୦ଡ଼ିଗ୍ରୀ କିମ୍ବା ଅଧିକ ରେକର୍ଡ କରାଯାଇଛି । ବଲାଙ୍ଗୀରରେ ୪୦.୫ ଡ଼ିଗ୍ରୀ ତାପମାତ୍ରା ରେକର୍ଡ ହୋଇଥିବା ବେଳେ ବାରିପଦା, ସମ୍ବଲପୁର ଏବଂ ବୌଦ୍ଧରେ ଦିନ ତାପମାତ୍ରା ୪୦ଡ଼ିଗ୍ରୀ ରେକର୍ଡ ହୋଇଛି । ସେହିପରି ହୀରାକୁଦରେ ୩୯.୫, ସୋନପୁରରେ ୩୯.୪, ଝାରସୁଗୁଡା ଓ ଭବାନୀପାଟଣାରେ ୩୮.୮, ସୁନ୍ଦରଗଡ, ତାଳଚେର ଓ ନୟାଗଡରେ ୩୮ , ଭୁବନେଶ୍ୱରରେ ୩୭.୮ ଓ କଟକରେ ୩୭.୨ ଡିଗ୍ରୀ ତାପମାତ୍ରା ରେକର୍ଡ ହୋଇଛି । ଭୁବନେଶ୍ୱର ସ୍ଥିତ ଆଂଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ଏହି ସୂଚନା ଦିଆଯାଇଛି ।

## ମାନସ ସ୍ୱାଇଁ ହତ୍ୟା ମାମଲା : ଶର୍ମିଷ୍ଠାଙ୍କ ଘର ଓ ଅଫିସ୍ରେ ରେଡ୍, ଭାଇକୁ ଉଠାଇ ଆଣିଲା ପୋଲିସ୍

ଭୁବନେଶ୍ୱର, ୨୨/୦୩ (ନି.ପ୍ର): କ୍ୟାମେରାମ୍ୟାନ ମାନସ ସ୍ୱାଇଁ ହତ୍ୟାକାଣ୍ଡ ମାମଲାରେ ଫେରାର ଅଭିଯୁକ୍ତ ୱେବ୍ ପୋର୍ଟାଲ୍ ମାଲିକାଣୀ ଶର୍ମିଷ୍ଠା ରାଉତଙ୍କ ଘର ଓ ଅଫିସ୍ ରେ ଚଢାଉ କରିଛି ପୋଲିସ୍ । ଏୟାରଫିଲ୍ଡ ଥାନା ଅଂଚଳ ସ୍କାଏ ଟାୱାର ଆପାର୍ଟମେଂଟରେ ଚାନ୍ଦବାଲି ପୋଲିସ ଏୟାରଫିଲଡ ଥାନା ପୋଲିସ ସହାୟତାରେ ଚଢ଼ାଉ କରିଛି । ଶର୍ମିଷ୍ଠାଙ୍କ ଘର ଓ ଅଫିସ୍ ରୁ ପୋଲିସ କିଛି ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଜବତ କରିଥିବା ସୂଚନା ମିଳିଛି । ଏଥିସହ ମୁଖ୍ୟ ଅଭିଯୁକ୍ତ ୱେବ୍ ପୋର୍ଟାଲ୍ ମାଲିକାଣୀ ଶର୍ମିଷ୍ଠା ରାଉତଙ୍କ ଭାଇ ପରମେଶ୍ୱର ରାଉତଙ୍କୁ ଉଠାଇ ଆଣିଛି ପୋଲିସ୍ । ଭଦ୍ରକ ପୋଲିସ୍ ଆନ୍ଧ୍ରପ୍ରଦେଶର ବିଜୟୱାଡ଼ାରୁ ପରମେଶ୍ୱରକୁ ଧରି ଓଡ଼ିଶା ଆଣୁଛି । ଶର୍ମିଷ୍ଠାଙ୍କୁ ଫେରାର କରିବାରେ ପରମେଶ୍ୱରଙ୍କର ହାତ ରହିଛି । ପରମେଶ୍ୱରକୁ ଜେରା ପରେ ଶର୍ମିଷ୍ଠାଙ୍କ ପତା ମିଳିବ ବୋଲି ପୋଲିସ୍ ଆଶା କରୁଛି । ଅପରପକ୍ଷରେ ଏହି ମାମଲାରେ ଶର୍ମିଷ୍ଠା ରାଉତଙ୍କ ଆଗୁଆ ଜାମିନ ଆବେଦନ ଖାରଜ ହୋଇଯାଇଛି । ଗତକାଲି ଶର୍ମିଷ୍ଠା ଆଗୁଆ ଜାମିନ ଲୋଡ଼ି ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ । ହାଇକୋର୍ଟରେ ତାଙ୍କ ଆଗୁଆ ଜାମିନ ଆବେଦନର ଶୁଣାଣି ଶେଷ ହୋଇଥିଲା । କିନ୍ତୁ ପରେ ତାଙ୍କର ଆଗୁଆ ଜାମିନ ଆବେଦନ ଖାରଜ କରିଥିଲେ ଓଡ଼ିଶା ଉଚ୍ଚ ନ୍ୟାୟାଳୟ ।

## ସରିଲା ପ୍ରଚାର, ଦିନକ ପରେ ଭୋଟ୍



ଭୁବନେଶ୍ୱର, ୨୨/୦୩ (ନି.ପ୍ର): ପୌରନିର୍ବାଚନକୁ ଆଉ ମାତ୍ର ଗୋଟିଏ ଦିନ ରହିଥିବାବେଳେ ଆଜି ପ୍ରଚାର ଶେଷ ହୋଇଛି । ଶେଷ ଦିନରେ ଭୋଟରଙ୍କୁ ମନେଇବାକୁ ପ୍ରାଣପଣେ ଚେଷ୍ଟା କରିଛନ୍ତି ନେତା ଓ ପ୍ରାର୍ଥୀ । ବିଭିନ୍ନ ଦଳର ପ୍ରାର୍ଥୀଙ୍କ ପ୍ରଚାରରେ କମ୍ପିଛି ସହର ବଜାର । ଆସନ୍ତା ୨୪ ତାରିଖରେ ରାଜ୍ୟର ୧୦୬ଟି ବିଜ୍ଞାପିତ ଅଂଚଳ ପରିଷଦ, ପୌର ପାଳିକା ସମେତ ୩ଟି ମହାନଗର ନିଗମ (ଭୁବନେଶ୍ୱର, କଟକ ଓ ବ୍ରହ୍ମପୁର)ରେ ଭୋଟ୍ ଗ୍ରହଣ ହେବ । ମାର୍ଚ୍ଚ ୨୬ ତାରିଖରେ ଫଳାଫଳ ପ୍ରକାଶ ପାଇବ । ନିର୍ବାଚନ ପାଇଁ ପ୍ରଚାର ମଙ୍ଗଳବାର ସଂଧ୍ୟା ୫ ଟାରେ ଶେଷ ହେଇଛି । ନିର୍ବାଚନ ପ୍ରଚାରର ଅନ୍ତିମ ଦିନରେ ପ୍ରାର୍ଥୀ, ନେତା ଓ ସେମାନଙ୍କର ସମର୍ଥକମାନେ ଜୋରଦାର ପ୍ରଚାର କରିଛନ୍ତି । ସହରାଂଚଳଗୁଡ଼ିକରେ ନିର୍ବାଚନ ପ୍ରଚାର ଶବ୍ଦରେ ସାହି ଓ ବସ୍ତିଗୁଡ଼ିକ କମ୍ପି ଉଠିଛି । ଶେଷ ଦିନରେ ଭୋଟରଙ୍କ ପାଖକୁ ଯାଇ ଭୋଟ ଭିକ୍ଷା କରିଛନ୍ତି ଦଳୀୟ ପ୍ରାର୍ଥୀ । ଭୋଟରଙ୍କ ସମର୍ଥନ ପାଇଁ ମଇଦାନରେ କସରତ କରୁଛନ୍ତି ହେଭିୱେଟ । ବିଜେଡି ମେୟର ପ୍ରାର୍ଥୀନୀ ସୁଲୋଚନା ଦାସ ଉତର ଭୁବନେଶ୍ୱର ବିଧାନସଭା ନିର୍ବାଚନ ମଣ୍ଡଳୀ ଅଧୀନ ବିଭିନ୍ନ ୱାର୍ଡ ପରିକ୍ରମା କରି ପ୍ରଚାର କରିଛନ୍ତି । ଉତର ବିଧାୟକ ସୁଶାନ୍ତ ରାଉତଙ୍କ ସମେତ ବିଭିନ୍ନ ୱାର୍ଡର କର୍ପୋରେଟର ପ୍ରାର୍ଥୀଙ୍କୁ ସାଙ୍ଗରେ ନେଇ ରୋଡ ଶୋ' କରିଛନ୍ତି ବିଜେଡି

▶▶ପୃଷ୍ଠା ୭

## ସେବାୟତଙ୍କୁ ହତ୍ୟା ମାମଲା : ଅନ୍ୟ ୪ଜଣ ଗିରଫ

ପୁରୀ, ୨୨/୦୩ (ନି.ପ୍ର): ବହୁଚର୍ଚ୍ଚିତ କୃଷ୍ଣଚନ୍ଦ୍ର ପ୍ରତିହାରୀ ଓରଫ କାଳିଆ ପଢିଆରୀ ହତ୍ୟାକାଣ୍ଡରେ ସମ୍ପୃକ୍ତ ଅନ୍ୟ ଚାରି ଜଣଙ୍କୁ ଗିରଫ କରାଯାଇଛି । ଗିରଫ ଅଭିଯୁକ୍ତମାନେ ହେଲେ ଟୁଟୁ ଓରଫ ପ୍ରଫୁଲ ମହାପାତ୍ର, କୁନମୁନ ଓରଫ ଲକ୍ଷ୍ମଣ ସୁଆର ସୁଆର, ହରିହର ପଣ୍ଡା ଓ ଜଗନ ଖଟେଇ । ଟୁଟୁ, କୁନମୁନ ଓ ହରିଙ୍କ ଘର ପୁରୀ ସହର ମଧ୍ୟରେ ହୋଇଥିବାବେଳେ ଜଗନର ଘର ସଦର ଥାନା ଅନ୍ତର୍ଗତ ଆମ୍ବାପଡ଼ା ଗ୍ରାମରେ ବୋଲି ଜଣାଯାଇଛି । ତେବେ ହତ୍ୟାକାଣ୍ଡରେ ବ୍ୟବହୃତ ପିସ୍ତଲ ଓ ବାଇକ୍ ଜବତ କରାଯାଇପାରିନାହିଁ । ଗତକାଲି ଏହି ହତ୍ୟା ମାମଲାରେ ବାବା ଓରଫ ଆଶିଷ ମହାପାତ୍ର, କାଲୁ ଓରଫ ସତ୍ୟନାରାୟଣ ପାଣିଗ୍ରାହୀ, କାଳିଆ ସିଂହାରୀ ଓରଫ ତଲୁଛ ନିତ୍ୟାନନ୍ଦ ମହାପାତ୍ର, ଦୋଳଗୋବିନ୍ଦ ସିଂହାରୀ ଓରଫ ତଲୁଛ ଆଶିଷ ମହାପାତ୍ର, ମୁନା ଓରଫ ରଶ୍ମୀ ରଞ୍ଜନ ପାତ୍ର ଓ ତିଲୁଆ ଓରଫ ସନ୍ଦୀପ ଜେନାଙ୍କୁ ଗିରଫ କରାଯାଇଥିବାବେଳେ ଆଜି ହତ୍ୟାକାଣ୍ଡ ଭିଆଇଥିବା ଟୁଟୁ, କୁନମୁନ ଓ ହରିହର ସମେତ ସେମାନଙ୍କୁ ସହଯୋଗ କରିଥିବା ଜଗନ୍କୁ ଗିରଫ କରାଯାଇଛି । କ୍ରାଇମ୍ ସ୍ପଟରେ ଉପସ୍ଥିତ ଥିବା ସମସ୍ତ ୪ଜଣଙ୍କୁ ରିମାଣ୍ଡରେ ଅଣାଯିବ ବୋଲି ଏସ୍ପି କନୱାର ବିଶାଳ ସିଂ ଗଣମାଧ୍ୟମକୁ କହିଛନ୍ତି । ଘଟଣାର ୭ଦିନ ମଧ୍ୟରେ ହତ୍ୟାକାଣ୍ଡରେ ସମ୍ପୃକ୍ତ ସମସ୍ତ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିବା ଉଲ୍ଲେଖ କରି ଏସ୍ପି କହିଥିଲେଯେ, ଅଭିଯୁକ୍ତମାନେ ହତ୍ୟା କରିବା ପରେ ବାଇକ୍ ଯୋଗେ ପ୍ରଥମେ ସାତପଡ଼ା ଜଙ୍ଗଲକୁ ଚାଲିଯାଇଥିଲେ । ପରେ ସେମୋନେ ଚିଲିକା ମଧ୍ୟରେ ଦୁଇଦିନ ବୋଟରେ ବିତାଇ ରାଜ୍ୟଛାଡ଼ି ଚାଲିଯିବାକୁ କୋରାପୁଟ ପଳାଇଥିଲେ । କୋରାପୁଟରେ ଅଭିଯୁକ୍ତମାନଙ୍କୁ ଗିରଫ କରାଯାଇଥିବା ଏସ୍ପି ସୂଚନା ଦେଇଥିଲେ । ଆଜି ଗିରଫ ହୋଇଥିବା ୪ଜଣଙ୍କ ମଧ୍ୟରୁ ୩ ଜଣଙ୍କ ନାମ ଏତଲାରେଥିଲା । ଗୁନ ସିଂହାରୀ ହତ୍ୟାକାଣ୍ଡର ପ୍ରତିଶୋଧ ଲାଗି ଏହି ହତ୍ୟାକାଣ୍ଡ ଘଟିଥିଲା । ପୂର୍ବରୁ କୃଷ୍ଣଚନ୍ଦ୍ରକୁ ହତ୍ୟା ଲାଗି ମଧ୍ୟ ଉଦ୍ୟମ ହୋଇଥିଲା । ଏହି ଯୋଜନାବଦ୍ଧ ହତ୍ୟାକାଣ୍ଡ ଲାଗି ୩୦ ଲକ୍ଷ ଟଙ୍କା ସୁପାରି ଦେବାକୁ ଡ଼ିଲ୍ ହୋଇଥିଲା । କାଳିଆ ସିଂହାରୀ ଏହି ହତ୍ୟାକଣ୍ଡର ମୁଖ୍ୟ ଷଡ଼ଯନ୍ତ୍ରକାରୀ ।

## ନାଟୋକୁ ଜେଲେନସ୍କିଙ୍କ ଟାର୍ଗେଟ

କିଭ, ୨୨/୦୩ (ନି.ପ୍ର): 'ନିଜ ପକ୍ଷ ସ୍ପଷ୍ଟ କରୁ ନାଟୋ । ଆମକୁ ସ୍ୱୀକାର କରିବାକୁ ପ୍ରସ୍ତୁତ ଅଛି ନା ନାହିଁ ସେ ସମ୍ପର୍କରେ ଖୋଲାଖୋଲି କହୁ ନାଟୋ । କାରଣ ନାଟୋ ରୁଷକୁ ଡରୁଛି, ଆଉ ଏହା ହିଁ ପ୍ରକୃତ ସତ । ଏଥିରେ ଲୁଚାଇବାର କିଛି ନାହିଁ ।' ଦୀର୍ଘ ଦିନ ହେବ ନାଟୋ ସଦସ୍ୟତା ପାଇଁ ଅପେକ୍ଷା କରିଥିବା ୟୁକ୍ରେନ ରାଷ୍ଟ୍ରପତି ଜେଲେନସ୍କି ଶୁଣାଇ ଦେଇଛନ୍ତି ଏପରି ଚରମ ବାଣୀ । ନାଟୋକୁ ଦେଇଛନ୍ତି ହଁ, ନା ର ଅପସନ୍ । ଏବେ ନାଟୋ ସଦସ୍ୟତା ପାଇଁ ଆଉ ବ୍ୟାକୁଳ ନ ଥିଲେ ମଧ୍ୟ ଦୁନିଆ ସମ୍ମୁଖରେ ନାଟୋ ନିଜ ପକ୍ଷ ସ୍ପଷ୍ଟ କରୁ ବୋଲି ଶୁଣାଇ ଦେଇଛନ୍ତି ଜେଲେନସ୍କି । ଦିନକୁ ଦିନ ଧ୍ୱଂସସ୍ତୁପରେ ପରିଣତ ହେଉଛି ୟୁକ୍ରେନ୍ । ରୁଷର ଆକ୍ରମଣରେ ୟୁକ୍ରେନର ଗୋଟିଏ ପରେ ଗୋଟିଏ ସହର ମାଟିରେ ମିଶିବାରେ ଲାଗିଛି । ଏପରି ସ୍ଥିତିରେ ନାଟୋ ସଦସ୍ୟତା ପାଇଁ ଆଉ ବ୍ୟାକୁଳ ନ ଥିବା ଜେଲେନସ୍କି ଶୁଣାଇ ଦେଇଛନ୍ତି କଡ଼ାବାଣୀ । ନାଟୋ ରୁଷକୁ ଡରୁଥିବାରୁ ୟୁକ୍ରେନକୁ ସଦସ୍ୟତା ଦେଉ ନଥିବା ବି କହି ଦେଇଛନ୍ତି । କାରଣ ୟୁକ୍ରେନ ନାଟୋରେ ସାମିଲ ହେଉ ବୋଲି ଚାହୁଁ ନ ଥିବା କିଛି ଦିନ ପୂର୍ବରୁ କହିଥିଲା ରୁଷ । ପ୍ରାୟ ୨ ସପ୍ତାହ ପୂର୍ବରୁ ଜେଲେନସ୍କି କହିଥିଲେ ଯେ, ନାଟୋ ସଦସ୍ୟତା ପାଇଁ ଆଉ ବ୍ୟାକୁଳ ନ ଥିବା ବେଳେ ଏଥିନିମନ୍ତେ କୌଣସି ଚାପ ମଧ୍ୟ ପ୍ରୟୋଗ କରୁନାହୁଁ । ହେଲେ ପ୍ରାୟ ୨୭ ଦିନ ହେବ ଜାରି ରହିଥିବା ରୁଷର ଜୋରଦାର ଆକ୍ରମଣ ଯୋଗୁ ମାଟିରେ ମିଶିଗଲାଣି ୟୁକ୍ରେନର ବର୍ଷ ବର୍ଷର

▶▶ପୃଷ୍ଠା ୭

# ଶ୍ରୀ ଶ୍ରୀକ୍ଷେତ୍ର ସୂଚନା ପକ୍ଷରୁ କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ କୁଳପତିଙ୍କୁ ନାଗରିକ ସମ୍ମାନ

ପୁରୀ,୨୨/୦୩(ନି.ପ୍ର): କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଶ୍ରୀନିବାସ ବରଖଡ଼ିଙ୍କୁ ଶ୍ରୀ ଶ୍ରୀକ୍ଷେତ୍ର ସୂଚନା ପକ୍ଷରୁ ହଲିଡ଼େ ରିସୋର୍ଟ ସଭାଗୃହରେ ବିଭିନ୍ନ ସାମାଜିକ ଅନୁଷ୍ଠାନ ଓ ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ନାଗରିକ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି । କାର୍ଯ୍ୟକ୍ରମରେ ପୂର୍ବତନ କୁଳପତି ଡ଼. ହରେକୃଷ୍ଣ ଶତପଥୀ, ସଦାଶିବ ପରିଷଦ ନିର୍ଦ୍ଦେଶକ ପ୍ରଫେସର ଖଗେଶ୍ୱର ମିଶ୍ର, ଶ୍ରୀମନ୍ଦିର ପରିଚଳନା କମିଟି ସଦସ୍ୟ ଦୁର୍ଗାପ୍ରସାଦ ଦାସମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ । ଶ୍ରୀକ୍ଷେତ୍ର ସୂଚନା ପକ୍ଷରୁ ନୂଆଦିଲ୍ଲୀର କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ କୁଳପତି ଶ୍ରୀନିବାସ ବରଖଡ଼ିଙ୍କୁ ପ୍ରଜ୍ଞା ଗୌରବ ସମ୍ମାନ ଓ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି । ସେହିପରି ଡ଼. ସନ୍ତୋଷ ମିଶ୍ର ଓ ଅର୍ଣ୍ଣବ ପଟ୍ଟନାୟକଙ୍କୁ କରୋନା ଯୋଦ୍ଧା ସମ୍ମାନ ଦିଆଯାଇଥିଲା । ସଂସ୍କୃତ ଭାଷାର ପ୍ରଚାରରେ ଅବଦାନ ପାଇଁ ପଣ୍ଡିତ ପ୍ରଫେସରର ସୂର୍ଯ୍ୟମଣି ରଥ ଓ ପ୍ରଫେସର ଲଳିତ କୁମାର ସାହୁଙ୍କୁ ସମ୍ମାନିତ କରାଯାଇଥିଲା । କୁଳପତିଙ୍କ ପ୍ରଥମ ପୁରୀ ଗସ୍ତକୁ ସ୍ୱାଗତ କରି ଗ୍ଲୋରୀଫେଷ୍ଟ,ଉତ୍କଳ ବିଦ୍ୱତ ପରିଷଦ,ଅଭିନନ୍ଦନିକା, ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ,ଆପଣଙ୍କ ସେବାରେ, ଭଏସ ଅଫ କମନମ୍ୟାନ,ଶ୍ରୀକ୍ଷେତ୍ର ପୁସ୍ତକ ମେଳା କମିଟି, ଟୁଇଟର ଆକ୍ଟିଭିଷ୍ଟ ଆସୋସିଏସନ ଆଦି ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା । ସମଜସେବୀ ଚକ୍ରଧର ମହାପାତ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଅନୁଷ୍ଠାନର ସାଧାରଣ ସମ୍ପାଦକ ରାଜେଶ ମହାନ୍ତି ସୂଚନା ମାଧମରେ ସଂସ୍କୃତ ଭାଷାର ପ୍ରଚାର ପାଇଁ ଶ୍ରୀମନ୍ଦିର ସମ୍ମୁଖରେ ସଦାଶିବ ପରିସର ଛାତ୍ରମାନଙ୍କ ଶ୍ରୀମନ୍ଦିର ଦ୍ୱାରଫିଟା ନୀତି ସମୟରେ ପ୍ରତିଦିନ ବେଦଧ୍ୱନି ଉଚ୍ଚାରଣ ପାଇଁ ପ୍ରସ୍ତାବ ଦେଇଥିଲେ । ମନୋଜ ରଥ ଧନ୍ୟବାଦ ଅର୍ପଣ କରିଥିଲେ । ବିଶ୍ୱନାଥ ମିଶ୍ର, ଶ୍ୟାମପ୍ରକାଶ ସେନାପତି, ହେକ୍ଟର ମିଶ୍ର ପ୍ରମୁଖ ମଂଚ ପରିଚାଳନା କରିଥିଲେ । ନାରାୟଣ ପାତ୍ର,ସତ୍ୟବ୍ରତ ଦାସ ସଂଗ୍ରାମ କାନୁନଗୋ, ସୌମ୍ୟରଞ୍ଜନ ମିଶ୍ର, ପୁଷ୍କର ସାହୁ, ପ୍ରଶାନ୍ତ କୁମାର ସାହୁ, ଦାମୋଦର ଶତପଥୀ,ବିଦ୍ରୋହ କେଶରୀ ସିଂ, ଜିତେନ୍ଦ୍ରନାଥ କଟିଶ ପ୍ରମୁଖ ଉପସ୍ଥିତ ରହି ସମସ୍ତ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।

# ବିଶ୍ୱ ଜଙ୍ଗଲ ଦିବସ ପାଳିତ

ମାଲକାନଗିରି,୨୨/୦୩(ନି.ପ୍ର): ମାଲକାନଗିରି ବନ ବିଭାଗ କାର୍ଯ୍ୟାଳୟ ସମ୍ମିଳନୀ ହଲରେ ବିଶ୍ୱ ଜଙ୍ଗଲ ଦିବସ ପାଳନ ହୋଇଯାଇଛି । ଡିଭିଜନାଲ ବନ ଅଧିକାରୀ ପ୍ରତାପ କୋଟାପଲ୍ଲୀଙ୍କ ଅଧକ୍ଷତାରେ, ବିଭିନ୍ନ ବନ ସୁରକ୍ଷା ସମିତିର ସଭାପତି ତଥା ମାଲକାନଗିରି ଡିଭିଜନର ସମସ୍ତ କର୍ମଚାରୀଙ୍କୁ ବିଶ୍ୱ ଜଙ୍ଗଲ ଦିବସ ପାଳନ ର ତାତ୍ପର୍ଯ୍ୟ ବିଷୟରେ ଅବଗତ କରାଇବା ପାଇଁ ପାଳନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଇକୋ କ୍ଲବ ମାଷ୍ଟର ଟ୍ରେନର-କମ-ସାମାଜିକ କର୍ମୀ ଦୁର୍ଯ୍ୟଧନ ପାତ୍ର ଓ ମାଲକାନଗିରି ବନ ବିଭାଗର ସମ୍ମାନିତ ବନ୍ୟପ୍ରାଣୀ ୱାର୍ଡେନ ରାମକୃଷ୍ଣ ଚୌଧୁରୀ ଏହି କାର୍ଯ୍ୟକ୍ରମରେ ସକ୍ରିୟ ଅଂଶଗ୍ରହଣ କରିଥିଲେ ଏବଂ ଦର୍ଶକଙ୍କୁ ବହୁମୂଲ୍ୟ ଭାଷଣ ଦେଇଥିଲେ । ଜଙ୍ଗଲ ତଥା ବନ୍ୟଜନ୍ତୁ ସଂରକ୍ଷଣରେ ପ୍ରଭାବଶାଳୀ ଅବଦାନ ପାଇଁ ମାଲକାନଗିରି ସବଡିଭିଜନ୍ ପାଇଁ ସର୍ପଲି ଗ୍ରାମପଞ୍ଚାୟତକୁ ଶ୍ରେଷ୍ଠ ଜିପିଭାବେ (ନଗଦ ପୁରସ୍କାର ୨୦୦୦୦ ଟଙ୍କା) ଏବଂ ମାଙ୍ଗିପାଲି ୟୁ.ପି ବିଦ୍ୟାଳୟକୁ ଶ୍ରେଷ୍ଠ ଅନୁଷ୍ଠାନ ଭାବେ (ନଗଦ ପୁରସ୍କାର ୧୦୦୦୦ ଟଙ୍କା) ପ୍ରଦାନ କରାଯାଇଥିଲା । ଡିଭିଜନାଲ ଫରେଷ୍ଟ ଅଧିକାରୀ ତାଙ୍କ ଅଭିଭାଷଣରେ ଜଙ୍ଗଲ ଅଗ୍ନିକାଣ୍ଡର ନିୟନ୍ତ୍ରଣ ଏବଂ ମନିଟରିଂ ଉପରେ ଗୁରୁତ୍ୱାରୋପ କରିଥିଲେ ଏବଂ ମୃତ୍ତିକାର ଆର୍ଦ୍ରତା ସଂରକ୍ଷଣ ସଂରଚନା ସୃଷ୍ଟି କରିବା ଭୂତଳ ଜଳ ରିଚାର୍ଜ ବୃଦ୍ଧିରେ କିପରି ସାହାଯ୍ୟ କରେ ସେ ବିଷୟରେ କହିଥିଲେ । ଶେଷରେ ଅତିଥିମାନଙ୍କୁ ଧନ୍ୟବାଦ ଅର୍ପଣ କରି ସଭା ସମାପ୍ତ କରାଯାଇଥିଲା । ସେହିପରି ମାଲକାନଗିରି ମହାବିଦ୍ୟାଳୟ ରେ ସବୁଜ ବାହିନୀ ପକ୍ଷରୁ ଅଧ୍ୟାପକ ଡ଼ଃ ରଞ୍ଜନ କୁମାର ସ୍ୱାଇଁଙ୍କ ଅଧକ୍ଷତା ରେ ବିଶ୍ୱ ଜଙ୍ଗଲ ଦିବସ ପାଳନ ହୋଇଥିଲା ।

# ପେଟ୍ରୋଲ ପମ୍ପରୁ ବନ୍ଧୁକ ମୁନରେ ୨୦ ଲକ୍ଷ ଟଙ୍କା ଲୁଟ

କେନ୍ଦୁଝର ,୨୨/୦୩ (ନି.ପ୍ର): କେନ୍ଦୁଝର ର ଏକ ପେଟ୍ରୋଲ ପମ୍ପରୁ ବନ୍ଧୁକ ମୁନରେ ୨୦ ଲକ୍ଷ ଟଙ୍କା ଲୁଟ ହେବା ଭଳି ଅଭାବନୀୟ ଘଟଣା ଘଟିଛି । ଏହି ଘଟଣା ସଦର ଥାନା ଅଂଚଳରେ ଘଟିଥିବା ବେଳେ ଅଦ୍ୟବଧି ପୋଲିସ ଲୁଟେରାଙ୍କ କୌଣସି ଟେର ପାଇ ନଥିବା ଜଣାପଡିଛି । ସଦର ଥାନ ର ପଦ୍ମପୁର ନିକଟସ୍ଥ ଜଡିଚାତର ଠାରେ ଥିବା ରିଲାନ୍ସ ପେଟ୍ରୋଲ ପମ୍ପରେ ଏହି ଲୁଟ ଘଟଣା ଘଟିଥିବା ବେଳେ ୬ ଜଣ ମୁଖା ଓ ହେଲମେଟ ପିନ୍ଧିଥିବା ଲୁଟେରା କର୍ମଚାରୀଙ୍କୁ ଭୁଜାଲି ଓ ବନ୍ଧୁକ ଦେଖାଇ ୨୦ ଲକ୍ଷ ଟଙ୍କା ନେଇ ଫେରାର ହୋଇଯାଇଛନ୍ତି । ଏ ସଂପର୍କରେ ସଦର ଥାନାରେ ଅଭିଯୋଗ ଦାୟର ହେବା ପରେ ପୋଲିସ ପକ୍ଷରୁ ତଦନ୍ତ ଆରମ୍ଭ ହୋଇଛି । ଆଜି ତଥା ସୋମବାର ଭୋର ପ୍ରାୟ ୪ ଟା ସମୟରେ ଏହି ଲୁଟ ଘଟଣା ଘଟିଛି । ଭୋରୁ ଭୋରରୁ ଅସ୍ତ୍ରଶସ୍ତ୍ରରେ ସଜ୍ଜିତ ହୋଇ ୬ ଜଣ ଲୁଟେରା ପଦ୍ମପୁର ଆଡୁ ଦୁଇଟି ବାଇକରେ ଆସି ରିଲାନ୍ସ ପେଟ୍ରୋଲ ପମ୍ପରେ ପହଂଚିଥିଲେ । ସେମାନେ ବ୍ୟବହାର କରିଥିବା ବାଇକ ମଧ୍ୟରେ ଗୋଟିଏ ପଲସର ଥିବା ବେଳେ ଅନ୍ୟଟି କେଟିଏମ ବାଇକ ଥିଲା । ଏବଂ ସେମାନଙ୍କ ଭିତରୁ କେହି କେହି ହେଲମେଟ ପିନ୍ଧିଥିବା ବେଳେ ଅନ୍ୟମାନେ ମୁଖା ପିନ୍ଧିଥିଲେ । ସେତେବେଳେ ପେଟ୍ରୋଲ ପମ୍ପରେ ଡ୍ୟୁଟିରେ ଥିବା ଜୟ ପ୍ରକାଶ ଦେହୁରୀ ଓ ତପନ କୁମାର ଖଟୁଆ ଙ୍କୁ ସେମାନେ ସେମାନଙ୍କର ଦୁଇଟି ବାଇକରେ ତେଲ ଭରିବାକୁ କହିଥିଲେ । ସେମାନଙ୍କର କହିବାନୁଶାରେ କର୍ମଚାରୀ ଦ୍ୱୟ ସେମାନଙ୍କର ବାଇକ ଦୁଇଟିରେ ପେଟ୍ରୋଲ ପକଇଥିଲେ । ପରେ ସେମାନେ ହଠାତ୍ ପେଟ୍ରୋଲ ପମ୍ପର ସୁରକ୍ଷା କର୍ମଚାରୀ ମଧୁସୂଦନ ଆପଟଙ୍କୁ କାବୁ କରିବା ସହ ମାଡ ମାରିଥିଲେ ଏବଂ ତାଙ୍କଠାରୁ ତାଙ୍କର ବନ୍ଧୁକ ସହ ୫ ରାଉଣ୍ଡ ଜୀବନ୍ତ ଗୁଳି ଛଡାଇ ନେଇଥିଲେ । ଏହା ପରେ ପରେ ଅନ୍ୟ ଦୁଇ ଜଣ କର୍ମଚାରୀ ଙ୍କୁ ବନ୍ଧୁକ ଓ ଭୁଜାଲିର ମୁନରେ ଭୟ ଦେଖାଇ ପେଟ୍ରୋଲ ପମ୍ପ କାର୍ଯ୍ୟାଳୟ କୁ ନେଇଥିଲେ ଏବଂ ସେଠାରେ ମ୍ୟାନେଜର ସୋଇଲେସ ମହାନ୍ତିଙ୍କୁ ବନ୍ଧୁକ ଦେଖାଇ ଭୟଭୀତ କରି କ୍ୟାସରୁ ଥିବା ୨୦ ଲକ୍ଷ ଟଙ୍କା ଧରି ଚମ୍ପଟ ମାରିଥିଲେ । ସେମାନେ ୨୦ ଲକ୍ଷ ଟଙ୍କା ସହ ଗୋଟିଏ ବନ୍ଧୁକ , ୪ ଟି ଜୀବନ୍ତ ଗୁଳି ଓ ୪ ଟି ମୋବାଇଲ ନେଇ ଅଭିଯୋଗ ହୋଇଛି । ପେଟ୍ରୋଲ ପମ୍ପର ମାଲିକ ଏହି ଲୁଟ ସଂପର୍କରେ ଜାଣିବା ପରେ ତୁରନ୍ତ ଥାନାରେ ଏତଲା ଦାୟର କରିତିଲେ । ସଦର ଥାନା ଅଧିକାରୀ ଜୟନାରାୟଣ ଖଣ୍ଡାଇ , ଏସ.ଆଇ ସୂର୍ଯ୍ୟକୁମାର ପାତ୍ର ପ୍ରମୁଖ ସଦଳବଳେ ଘଟଣା ସ୍ଥଳରେ ପହଂଚି ତଦନ୍ତ ଆରମ୍ଭ କରିବା ସହ କର୍ମଚାରୀ ମାନଙ୍କୁ ଥାନକୁ ନେଇ ଜେରା କରୁଛି । ପ୍ରକାଶ ଥାଉ କି ଯେ କେନ୍ଦୁଝର ରେ ଏବେ ଅପରାଧ ସଂଖ୍ୟା ବଢି ବଢି ଚାଲିଛି । ପଦ୍ମପୁର ଓ ତାର ନିକଟବର୍ତି ଅଂଚଳରେ ଚୋରୀ , ଲୁଟ , ଚିଟଂଇ ରାହାଜାନୀ ଆଦି ନାନା ଅପରାଧମାନ ଘଟିବାରେ ଲାଗିଥିଲେ ଏ ସବୁ ରୋକିବା କିମ୍ବା ଅପରାଧି ଧରିବା ଦିଗରେ ପୋଲିସ ଅସଫଳ ହେଉଛି । ଏହାକୁ ନେଇ ବୁଦ୍ଧିଜୀବି ମହଲ ଚିନ୍ତା ପ୍ରକଟ କରିଛନ୍ତି ।

# ରାଇରଙ୍ଗପୁରଠାରେ ଦିବ୍ୟାଙ୍ଗ ସେବା କେନ୍ଦ୍ର ଓ ସକ୍ଷମ ପାଠଶାଳା ଲୋକାର୍ପିତ

ରାଇରଙ୍ଗପୁର,୨୨/୦୩ (ନି.ପ୍ର): ରାଇରଙ୍ଗପୁର ସହରର ପ୍ରଫୁଲ୍ଲ ମହାନ୍ତଙ୍କ ଦ୍ୱିତୀୟ ପ୍ରାସାଦରେ ଦିବ୍ୟାଙ୍ଗ ସେବା କେନ୍ଦ୍ର ଓ ସକ୍ଷମ ପାଠଶାଳା ଲୋକାର୍ପିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବୈଜ୍ଞାନିକ ଶରତ ଜୀ ଓ ମୁଖ୍ୟବକ୍ତା ଭାବେ ସକ୍ଷମ ଝାଡ଼ଖଣ୍ଡର ସହସମ୍ପାଦକ ଅଜିତ କୁମାର ଜୀ ଯୋଗ ଦେଇ ଫିତା କାଟି ଉଦଘାଟନ କରିଥିଲେ । ଏହି କାର୍ଯ୍ୟକ୍ରମ କୁ ମୟୂରଭଞ୍ଜ ଜିଲ୍ଲା ରାଇରଙ୍ଗପୁର ୟୁନିଟର ସଂଯୋଜକ ଭାଗବତ ମହାନ୍ତ ଓ ପୂର୍ବ ଓଡିଶା କର୍ମ ଫାଉଣ୍ଡେସନର ଚେୟାରମ୍ୟାନ ବୀର କିଶୋର ମହାନ୍ତ ପରିଚାଳନା କରିଥିଲେ । ସମ୍ମାନ୍ନିତ ଅଥିତି ଭାବେ ପ୍ରଦୀପ କୁମାର ପଟ୍ଟନାୟକ (ଏଡ଼ଭୋକେଟ), ମଧୁସ୍ମିତା ମହାନ୍ତ (ଟ୍ରଷ୍ଟି ସଭ୍ୟ ), ସରୋଜ କୁମାର ସାହୁ (ଇ. ସି. ସଦସ୍ୟ, ଭାରତ ସରକାର ), ଗୋପାଳ ଟିୟୁ (ସମାଜସେବୀ ), ପ୍ରଫୁଲ୍ଲ କୁମାର ମହାନ୍ତ (ସମାଜସେବୀ ), ଅନିଲ ଚଉଡା (ଡାଇରେକ୍ଟର ଶ୍ରୀ ବିଦ୍ୟା ବାଟିକା ), ଗୁପ୍ତାଞ୍ଜାଳୀ ନାଏକ (ଡାଇରେକ୍ଟର ), ବଂଗେସ ସେଠି (ସକ୍ଷମ ଜିଲ୍ଲା ଉପସଭାପତି ), ଗୋପୀନାଥ ମହାନ୍ତ ପ୍ରମୁଖ ମଂଚାସୀନ ଥିଲେ । ଏହି କାର୍ଯ୍ୟକ୍ରମ ରେ ରାଇରଙ୍ଗପୁର ଉପଖଣ୍ଡ ର ୭ ଟି ବ୍ଲକ ଓ ଝାଡ଼ଖଣ୍ଡ ପ୍ରଦେଶ ର ୩ ଟି ବ୍ଲକ ର ୨୦ ଜଣ ଦିବ୍ୟାଙ୍ଗଙ୍କୁ ଉତରୀୟ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା । ମୁଖ୍ୟଅତିଥି କୁହନ୍ତି ଦିବ୍ୟାଙ୍ଗ ସେବା କେନ୍ଦ୍ର ସାରା ଭାରତ ବର୍ଷରେ କାର୍ଯ୍ୟକରୁଅଛି । ଯାହାଫଳରେ ଦିବ୍ୟାଙ୍ଗ ମାନଙ୍କର ବିଭିନ୍ନ ଦିଗରେ ବିକାଶ ହୋଇପାରୁଛି । ଏହା ସହ ସେମାନଙ୍କୁ ନିଶୁଳ୍କ ପାଠ ପଢା ସମେତ କମ୍ପ୍ୟୁଟର ଶିକ୍ଷା ମଧଦିଆଯିବ । ଦିବ୍ୟାଙ୍ଗ ମାନଙ୍କର ଶାରୀରିକ ଉନ୍ନତି ପାଇଁ ବିଭିନ୍ନ ସ୍ଥାନକୁ ପଠାଯିବା ସହ ତାଙ୍କୁ ଯୋଗ ଶିକ୍ଷା ମଧ ଦିଆଯିବ ।

# ବଲାଙ୍ଗିର ବିଚାର ବିଭାଗରେ ୨୫ ବର୍ଷ କାମ କରିଥିବା କର୍ମଚାରୀଙ୍କୁ ସମ୍ବର୍ଦ୍ଧନା

ବଲାଙ୍ଗିର ,୨୨/୦୩ (ନି.ପ୍ର): ସ୍ଥାନୀୟ ସିଭିଲ କୋର୍ଟ ପରିସରରେ ଗତକାଲି ସନ୍ଧ୍ୟା ୭ ଘଂଟା ସମୟରେ ଏକ ଆଡ଼ମ୍ବରପୂର୍ଣ୍ଣ ସମାବେଶରେ ପଚିଶ ବର୍ଷ ଚାକିରୀ ସମୟ ପୂରଣ କରି ସାରିଥିବା ସମସ୍ତ କୋର୍ଟ କର୍ମଚାରୀ ଙ୍କୁ ବଲାଙ୍ଗିର ଜିଲ୍ଲା ଓ ଦୌରା ଜଜ ଲୋକନାଥ ମହାପାତ୍ର ଙ୍କ ସଭାପତିତ୍ୱ ରେ ସମ୍ବର୍ଦ୍ଧନା କମିଟି ର ଅଧକ୍ଷ ଶ୍ରୀମତୀ ଅଜନ୍ତା ଷଡଙ୍ଗୀ ଏବଂ ବଲାଙ୍ଗିର ବିଚାର ବିଭାଗ କର୍ମଚାରୀ ସଂଘ ର ସଭାପତି ପ୍ରକାଶ କୁମାର ନେପାକ ଙ୍କ ସଂଯୋଜନା ରେ ସଭାକାର୍ଯ୍ୟ ଅନୁଷ୍ଠିତ ହୋଇ ୬୨ ଜଣ ବରିଷ୍ଠ କର୍ମଚାରୀ ଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଜିଲ୍ଲା ଜଜ ଲୋକନାଥ ମହାପାତ୍ର, ଭିଜିଲାନ୍ସ ଜଜ ଶ୍ରୀମତୀ ଅଜନ୍ତା ଷଡଙ୍ଗୀ, ଅତିରିକ୍ତ ଜିଲ୍ଲା ଜଜ (ପସ୍କୋ) ଶ୍ରୀ ପ୍ରଶାନ୍ତ କୁମାର ନାୟକ, ବଲାଙ୍ଗିର ଅତିରିକ୍ତ ଜିଲ୍ଲା ଜଜ ଶ୍ରୀମତୀ ଇତିଶ୍ରୀ ମହାପାତ୍ର , ଟିଟିଲାଗଡ଼ ଅତିରିକ୍ତ ଜିଲ୍ଲା ଜଜ ରାଜକିଶୋର ମହାପାତ୍ର , ଏବଂ ପାଟଣାଗଡ଼ ଅତିରିକ୍ତ ଜିଲ୍ଲା ଜଜ ଶ୍ୱେତା ମିଶ୍ର ସମସ୍ତ ବରିଷ୍ଠ କର୍ମଚାରୀ, ବରିଷ୍ଠ ଷ୍ଟେନୋ ଓ ଟାଇପିଷ୍ଟ, ଅମିନ କମିଶନର , ପ୍ରୋସେସ ସର୍ଭରର ଙ୍କୁ ମାନପତ୍ର, ମୋମେଂଟୋ ତଥା ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ । ସଭାକାର୍ଯ୍ୟ ଦୀପ ପ୍ରଜ୍ୱଳନ ସହ ଶ୍ରଦ୍ଧାଞ୍ଜଳି ମେହେର ଓ ଅନିଲ ତ୍ରିପାଠୀ ଙ୍କ ସଂଯୋଜନା ରେ ଅନ୍ୟ କର୍ମଚାରୀ ଙ୍କ ସହ ପ୍ରାରମ୍ଭିକ ସଂଗୀତ ପରିବେଷଣ କରାଯାଇଥିଲା । ସଂଘ ର ସଭାପତି ପ୍ରକାଶ ନେପାକ ସ୍ୱାଗତ ଭାଷଣ ରେ ଜିଲ୍ଲା ଜଜ ତଥା ବିଚାର ବିଭାଗୀୟ ଅଧିକାରୀ ମାନଙ୍କ ଏହି ସମ୍ବର୍ଦ୍ଧନା କୁ ଏକ ଐତିହାସିକ ପଦକ୍ଷେପ ବୋଲି ବର୍ଣ୍ଣନା କରିଥିଲେ । ଜିଲ୍ଲା ଜଜ ଏହି ଅବସରରେ ନ୍ୟାୟମୂର୍ତ୍ତି ଓଡିଶା ହାଇକୋର୍ଟ ବିଶ୍ୱନାଥ ରଥ ଙ୍କ ବାର୍ତା ପାଠ କରିଥିଲେ ଏବଂ ସମାବେଶ କୁ ଉଦବୋଧନ ଦେଇ ସମସ୍ତ କର୍ମଚାରୀଙ୍କ ନ୍ୟାୟାଳୟ ମାନଙ୍କରେ ନ୍ୟାୟ ପ୍ରଦାନ ପ୍ରକ୍ରିୟା ରେ ସହଭାଗିତା କୁ ଭୂୟସୀ ପ୍ରଂଶସା କରିଥିଲେ । ସମ୍ବର୍ଦ୍ଧନା କମିଟି ଅଧକ୍ଷ ଶ୍ରୀମତୀ ଷଡଙ୍ଗୀ ଭବିଷ୍ୟତ ରେ ମଧ ଏହି ଭଳି ସମ୍ବର୍ଦ୍ଧନା ସଭା ଆୟୋଜନ କରି କର୍ମଚାରୀ ମାନଙ୍କର ଭୂମିକାକୁ ସ୍ୱୀକୃତି ପ୍ରଦାନ କରିବା ଉଚିତ ବୋଲି ମତ ପ୍ରକାଶ କରିଥିଲେ । ସାଂସ୍କୃତିକ କାର୍ଯ୍ୟକ୍ରମ ରେ ସମ୍ବଲପୁରୀ ନୃତ୍ୟ ତଥା ରସରାଜ କବି ଅଚ୍ୟୁତ ପୁରୋହିତ ଙ୍କ ଦ୍ୱାରା ବ୍ୟଙ୍ଗ କବିତା ଆବୃତ କରାଯାଇଥିଲା । ଜିଲ୍ଲା ଜଜ ଅଚ୍ୟୁତ ପୁରୋହିତ ଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ଏହି କାର୍ଯ୍ୟକ୍ରମ ଜରିଆରେ ସଂଘର ବାର୍ଷିକୋତ୍ସବ ମଧ ପାଳିତ ହୋଇଥିଲା । ବଲାଙ୍ଗିର ଜିଲ୍ଲା ର ସମସ୍ତ ବରିଷ୍ଠ ତଥା କନିଷ୍ଠ ବିଚାରବିଭାଗୀୟ ଅଧିକାରୀ ତଥା କର୍ମଚାରୀ ମାନେ ଯୋଗଦାନ କରିଥିଲେ । ସଭାରେ ସଂଘର ଉପଦେଷ୍ଟା ପଞ୍ଚାନନ ପଟ୍ଟନାୟକ ଉଦବୋଧନ ଦେଇଥିଲେ ଏବଂ ଦୂତିଆ ଦେହୁରୀ ଧନ୍ୟବାଦ ଅର୍ପଣ କରିଥିଲେ । ସଂଘ ର ସମ୍ପାଦକ ଆଶିଷ ଥାନାପତି, ଉପସଭାପତି ଲକ୍ଷ୍ମୀ ସିଂ, କୋଷଧକ୍ଷ ଆକାଶ ତ୍ରିପାଠୀ, ସହ ସମ୍ପାଦକ ସବୀର ହୁସେନ ଓ ଶ୍ରଦ୍ଧାଞ୍ଜଳି ମେହେର, ପ୍ରେମାନନ୍ଦ ପଟେଲ କାର୍ଯ୍ୟକ୍ରମ କୁ ସଫଳ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ । ଜିଲ୍ଲା ଜଜ ସିରସ୍ତାଦର ରାଜେନ୍ଦ୍ର ଦାସ, ହେଡ଼ କ୍ଲର୍କ ଦଧିବାବନ ଶତପଥି, ବଳରାମ ମେହେର, ଦିଲୀପ ମିଶ୍ର, ହରିବନ୍ଧୁ ବଗର୍ତି, କୋର୍ଟ ମ୍ୟାନେଜେର ପ୍ରିତିରାଣୀ ନାଗ, ସିଷ୍ଟମଅଫିସର ଅନିଲ ଦାସ, ଉତମ ପଣ୍ଡା ଓ ନିଁଜ଼ାରତ ର ଶୁଭ୍ରାସୁ ବାଗ, ସୁବ୍ରତ ମିଶ୍ର ଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନ ରେ ଏହି ସମାବେଶ ସଫଳ ହୋଇଥିଲା ।

# ଭୁବନରେ ବିଜେଡିର ବିଶାଳ ଶୋଭାଯାତ୍ରା ଆଳରେ ଶକ୍ତି ପ୍ରଦର୍ଶନ ସକାଳେ ପଦଯାତ୍ରା : ଅପରାହ୍ନରେ ବାଇକ ରାଲି

ଭୁବନ,୨୨/୦୩ (ନି.ପ୍ର): ଚଳିତ ପୌର ନିର୍ବାଚନର ଆସନ୍ତା କାଲି ହେଉଛି ପ୍ରଚାର ର ଅନ୍ତିମ ଦିବସ । ଏଥି ସକାଶେ ଆଜି ବିଜୁ ଜନତା ଦଳ ତରଫରୁ ବିଶାଳ ଶୋଭାଯାତ୍ରା ଓ ବାଇକ ରାଲି ଅନୁଷ୍ଠିତ ହୋଇ ଶକ୍ତି ପ୍ରର୍ଶନ କରାଯାଇଥିଲା । ସ୍ଥାନୀୟ ବିଧାୟକ ତଥା ରାଜ୍ୟ ଖଣି ଇସ୍ପାତ ଓ ପୂର୍ତ ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ ନିଜେ ପ୍ରଚାରରେ ସାମିଲ ହୋଇଥିଲେ । ଦିବା ୧୦ ଘଟିକା ସମୟରେ ପ୍ରଥମେ ପାଲାମଣ୍ଡପ ନିକଟରୁ ପ୍ରାୟ ୩ ହଜାରରୁ ଉର୍ଦ୍ଧ୍ୱ ମହିଳା , ଛାତ୍ର, ଯୁବକ ଦଳୀୟ ସମର୍ଥକ ପ୍ରଚାରରେ ୪ ନମ୍ବର ୱାର୍ଡ ରୁ ବାହାରି ୫ ୮,୯,୧୦,୧୧,୧୨,୧୩,୧୪,୧୫ ୭,୬ ,୧ ଓ ୨ ନମ୍ବର ୱାର୍ଡ ପରିକ୍ରମା କରିଥିଲେ । ଅପରାହ୍ନରେ ୨ ନମ୍ବର ୱାର୍ଡ ସ୍ଥିତ ନୂଆ ଭୁବନ ଶିବ ମନ୍ଦିର ସମ୍ମୁଖରୁ ପ୍ରାୟ ୫ ଶହରୁ ଉର୍ଦ୍ଧ୍ୱ ମୋଟର ସାଇକେଲରେ ସହସ୍ରାଧିକ ଯୁବ ବିଜେଡି କର୍ମୀ ତଥା ଦଳୀୟ ସମର୍ଥକ ବାଇକ ରାଲିରେ ବାହାରି ସହର ପରିକ୍ରମା କରିଥିଲେ । ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ ରାଜ୍ୟ ସରକାର ଙ୍କ ବିକାଶମୁଖୀ ତଥା ଜନକଲ୍ୟାଣ ଯୋଜନା ସଂପର୍କରେ ଲୋକଙ୍କୁ ଅବଗତ କରାଇ ଏକ ସମୃଦ୍ଧ ଭୁବନ ଗଢିବା ପାଇଁ ବିଜୁ ଜନତା ଦଳ ପ୍ରାର୍ଥୀ ମାନଙ୍କୁ ଶଙ୍ଖ ଚିହ୍ନରେ ଡବଲ ଭୋଟ ଦେଇ ଆଶୀର୍ବାଦ କରିବାକୁ ନିବେଦନ କରିଥିଲେ । ବିଭିନ୍ନ ସ୍ଥାନରେ ନଗରପାଳ ପ୍ରାର୍ଥୀ ଶୁଭେନ୍ଦୁ ସାହୁ (ମୁନ୍ନା) ଙ୍କୁ ମହିଳା ମାନେ ଫୁଲ ମାଳ ପିନ୍ଧାଇ ବନ୍ଦାପନା କରିବା ସହ ଆଶୀର୍ବାଦ ପ୍ରଦାନ କରିଥିଲେ । ଏନଏସି ନଗରପାଳ ପ୍ରାର୍ଥୀ ଶୁଭେନ୍ଦୁ ସାହୁ ଙ୍କ ସମେତ ୧୫ ଟି ୱାର୍ଡ ର କାଉନସିଲର ପ୍ରାର୍ଥୀ/ ପ୍ରାର୍ଥୀନୀ ମାନେ ରାଲିରେ ଯୋଗଦେଇଥିଲେ । 'ବିଜେଡିର ଦେଖି ଠାଣୀ ବାଣୀ, ବିରୋଧୀଙ୍କର ଭାଳେଣି ପଡ଼ିଲାଣି ବୋଲି କର୍ମୀ ମାନେ ନାରାବାଜି କରୁଥିବା ଦେଖିବାକୁ ମିଳିଥିଲା ।

# ବରିଷ୍ଠ ଆଇନଜୀବୀ ତଥା ସମାଜସେବୀ ଉମେଶ ଚନ୍ଦ୍ର ପ୍ରଧାନଙ୍କୁ ଶ୍ରଦ୍ଧାଞ୍ଜଳି

ସମ୍ବଲପୁର ,୨୨/୦୩ (ନି.ପ୍ର): ଗତ ୧୨ ତାରିଖରେ ଏକ ସଡକ ଦୁର୍ଘଟଣାରେ ପ୍ରାଣ ହରାଇଥିବା ବରିଷ୍ଠ ଆଇନଜୀବୀ ତଥା ବିଶିଷ୍ଟ ସମାଜସେବୀ ଉମେଶ ଚନ୍ଦ୍ର ପ୍ରଧାନଙ୍କ ଆଜି ଥିଲା ଦଶାହ । ଏହି ଅବସରରେ ଅଞ୍ଚଳର ସର୍ବପୁରାତନ ଅଗ୍ରଣୀ ସାମାଜିକ, ସାଂସ୍କୃତିକ, କ୍ରୀଡା ତଥା ସ୍ୱେଚ୍ଛାସେବୀ ଅନୁଷ୍ଠାନ ଉତ୍କଳ ସଂଘ ପକ୍ଷରୁ ଏକ ଶ୍ରଦ୍ଧାଞ୍ଜଳି ସଭାର ଆୟୋଜନ କରାଯାଇଥିଲା । ସ୍ଥାନୀୟ ସାକ୍ଷୀଗୋପିନାଥପଡା ର ସାକ୍ଷୀଗୋପିନାଥ ମନ୍ଦିର ପ୍ରାଙ୍ଗଣ ରେ ହୋଇଥିବା ଏହି ଶ୍ରଦ୍ଧାଞ୍ଜଳି ସଭା ଅନେକ ପ୍ରତିଷ୍ଠିତ ବ୍ୟକ୍ତି ବିଶେଷ ଯୋଗ ଦେଇଥିଲେ । ପ୍ରଥମେ ତାଙ୍କର ପବିତ୍ର ଓ ଅମର ଆତ୍ମାର ଶାନ୍ତି ଓ ସଦଗତି ପାଇଁ ନିରବ ପ୍ରାର୍ଥନା କରାଯାଇଥିଲା । ପରେ ଉପସ୍ଥିତ ଅଞ୍ଚଳବାସୀ ନିଜ ନିଜର ଶ୍ରଦ୍ଧାଞ୍ଜଳି ଅର୍ପଣ ପରେ ସ୍ୱର୍ଗତଃ ପ୍ରଧାନଙ୍କର ମହାନତା, ବିଶେଷତା, ସୁଗୁଣ, ସୁଚରିତ୍ର ସଙ୍ଗେ ସଙ୍ଗେ ସମାଜ ପ୍ରତି ତାଙ୍କର ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ । ସ୍ୱର୍ଗତଃ ପ୍ରଧାନ ଜଣେ ଜ୍ଞାନୀ, ଗୁଣି, ସତଚରିତ୍ର, ମିଷ୍ଟଭାଷୀ, ମେଳାପୀ ଓ ସମାଜସେବୀ ବ୍ୟକ୍ତି ଭାବରେ ଅଞ୍ଚଳରେ ବେଶ ଜଣାଶୁଣା ଥିଲେ । ସେ ପୂର୍ବତନ କାଉନସିଲର ଥିବା ସଙ୍ଗେ ସଙ୍ଗେ ଉତ୍କଳ ସଂଘର ପୂର୍ବତନ ସଭାପତି, ସମ୍ବଲପୁର ଜିଲ୍ଲା କ୍ରୀଡ଼ା ସଂଘ ର ପରିଷଦ ସଭ୍ୟ, ସାକ୍ଷୀଗୋପୀନାଥ ମନ୍ଦିର ଟ୍ରଷ୍ଟ ର ଟ୍ରଷ୍ଟି, ନାମଯଜ୍ଞ କମିଟି ର ସଭାପତି ଭଳି ଅନେକ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ରେ ନିଜର କାର୍ଯ୍ୟକୁଶଳତା ର ଉତ୍କୃଷ୍ଟତା ପ୍ରଦର୍ଶନ କରିସାରିଛନ୍ତି । ଅଞ୍ଚଳରେ ଅନେକ ପ୍ରସଙ୍ଗରେ ତାଙ୍କର ସୁନାମ ରହିଥିବା ବେଳେ କୌଣସି ସାମାଜିକ କିମ୍ବା ପାରିବାରିକ ବିବାଦ ଗୁଡିକରେ ସର୍ବାଗ୍ରାହୀ, ନିରପେକ୍ଷ ଓ ଦୃଢ଼ ଫେସଲା କରିବାରେ ଚର୍ଚ୍ଚିତ ବ୍ୟକ୍ତିତ୍ୱ ର ଅଧିକାରୀ ଥିଲେ ।

ଉତ୍କଳ ସଂଘର ସମ୍ପାଦକ ତଥା ଜିଲ୍ଲା କ୍ରୀଡା ସଂଘର ଉପସଭାପତି ଦୁଲାଲ ଚନ୍ଦ୍ର ପ୍ରଧାନଙ୍କ ସଭାପତିତ୍ୱ ରେ ଆୟୋଜିତ ଏହି ଶ୍ରଦ୍ଧାଞ୍ଜଳି ସଭାକୁ ମାନସ ରଞ୍ଜନ ବକ୍ସି ପରିଚାଳନା କରିଥିବା ବେଳେ ପ୍ରସନ୍ନ କୁମାର ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ । ଆଜିର ଏହି ଶ୍ରଦ୍ଧାଞ୍ଜଳି ସଭାରେ ସ୍ୱର୍ଗତଃ ପ୍ରଧାନ ଙ୍କ ବଡଭାଇ ବିକ୍ରମ ପ୍ରଧାନ ଜିଲ୍ଲା କ୍ରୀଡା ସଂଘ ର ସମ୍ପାଦକ ସୁନିଲ କୁମାର ସାହୁ ଖେଳକୁଦ ସମ୍ପାଦକ ବିକାଶ ମିଶ୍ର ପରିଷଦ ସଭ୍ୟ ସୁବୋଧ ସାହୁ, ପଦ୍ମନାଭ ନାଏକ, ବିଭୁତି ମିଶ୍ରଙ୍କ ସମେତ ଅଞ୍ଚଳର ଦୀପକ ବହିଦାର, ପ୍ରଫୁଲ୍ଲ ବେବର୍ତା, ଜ୍ଞାନ ପଟ୍ଟନାୟକ, ତରଣୀ ପାଣିଗ୍ରାହୀ, ତ୍ରିବିକ୍ରମ ସ୍ୱାଇଁ, ରାମଦୟାଲ ତ୍ରିପାଠୀ, ବାପି ପଟ୍ଟନାୟକ, ଗିରିଧର ବାରିକ, ସୁଶାନ୍ତ କୁମାର ସାହୁ, ମୁକୁନ୍ଦ ସାହୁ, ମୀନକେତନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

# ଫଲଗୁ ସାହିତ୍ୟ ସଂସଦର ବସନ୍ତ ଉତ୍ସବ

ଗଞ୍ଜାମ,୨୨/୦୩ (ନି.ପ୍ର): ସ୍ଥାନୀୟ କେ ସି ପବ୍ଲିକ ସ୍କୁଲ ପରିସର ସମ୍ମିଳନୀ କକ୍ଷରେ ଫଲଗୁ ସାହିତ୍ୟ ସଂସଦର ବସନ୍ତ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ସଭାପତି ପ୍ରଫେସର ବିଷ୍ଣୁ ଚରଣ ଚୌଧୁରୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବକୁ ମୁଖ୍ୟ ଅତିଥି ଜଷ୍ଟିସ ଅବନୀ ରଞ୍ଜନ ଦାସ ପ୍ରଦୀପ ପ୍ରଜ୍ୱଳନ କରି ଉଦ୍ଘାଟନ କରିଥିଲେ । ମୁଖ୍ୟବକ୍ତା ଭାବେ ପ୍ରଫେସର ମେଜର ରମା ରମଣ ପାଢ଼ୀ ଯୋଗ ଦେଇଥିଲେ । ଓଡ଼ିଆ ଭାଷା ସାହିତ୍ୟର ଉନ୍ନତି ଦିଗରେ ଗୁଣାତ୍ମକ ସାହିତ୍ୟ ରଚନା ପାଇଁ ସାହିତ୍ୟିକ ମାନେ ବ୍ରତୀ ହେବା ପାଇଁ ପ୍ରଫେସର ପାଢ଼ୀ ଆହ୍ୱାନ ଦେଇଛନ୍ତି । ସଂପ୍ରତି ଯୁବ ସମାଜ ସାହିତ୍ୟ ଓ ସଂସ୍କୃତି ଠାରୁ ଦୂରେଇ ଆଧୁନିକ ଜୀବନ ଶୈଳୀ ରେ ଯେଉଁ ସୁଖ ଖୋଜୁଛନ୍ତି ଏହା ସେମାନଙ୍କୁ ଶାନ୍ତି ଦେବ ନାହିଁ ବରଂ ବାସ୍ତବ ଧର୍ମୀ ସାହିତ୍ୟ ସେମାନଙ୍କ ପାଇଁ ଜୀବନ ମାନ ନିର୍ଦ୍ଧାରଣ ରେ ସକ୍ଷମ ବୋଲି ମୁଖ୍ୟ ଅତିଥି ଜଷ୍ଟିସ ଅବନୀ ରଞ୍ଜନ ଦାଶ ନିଜ ବକ୍ତବ୍ୟ ରେ କହିଥିଲେ ।

ସାଧାରଣ ସମ୍ପାଦକ ଡାକ୍ତର ସାଗର ରଞ୍ଜନ ତ୍ରିପାଠୀ ଫଲଗୁ ସାହିତ୍ୟ ସଂସଦ ବିବରଣୀ ପାଠ କରିଥିଲେ ଏହା ସହ ଯୁବ ସମାଜଙ୍କ ନିକଟରେ ଫଲଗୁ ପହଂଚି ସେମାନଙ୍କ ସାହିତ୍ୟ ପ୍ରତିଭା ଉନ୍ମୋଚନ କରି ନୂତନ ପିଢ଼ି ସାହିତ୍ୟିକ ସୃଷ୍ଟି କରିବା ପାଇଁ ପ୍ରୟାସ କରିବ ବୋଲି ଡାକ୍ତର ତ୍ରିପାଠୀ କହିଥିଲେ । ଫଲଗୁ ସାହିତ୍ୟ ସଂସଦର ଉପଦେଷ୍ଟା ପ୍ରଫେସର ବ୍ରଜ ମୋହନ ଶାସମଲଙ୍କ ରଚିତ ଏକ ଓଡ଼ିଆ ଶିଶୁ କବିତା ସଂକଳନ ଜହ୍ନି ଫୁଲ ଠୋ ଠା ଏବଂ ବିଦେଶ ଭ୍ରମଣ କାହାଣୀ ଅନୁଭୂତିରେ ପ୍ରାଚ୍ୟ ଓ ପାଶ୍ଚାତ୍ୟ ଦେଶ ଭ୍ରମଣ କାହାଣୀ ଉନ୍ମୋଚନ କରାଯାଇଥିଲା । ସଂସଦ ସଭାପତି ପ୍ରଫେସର ବିଷ୍ଣୁ ଚରଣ ଚୌଧୁରୀ ଫଲଗୁ ସାହିତ୍ୟ ସଂସଦର ସଦସ୍ୟଙ୍କୁ ଉଦବୋଧନ ଦେଇ କହିଥିଲେ ଯେ, ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତିର ଉନ୍ନତି ପାଇଁ ସାହିତ୍ୟିକ ମାନେ ବ୍ରତୀ ରହି ସାମାଜିକ ଜୀବନ ରେ ଘଟି ଯାଉଥିବା ଘଟଣା ସମୁହ କୁ ଲେଖନୀ ଚାଳନା ମାଧ୍ୟମ ରେ ଫୁଟେଇବା ପାଇଁ ଯତ୍ନଶୀଳ ହୁଅନ୍ତୁ । ଓଡ଼ିଆ ଭାଷା ସାହିତ୍ୟ ଉନ୍ନତି ପାଇଁ ଫଲଗୁ ଚାରି ଦଶନ୍ଧି ଧରି ଯେଉଁ ପ୍ରୟାସ କରି ଆସୁଚି ଏହା ବିରଳ । ଅନେକ ପ୍ରତିଭା ଙ୍କ ପାଇଁ ଫଲଗୁ ପରିଚୟ ଦେଇ ନିଜସ୍ୱ ପରିଚୟ ସୃଷ୍ଟି କରି ପାରିଛି ବୋଲି ପ୍ରଫେସର ଚୌଧୁରୀ କହିଥିଲେ । ଅମିତା ମିଶ୍ର, ଡ ସନ୍ତୋଷ କୁମାର ଦା. ଭରତ ପଣ୍ଡା, ହାଡିବନ୍ଧୁ ମାଳି, ଅବନୀ ରଞ୍ଜନ ଦାସ, ସୁଖେନ୍ଦୁ ଦାସ, ଡ. ବନମାଳୀ ପାଣିଗ୍ରାହୀ ପ୍ରମୁଖ କବିତା ପାଠ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ସୂଚନା ପାଢ଼ୀ, କୃଷ୍ଣଚନ୍ଦ୍ର ତ୍ରିପାଠୀ, ପଦ୍ମିନୀ ମିଶ୍ର, ଇଂ. ଆଶୁତୋଷ ପାତ୍ର ସୁରେଶ ଚନ୍ଦ୍ର ମହାପାତ୍ର ତ୍ରିନାଥ ନାୟକ ଶରତ ଚନ୍ଦ୍ର ଦାସ ପ୍ରମୁଖ ଉପସ୍ଥିତ ଥିଲେ । ଶେଷରେ ଯୁଗ୍ମ ସମ୍ପାଦକ ଦୀନବନ୍ଧୁ ଶ୍ରୀ ପଲ୍ଲବ ଧନ୍ୟବାଦ ଅର୍ପଣ କରିଥିଲେ ।

# ବ୍ଲକ ସ୍ତରୀୟ ଜନଶୁଣାଣି କାର୍ଯ୍ୟକ୍ରମ

କନ୍ଧମାଳ ,୨୨/୦୩ (ନି.ପ୍ର): କନ୍ଧମାଳ ଜିଲ୍ଲା ଖଜୁରୀପଡା ପଞ୍ଚାୟତ ସମିତି ସଭାଗୃହରେ ଆଜି ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ କର୍ମନିଯୁକ୍ତି ଯୋଜନାର ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ଗୋଷ୍ଠୀ ଉନ୍ନୟନ ଅଧିକାରୀ ରବିନ୍ଦ୍ରନାଥ କହଁର ଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିବା ଏହି ବୈଠକରେ ପଞ୍ଚାୟତ ସମିତି ଅଧିନସ୍ଥ ବିଭିନ୍ନ ବିଭାଗର ଅଧିକାରୀ ଏବଂ ପଦସ୍ଥ କର୍ମଚାରୀ ଉପସ୍ଥିତ ରହି ମନରେଗା ମାଧମରେ କେନ୍ଦ୍ର ସରକାର ଙ୍କ ଯୋଜନାରେ କେତେଦୂର କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି ସେସବୁର ସମୀକ୍ଷା କରାଯିବା ସହ ନବ ନିର୍ବାଚିତ ଜନପ୍ରତିନିଧି ମାନଙ୍କୁ ସୁଚନା ପ୍ରଦାନ ଏବଂ ବିଭାଗୀୟ କର୍ମଚାରୀମାନଙ୍କୁ ତୁରନ୍ତ ସାତଦିନ ଭିତରେ ସମସ୍ୟା ଥିବା କାମକୁ ତ୍ୱରାନ୍ୱିତ କରିବାକୁ ଗୋଷ୍ଠୀ ଉନ୍ନୟନ ଅଧିକାରୀ ରବିନ୍ଦ୍ରନାଥ କହଁର ନିର୍ଦ୍ଦେଶ ଦେଇଥିଲେ । ଆଜି ସମିକ୍ଷା ବୈଠକରେ ଖଜୁରୀପଡା ଚାରି ନମ୍ବର ନବନିର୍ବାଚିତ ଜିଲ୍ଲା ପରିଷଦ ସଭ୍ୟା ଶ୍ରୀମତୀ ଉର୍ବଶୀ ଦିଗାଲ ଙ୍କ ସହ ୧୪ ଗ୍ରାମପଞ୍ଚାୟତର ନବନିର୍ବାଚିତ ସରପଞ୍ଚ ଏବଂ ସମିତିସଭ୍ୟ ସଭ୍ୟା ପ୍ରମୁଖ ଉପସ୍ଥିତ ଥିଲେ । ସାମାଜିକ ସମିକ୍ଷାରେ କାର୍ଯ୍ୟ କରୁଥିବା ଭିଆରପିଙ୍କ ସମିକ୍ଷା ତଥ୍ୟକୁ ବ୍ଲକ ସାମାଜିକ ସମୀକ୍ଷା ଅଧିକାରୀ ରମାକାନ୍ତ ଦାସ ବିଭିନ୍ନ ବିଭାଗରେ ରହିଥିବା ସମସ୍ୟାକୁ ଶୁଣାଣୀ କରିଥିଲେ ।

ଆଜିର ସମୀକ୍ଷା ବୈଠକରେ ମୁଖ୍ୟତଃ ବ୍ଲକର ବିଭିନ୍ନ ଗ୍ରାମପଞ୍ଚାୟତରେ କିଛି ମୃତ ବ୍ୟକ୍ତିଙ୍କ ଙ୍କ ନାମରେ ରାସନସାମଗ୍ରୀ ଉଠାଣ ହେଉଥିବା ବେଳେ ଆଉକିଛି ଅନ୍ୟତ୍ର ବିବାହ ହୋଇଥିଲେ ସୁଦ୍ଧା ସେମାନଙ୍କ ନାମରେ ମଧ୍ୟ ଚାଉଳ ଉଠାଣ ହେଉଥିବା ନେଇ ଅଭିଯୋଗ ଉଠିଥିଲା । ଏନେଇ ଗୋଷ୍ଠୀ ଉନ୍ନୟନ ଅଧିକାରୀ ତୁରନ୍ତ ସାତଦିନ ମଧ୍ୟରେ ରାସନକାର୍ଡ ବ୍ୟବସ୍ଥାରେ ସୁଧାର ଆଣିବା ସହ ଅନ୍ୟତ୍ର ବିବାହ କରିଥିବା ଝିଅ ଙ୍କ ନାମ ପରିବାରର ରାସନକାର୍ଡରୁ ବାଦ୍ ଦେଇ ବିବାହ କରିଥିବା ଶ୍ୱଶୁର ଘର ସ୍ଥାନକୁ ପରିବର୍ତ୍ତନ କରିବାକୁ ବିଡିଓ ଯୋଗାଣ ଅଧିକାରୀ ସମରେଶ ଦାସ ଙ୍କୁ ନିର୍ଦ୍ଦେଶ ଦେଇଥିଲେ । ସେହିଭଳି କିଛି ଗ୍ରାମପଞ୍ଚାୟତରେ ହୋଇଥିବା ମନରେଗା କାର୍ଯ୍ୟ ରେ ସୂଚନା ଫଳକ ନଥିବା ସହ ଅନେକ ମନରେଗା ଶ୍ରମିକ ମାନଙ୍କ ମଷ୍ଟରରୋଲରେ ରହିଥିବା ତୃଟି କାରଣରୁ ସମସ୍ୟା ଦେଖାଯାଉଥିବା ଅଭିଯୋଗ ଉଠିଥିଲା । ବ୍ଲକରେ ସମୁଦାୟ ୪୦ ଗୋଟି ଅଭିଯୋଗ ସମୀକ୍ଷା ଅଧିକାରୀ ରମାକାନ୍ତ ଦାସ ଉପସ୍ଥାପନା କରିଥିବା ବେଳେ ସମସ୍ତ ଅଭିଯୋଗ କୁ ସାତଦିନ ମଧ୍ୟରେ ସମାଧାନ କରିବାକୁ ବିଡିଓ ସଂପୃକ୍ତ ବିଭାଗୀୟ ଅଧିକାରୀ ମାନଙ୍କୁ ନିର୍ଦେଶ ଦେଇଥିଲେ । ବୈଠକରେ ଅତିରିକ୍ତ ବିଡିଓ ଦିବ୍ୟସିଂହ କହଁର ଗ୍ରାମପଞ୍ଚାୟତ ସଂପ୍ରସାରଣ ଅଧିକାରୀ ତଥା ଏପିଓ ସୋନମ ବେହେରା ସମସ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ ଜିଆରଏସ ଗ୍ରାମ ସାଥି ପ୍ରମୁଖ ଉପସ୍ଥିତ ଥିଲେ ।

# ଫଂଚସଖା ଗଳିରେ ହରିହର ଭେଟ ଅନୁଷ୍ଠିତ

ବଲାଙ୍ଗିର,୨୨/୦୩ (ନି.ପ୍ର): ଫାଲଗୁନ ପୂର୍ଣ୍ଣମୀ ଅବସରରେ ବସନ୍ତ ଉତ୍ସବରେ ଏକ ଆଧାତ୍ମିକ ବାତାବରଣରେ ହରି ଏବଂ ହରଙ୍କ ଭେଟଘାଟ ଅନୁଷ୍ଠିତ ହୋଇଯାଇଛି ବରପାଲି ପଡାର ଫଂଚସଖା ଗଳିରେ । ଆର୍ତତ୍ରାଣ ମିଶ୍ର ଓ ତାଙ୍କର ଧର୍ମପତ୍ନୀ ହରଙ୍କ ପକ୍ଷରୁ କର୍ତା ରୂପେ କାର୍ଯ୍ୟ ତୁଲାଇ ଥିବା ବେଳେ କଳାକାର ବସୁଦେବ ମେହେର ଓ ତାଙ୍କର ଧର୍ମପତ୍ନୀ ହରିଙ୍କ ପକ୍ଷରୁ କର୍ତା ରୂପେ ଯୋଗଦେଇ ପୂଜାର୍ଚ୍ଚନା କରିଥିଲେ । ନାମ ସଂକୀର୍ତନ ଘଂଟ ଶଙ୍ଖ ଧ୍ୱନୀ ମଧରେ ଦୁଇଟି ପଟୁଆରରେ ଦୁଇଟି ଦଳରେ ପାଲିଙ୍କିରେ ବସାଇ ଠାକୁରଙ୍କୁ ନିଆଯାଇ ଭେଟ ପରେ ମଣ୍ଡପରେ ପୂଜାର୍ଚ୍ଚନା କରଯାଇଥିଲା । ଏହାପରେ ଭକ୍ତଙ୍କ ଗହଣରେ ଅବିର ଖେଳ ଅନୁଷ୍ଠିତ ହୋଇଥିଲା । ପରଦିନ ସକାଳୁ ଦିଅ ମାନଙ୍କୁ ଲେଉଟାଣି ପୂର୍ବରୁ ରଙ୍ଗ ଅବିର ଖେଳ ହୋଇଥିଲା । କାର୍ଯକ୍ରମରେ ସ୍ଥାନୀୟ ବିଧାୟକ ନରସିଂହ ମିଶ୍ର ଯୋଗଦେଇଥିବା ବେଳେ ଉଦ୍ୟୋକ୍ତା ମାନଙ୍କ ଉଦ୍ୟମରେ ପ୍ରତିବର୍ଷ ହେଉଥିବା ସାମାଜିକ କାର୍ଯକ୍ରମକୁ ପ୍ରସଂସା କରିଥିଲେ ।

# ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଆଗରେ ବ୍ୟବସାୟୀଙ୍କ ବିକ୍ଷୋଭ

ପୁରୀ,୨୨/୦୩ (ନି.ପ୍ର): ସିଦ୍ଧମହାବୀର ମାଟିଆପଡା ରେଳ ଓଭର ବ୍ରିଜ ପ୍ରୋଜେକଟ ହେବା ଦ୍ୱାରା ପାଂଚ ଶହ ରୁ ଉର୍ଦ୍ଧ ଦୋକାନୀ କ୍ଷତିଗ୍ରସ୍ତ ହେଉଛନ୍ତି । ଦୋକାନୀ ମାନଙ୍କୁ ଉପଯୁକ୍ତ କ୍ଷତି ପୂରଣ ମିଳୁନାହିଁ । ଥଇଥାନ ପ୍ରସଙ୍ଗକୁ ପ୍ରଶାସନ ଅଣଦେଖା କରୁଛି । ଦୋକାନ ଉପରେ ନିର୍ଭର କରି ବଂଚୁଥିବା ପାଞ୍ଚସହ ପରିବାର ଙ୍କ ଭବିଷ୍ୟତ ଅନ୍ଧାର କୁ ଠେଲି ହୋଇଯାଉଛି । ଏଣୁ ସାମାଜିକ ଓ ଆର୍ଥିକ ଦୃଷ୍ଟିରୁ ସେମାନଂକୁ ସହାୟତା ଦାବୀ ରେ ସିଦ୍ଧାମହାବୀର ରେଳ ଓଭର ବ୍ରିଜ କ୍ଷତିଗ୍ରସ୍ତ ବ୍ୟବସାୟୀ ସଙ୍ଘ ର ୫୦୦ ବ୍ୟବସାୟୀ ସୋମବାର ଦିବା ୧୧ଘଟିକା ରୁ ଜିଲ୍ଲାପାଳଙ୍କ ଅଫିସ ସମୁଖରେ ବିକ୍ଷୋଭ କରିଥିଲେ । ଜିଲ୍ଲାପାଳଙ୍କୁ ଦାବୀପତ୍ର ଦେଇଥିଲ ।

# ଶୃଙ୍ଖଳିତ ନିର୍ବାଚନ ପାଇଁ ସର୍ବ ଦଳୀୟ ବୈଠକ

କେନ୍ଦ୍ରାପଡ଼ା,୨୨/୦୩(ନି.ପ୍ର): କେନ୍ଦ୍ରାପଡା ପୌର ନିର୍ବାଚନକୁ ଶାନ୍ତି ଶୃଙ୍ଖଳା ଓ ଚାପମୁକ୍ତ ଭାବେ ପରିଚାଳନା ପାଇଁ ପ୍ରଶାସନ ପକ୍ଷରୁ କେନ୍ଦ୍ରାପଡା ମୁନିସିପାଲିଟି ଟାଉନ ହଲରେ ସର୍ବ ଦଳୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି । ରାଜ୍ୟ ନିର୍ବାଚନ କମିଶନଙ୍କ ଗାଇଡ ଲାଇନ ଓ ଆଦର୍ଶ ଆଚରଣ ବିଧି ପାଳନ ସହ ନିରପେକ୍ଷ ଓ ଅବାଧ ନିର୍ବାଚନ ପାଇଁ ସମସ୍ତ ରାଜନୈତିକ ଦଳ ଓ ପ୍ରତିଯୋଗିତା କରୁଥିବା ପ୍ରାର୍ଥୀ ମାନେ ସହଯୋଗ କରିବାକୁ ଆଲୋଚନା କରାଯାଇ ଥିଲା । ଏଥିରେ କ ମିଶନଙ୍କ ସାଧାରଣ ପର୍ଯ୍ୟବେକ୍ଷକ ମଧୁସୁଦନ ମିଶ୍ର ଓ ରୁଦ୍ର ନାରାୟଣ ଆଚାର୍ଯ୍ୟଙ୍କ ସମେତ ଅତିରିକ୍ତ ଜିଲ୍ଲାପାଳ ପିତାମ୍ବର ସାମଲ, ଉପ ଜିଲ୍ଲାପାଳ ନିରଞ୍ଜନ ବେହେରା, ଅତିରିକ୍ତ ପୋଲିସ ଅଧକ୍ଷକ ଓ ଅନ୍ୟ ଅଧିକାରୀ ମାନେ ଉପସ୍ଥିତ ଥିଲେ । ଏହି ବୈଠକରେ ସମସ୍ତ ପ୍ରାର୍ଥୀଙ୍କ ସମେତ ସମସ୍ତ ରାଜନୈତିକ ଦଳର କର୍ମକର୍ତା ମାନେ ଉପସ୍ଥିତ ଥିଲେ ।

ଧ୍ୱନି ପ୍ରତିଧ୍ୱନି
୩ ♣ ବାଲେଶ୍ୱର ♣ ବୁଧବାର, ୨୩ ମାର୍ଚ୍ଚ ୨୦୨୨

# ବଢ଼ାନ୍ତୁ ପିଲାଙ୍କ ସ୍ମରଣ ଶକ୍ତି

**ପିଲାଙ୍କ ସ୍ମରଣ ଶକ୍ତି ବୃଦ୍ଧି କରିବା ସହିତ ମାନସିକ ଓ ଶାରୀରିକ ଭାବେ ସୁସ୍ଥ ରଖିବାକୁ ଚାହୁଁଥିଲେ ସେମାନଙ୍କୁ କିଭଳି ଖାଦ୍ୟ ଦିଆଯିବା ଉଚିତ ଆସନ୍ତୁ ଜାଣିବା....**



■ବର୍ତ୍ତମାନ ଅଧିକାଂଶ ପିଲା ଜଙ୍କଫୁଡ ଖାଇବାକୁ ପସନ୍ଦ କରୁଛନ୍ତି । ଏହି କାରଣରୁ ସେମାନେ ଅଧିକ ପୋଷକତତ୍ତ୍ୱ ଥିବା ଖାଦ୍ୟଠାରୁ ଦୂରେଇ ଯାଉଛନ୍ତି । ଫଳତଃ ପିଲାମାନଙ୍କ ଶାରୀରିକ ବିକାଶର ଗତି ଧିମା ହୋଇଯାଉଛି । ଏହା ସହିତ ସେମାନଙ୍କର ମାନସିକ ବିକାଶ ମଧ୍ୟ ସଠିକ୍ ଭାବରେ ହୋଇପାରୁନାହିଁ ।

■ଆମ ସମସ୍ତଙ୍କର ଇଚ୍ଛା, ଆମର ପିଲାମାନେ ପାଠପଢ଼ା ସାଙ୍ଗକୁ ଖେଳକୁଦରେ ଅନ୍ୟପିଲାମାନଙ୍କଠାରୁ ଭଲ କରନ୍ତୁ । ମାତ୍ର ସଦବୁ ଅଭିଭାବକଙ୍କର ଏହି ସ୍ୱପ୍ନ ସାକାର ହୋଇପାରେ ନାହିଁ । ସବୁ ପିଲା ଶାରୀରିକ ଓ ମାନସିକ ସ୍ତରରେ ସୁସ୍ଥ ରହିପାରନ୍ତି ନାହିଁ । ଗୋଟିଏ ପିଲା ଖେଳଠାରୁ ପାଠପଢ଼ା ପର୍ଯ୍ୟନ୍ତ ସବୁଥିରେ ଆଗୁଆ ହେଉଥିବାବେଳେ ଅନ୍ୟ ପିଲାଟି ଏଥିରେ ପଛୁଆ ରହିଯାଏ । ସାଧାରଣତଃ ପିଲାମାନେ ଆଗକୁ ବଢ଼ିବାରେ ସେମାନଙ୍କ ମସ୍ତିଷ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥାଏ । ଯେଉଁ ପିଲାଙ୍କ ମସ୍ତିଷ୍କ ଯେତେ ଉନ୍ନତ, ସ୍ମରଣଶକ୍ତି ଯେତେ ପ୍ରଖର; ସେହି ପିଲା ସେତେ ସ୍ମାର୍ଟ ଓ ପଢ଼ାଠାରୁ ଖେଳକୁଦ ପର୍ଯ୍ୟନ୍ତ ଅନ୍ୟମାନଙ୍କଠାରୁ ଆଗରେ ରହିଥାଏ ।

■ଏଭଳି କ୍ଷେତ୍ରରେ ଅଭିଭାବକଙ୍କ ଦାୟିତ୍ୱ ହେଉଛି ସେମାନେ ପିଲାଙ୍କୁ ଏଭଳି ଆହାର ଦେବା ଉଚିତ, ଯାହା ଦ୍ୱାରା ପିଲାଙ୍କ ସ୍ମରଣଶକ୍ତି ପ୍ରଖର ହେବ । ମସ୍ତିଷ୍କର ବିକାଶ ଘଟିବ । ଯଦି ଆପଣ ମଧ୍ୟ ଆପଣଙ୍କ ପିଲାଙ୍କ ସ୍ମରଣ ଶକ୍ତି ବୃଦ୍ଧି କରିବା ସହିତ ମାନସିକ ଓ ଶାରୀରିକ ଭାବେ ସୁସ୍ଥ ରଖିବାକୁ ଚାହୁଁଛନ୍ତି, ତେବେ ସେମାନଙ୍କୁ ବିଭଳି ଖାଦ୍ୟ ଦିଆଯିବା ଉଚିତ ଆସନ୍ତୁ ଜାଣିବା ।






ସବୁଜ ପନିପରିବା:- ଆପଣ ଲକ୍ଷ୍ୟ କରିଥିବେ ଯେ ପିଲାଏ ସବୁଜ ପନିପରିବା ଖାଇବା ପାଇଁ ଅଧିକ ଆଗ୍ରହ ପ୍ରକାଶ କରିନଥାନ୍ତି । କିଛି ପିଲା ତ ପନିପରିବା ନାଁ ଶୁଣି ମୁହଁ ବୁଲାଇ ନିଅନ୍ତି । ଅସଲ କଥା ହେଉଛି, ସବୁଜ ପନିପରିତବାରେ ପ୍ରଚୁର ପରିମାଣରେ ଭିଟାମିନ ରହିଛି ମାନସିକ ବିକାଶ ପାଇଁ ଏହି ଭିଟାମିନ ଅତ୍ୟନ୍ତ ଜରୁରୀ । ପିଲାଙ୍କୁ ସବୁଜ ପନିପରିବା ଆଦି ଖାଇବାକୁ ପ୍ରୋତ୍ସାହିତ କରନ୍ତୁ। ଏହା ଦ୍ୱାରା ସେମାନଙ୍କରା ମାନସିକ ବିକାଶ ଠିକ୍ ଭାବରେ ହୋଇପାରିବ ।

ଅଣ୍ଡା:- ପ୍ରୋଟିନରେ ଭରପୂର ଅଣ୍ଡା କେବଳ ସ୍ୱାସ୍ଥ୍ୟ ପାଇଁ ନୁହେଁ ବରଂ ସ୍ମରଣଶକ୍ତି ମଧ୍ୟ ବୃଦ୍ଧି କରିବାର ଏକ ପ୍ରମୁଖ ସ୍ରୋତ । ଅଣ୍ଡାରେ କୋ କୋଲିନ ନାମକ ପୋଷକ ତତ୍ତ୍ୱ ପ୍ରଚୁର ପରିମାଣରେ ରହିଛି । ଏହି ପୋଷକ ତତ୍ତ୍ୱ ପିଲାଙ୍କ ମସ୍ତିତତଷ୍କକୁ ଅଧିକ ସକ୍ରିୟ ରଖିଥାଏ ଓ ସ୍ମରଣ ଶକ୍ତି ବଢ଼ାଇବାରେ ସହାୟତା କରିଥାଏ । ଅଣ୍ଡାର ବିଶେଷତ୍ୱ ହେଉଛି, ଏହାକୁଚ ତରକାରୀ, ପୁଚ, ଭୁଜିଆ, ସିଝା, ଆମଲେଟ୍ ଆଦି ବିଭିନ୍ନ ପ୍ରକାରରେ ଖାଇବା ସମ୍ଭବ ହୋଇଥାଏ । ପିଲାଏ ଅଣ୍ଡାକୁ ସ୍ୟାଣ୍ଡୱିଚ ସହିତ ଖାଇବାକୁ ପସନ୍ଦ କରିଥାନ୍ତି ।










କ୍ଷୀର :- କ୍ଷୀର ପିଲାମାନଙ୍କ ପାଇଁ ଏକ ସମ୍ପୂର୍ଣ୍ଣ ଆହାର ବୋଲି କୁହାଯାଇଆସୁଛି । କ୍ଷୀରରେ ପ୍ରଚୁର ପରିମାଣରେ ରହିଛି କ୍ୟାସିଙ୍ଗମ । ଏହା ପିଲାଙ୍କ ଶରୀରିକ ଓ ମାନସିକ ବିକାଶ ପାଇଁ ଅତ୍ୟନ୍ତ ଜରୁରୀ । କ୍ଷୀର ପିଇବା ଦ୍ୱାରା ପିଲାଙ୍କ ହାଡ଼ ମଜଭୁତ ହୋଇଥାଏ । ଏହା ସହିତ ମସ୍ତିଷ୍କର ଉପଯୁକ୍ତ ବିକାଶ ମଧ୍ୟ ଘଟିଥାଏ । ପିଲାଙ୍କୁ ପ୍ରତିଦିନ ସକାଳେ ଗିଲାସେ କ୍ଷୀର ପିଇବାକୁ ଦିଅନ୍ତୁ । ଏହି ଅଭ୍ୟାସ ସେମାନଙ୍କୁ ଶାରୀରିକ ଓ ମାନିସକ ଭାବରେ ସୁସ୍ଥ ରଖିବ ।

ଦହି:- ଯଦି ଆପଣଙ୍କ ପିଲାଏ କ୍ଷୀର ପିଇବାକୁ ଅନିଚ୍ଛା ପ୍ରକାଶ କରୁଛନ୍ତି, ଦହି ସେମାନଙ୍କ ପାଇଁ ଏକ ଭଲ ବିକଳ୍ପ । ଦହିରେ କ୍ଷୀର ଅପେକ୍ଷା ଅଧିକ ପରିମାଣର କ୍ୟାଲସିୟମ ରହିଛି ଏବଂ ଏହାକୁ ହଜମ କରିବା ମଧ୍ୟ ସହଜ । ଦହି ଭିଟାମିନ ବି ଓ ପ୍ରୋଟିନର ଏକ ଉତ୍ତମ ସ୍ରୋତ, ଯାହା ମସ୍ତିଷ୍କର ସଠିକ୍ ବିକାଶ କରିବାରେ ସହାୟକ ହୋଇଥାଏ । ଦହିରେ ଥିବା ପ୍ରୋବାୟୋଟିକ୍ ବ୍ୟାକ୍ଟେରିଆ ପାଚନଦ ତନ୍ତ୍ରକୁ ସୁସ୍ଥ ରଖିଥାଏ ।

# ଆଜିକାଲି ଅବସାଦ ଏକ କଠିନ ସମସ୍ୟା

ଆଜିର ଦୁନିଆରେ ପ୍ରତ୍ୟେକ ଲୋକ କାମ, ସଫଳତା, ପଦ ଓ ଅର୍ଥ ପଛରେ ଦୌଡୁଛନ୍ତି । ସମ୍ପର୍କରେ ମଧ୍ୟ ଆଗପରି ମୁରତା ନାହିଁ । ଲୋକମାନେ ଆତ୍ମକୈନ୍ଦ୍ରିକ ହୋଇଗଲେଣି । ଯାହା ଦ୍ୱାରା ଏକୁଟିଆ ଅନୁଭବ କରୁଛନ୍ତି । ଖାଇବା ପିଇବାର ଅଭ୍ୟାସ ମଧ୍ୟ ବଦଳି ଗଲାଣି । ଶୋଇବାର ସମୟ ମଧ୍ୟ ପରିବର୍ତ୍ତନ ହୋଇଛି । ଏହି ସବୁ କାରଣ ପାଇଁ ମସ୍ତିଷ୍କରେ ଚାପ ରହୁଛି । ଏହା ଦ୍ୱାରା ମାନସିକ ସ୍ୱାସ୍ଥ୍ୟ ପ୍ରଭାବିତ ହେଉଛି । ପୂରା ବିଶ୍ୱରେ ଅବସାଦ ଓ ମାନସିକ ରୋଗ ଲଗାତର ବଢ଼ିବାରେ ଲାଗୁଛି । ଅନ୍ୱେଷଣରୁ ଜଣାପଡ଼ିଛି ଆମ ଦେଶରେ ୨୦-୨୫ ପ୍ରତିଶତ ଯୁବକ/ଯୁବତୀ ଡିପ୍ରେସନର ଶୀକାର ହେଉଛନ୍ତି ।



ଲକ୍ଷଣ:-ଲୋକମାନଙ୍କ ଠାରୁ ଦୂରେଇ ରହିବା

- ନିଦ ନ ଆସିବା
- ଚିଡ଼ିଚିଡ଼ା ଓ ଆକ୍ରମକ ବ୍ୟବହାର
- ଆତ୍ମବିଶ୍ୱାସ ହରାଇବା
- କୌଣସି କାମରେ ମନ ନ ଲାଗିବା
- ଏହିସବୁ ଲକ୍ଷଣ ଗୁଡ଼ିକୁ ନଜର ଅନ୍ଦଜ କରିବା ଦ୍ୱାରା ଅବସାଦର ସମସ୍ୟା ବଢ଼ିବାକୁ ଲାଗିବ, ଯାହା ଦ୍ୱାରା ଜୀବନଶୈଳୀ ପ୍ରଭାବିତ ହେବ ।
- ହିଂସାତ୍ମକ ପ୍ରବୃତ୍ତି ଓ ଆତ୍ମହତ୍ୟାର ପ୍ରବୃତ୍ତି ବଢ଼ିଯାଇପାରେ । ଏକ ଅନ୍ୱେଷଣରୁ ଜଣାପଡ଼ିଛି ଯୁବାବସ୍ଥାରେ ହେଉଥିବା ମୃତ୍ୟୁର ସବୁଠାରୁ ବଡ଼ କାରଣ ଆତ୍ମହତ୍ୟା ।

ସେଥିପାଇଁ କିଛି ଦିଗ ପ୍ରତିଧ୍ୟାନ ଦେବା ଉଚିତ୍:

ସୁସ୍ଥ ଜୀବନଶୈଳୀକୁ ଅନୁସରଣ କରନ୍ତୁ ଯଥା ବ୍ୟାୟାମ, ପୋଷାକ, ଭୋଜନ, ପର୍ଯ୍ୟାପ୍ତ ପରିମାଣରେ ନିଦ ଇତ୍ୟାଦି ସାମିଲ ରହିଛି ।

ନିଜର କ୍ଷମତାଠାରୁ ଅଧିକ କାର୍ଯ୍ୟ କରନ୍ତୁ ନାହିଁ ଓ ନିୟମିତ ଭାବରେ ଅବସର ସମୟକୁ ନିର୍ଦ୍ଧୟ କରନ୍ତୁ ।

ଗେଜେଟସ ସହିତ କମ ସମୟ କଟାନ୍ତୁ ।

ସାମାଜିକସ୍ତରରେ ସକ୍ରିୟ ରୁହନ୍ତୁ । ମାନସିକ ଶାନ୍ତି ପାଇଁ ଧାନ କରନ୍ତୁ । ନିଶା ଦ୍ରବ୍ୟ ସେବନ ଠାରୁ ଯଥା ସମ୍ଭବ ଦୂରରେ ରୁହନ୍ତୁ ।

# ମନ୍ତ୍ରଜପର ମାହାତ୍ମ୍ୟ

ପୂଜା-ଆରାଧନା ସମୟରେ ମନ୍ତ୍ର ଜପିବା ଏକ ପାରମ୍ପରିକ ତଥା ଆଧ୍ୟାତ୍ମିକ ହିନ୍ଦୁ ବିଧି । ମନ୍ତ୍ରଗୁଡ଼ିକରେ ଭଗବାନଙ୍କର ବିଭିନ୍ନ ଅବତାର, ଲୀଳା ଓ ଗୁଣକୀର୍ତ୍ତନ ବର୍ଣ୍ଣିତ । ମନ୍ତ୍ରଗୁଡ଼ିକ କେତେଗୁଡ଼ିଏ ଅକ୍ଷର ସଂଯୋଗରେ ସୃଟେି ହୋଇଥିଲେ ହେଁ, ଜପ ଦ୍ୱାରା ସୃଷ୍ଟି ହେଉଥିବା ଧ୍ୱନି- ତରଙ୍ଗ ଭକ୍ତ ମନରେ ଆଧ୍ୟାତ୍ମିକ ଭାବନା ସୃଷ୍ଟି କରାଉଥିବା ବିଶ୍ୱାସ ଶୁଦ୍ଧ-ପୂତ ଶରୀର ଓ ଏକାଗ୍ର ଚିତ୍ତରେ ମନ୍ତ୍ର ଜପ ବା ଗାନ ଦ୍ୱାରା ମନରେ ଭକ୍ତିଭାବ ଆସେ । ଏହା ଅନ୍ତର ମଧ୍ୟରେ ସୁପ୍ତ ଆଧ୍ୟାତ୍ମିକ ଚେତନାକୁ ଜାଗ୍ରତ କରାଏ । ଭଗବାନଙ୍କର ଆରାଧନା ସମୟରେ ବ୍ୟକ୍ତିଙ୍କୁ ପ୍ରଭୁଙ୍କ ଲୀଳା ଚିନ୍ତନରେ ବୁଡ଼ି ରହିବାକୁ ପ୍ରେରଣା ଦିଏ । ନିୟମିତ ମନ୍ତ୍ର ଜପ ଦ୍ୱାରା ସଂସାରର ସମସ୍ତ ମାୟା, ମୋହ ସାଂସାରିକ ମଣିଷ ଠାରୁ ଦୂରେଇ ରଖିବାରେ ସହାୟକ ହେଉଥିବା କୁହାଯାଏ । ମନ୍ତ୍ରପାଠ ହେଉଥିବାବେଳେ ଆଖପାଖର ବାତାବରଣ ଆଧ୍ୟାତ୍ମିକତାରେ ପୂରି ଉଠେ । ଏହାଦ୍ୱାରା କେବଳ ମନ୍ତ୍ର ଗାନ କରୁଥିବା ବ୍ୟକ୍ତି ନୁହନ୍ତି, ମନ୍ତ୍ର ଶ୍ରବଣ କରୁଥିବା ଲୋକେ ମଧ୍ୟ ଆଧ୍ୟାତ୍ମିକତାର ସନ୍ଦେଶ ପାଆନ୍ତି । ଗଭୀର ନିଷ୍ଠା ଓ ଆସ୍ଥାର ସହ ମନ୍ତ୍ର ଜପ କଲେ ଭଗବତ୍ ପ୍ରାପ୍ତି ହେଉଥିବା ବିଶ୍ୱାସ ।

# ଟ୍ରାଇବାଲ୍ ଡିଜାଇନ୍

**ସମୟ ସହିତ ଫ୍ୟାସନ ବଦଳିବାରେ ଲାଗିଛି । ଆଜିକାଲି ଟ୍ରାଇବାଲ୍ ଫ୍ୟାସନକୁ ଯୁବତୀମାନେ ବେଶୀ ପସନ୍ଦ କରୁଛନ୍ତି । ଟ୍ରାଇବାଲ ଡିଜାଇନର କାନଫୁଲଠାରୁ ଆରମ୍ଭ କରି ଶାଢ଼ି ପର୍ଯ୍ୟନ୍ତ ସମସ୍ତଙ୍କୁ ପସନ୍ଦ ଆସୁଛି । କଲେଜରେ ପଢୁଥିବା ଝିଅମାନଙ୍କୁ ମଧ୍ୟ ଟ୍ରାଇବାଲ ଶୈଳୀର ପ୍ରିଣ୍ଟ ଅଧିକ ପସନ୍ଦ ଆସୁଛି ।**



ସ୍କାର୍ଫ:- ଟ୍ରାଇବାଲ ପ୍ରିଣ୍ଟର ସ୍କାର୍ଫ ସ୍ମାର୍ଟ ଲୁକ୍ ଦେଉଛି । ଏହାକୁ ଜିନ୍ସ, ଡ୍ରେସ କିମ୍ବା କୁର୍ତ୍ତୀ ସହିତ ବ୍ୟବହାର କଲେ ବହୁତ ସୁନ୍ଦର ଲାଗିବ । ଅନଲାଇନ ଓ ସ୍ଥାନୀୟ ବଜାରରେ ଏହା ସହଜରେ ଉପଲବ୍ଧ ।

କୁଶନ:- କେବଳ କପଡ଼ା ନୁହେଁ ଘରେ ମଧ୍ୟ ଟ୍ରାଇବାଲ ଲୁକର ପ୍ରଚଳନ ରହିଛି । ଆପଣ ଆପଣଙ୍କ ଘରର ଡ୍ରଇଂ ହଲରେ କିଛି ଏପରି କୁାନ ରଖନ୍ତୁ ଯାହା କିଛି ଅଲଗା ଲୁକ୍ ଦେବ । ଏହା ଦ୍ୱାରା ଅଲଗା ପ୍ରକାରର କ୍ଲାସି ସୁନ୍ଦର ଲୁକ୍ ଦିଶିବ ।

କାନଫୁଲ:- ଟ୍ରାଇବାଲ ଡିଜାଇନର କାନଫୁଲ ଲୋକମାନଙ୍କୁ ବହୁତ ପସନ୍ଦ ଆସୁଛି । ଏହା ସହିତ ଏହି ଡିଜାଇନ ଟ୍ରାଡ଼ିସନାଲ ଓ ଟ୍ରେଣ୍ଡି ସବୁ ଦଷ୍ଟିରୁ ସୁନ୍ଦର ଲାଗେ ।



ଟ୍ରାଇବାଲ ପ୍ରିଣ୍ଟ ଡ୍ରେସ୍:- ଏହି ପ୍ରିଣ୍ଟର ଓ୍ୱେଷ୍ଟର୍ଣ୍ଣ ଡ୍ରେସ ବହୁତ ପସନ୍ଦ କରାଯାଉଛି । ଏହା ଫ୍ୟୁଜନ ଲୁକ୍ ସହିତ ଟ୍ରେଣ୍ଡି ମଧ୍ୟ । ଏହାକୁ ସେଲିବ୍ରିଟିମାନେ ମଧ୍ୟ ପନସନ୍ଦ କରୁଛନ୍ତି ।

ଆଫ୍ରିକାନ ପ୍ରିଣ୍ଟ:- ଏହି ପ୍ରିଣ୍ଟକୁ ମଧ୍ୟ ଅନେକ ପସନ୍ଦ କରୁଛନ୍ତି । ଆଫ୍ରିକାନ ପ୍ରିଣ୍ଟର ସ୍କାର୍ଫରୁ ଆରମ୍ଭ କରି ବେଡସିଟି କିମ୍ବା କୁସନ ବହୁତ ଲୋକ ପସନ୍ଦ କରୁଛନ୍ତି । ଏହି ପ୍ରିଣ୍ଟର ସାଲଓ୍ୱାର ସୁଟ୍ ମଧ୍ୟ ସୁନ୍ଦର ଲାଗୁଛି ।

# ହାତବୁଣା ଘାସ ପୋଲ

ପେରୁର କସଓ୍ୱାଚାକା ଅଞ୍ଚଳରେ ଇନ୍‌କାନ ସାମ୍ରାଜ୍ୟ ବେଳର ଘାସର ହାତବୁଣା ପୋଲଟି ରହିଛି। ପ୍ରାୟ ୫୦୦ ବର୍ଷ ପୂର୍ବେ ନଦୀର ପ୍ରଖର ସ୍ରୋତ ଏବଂ ଘାଟିଗୁଡ଼ିକୁ ଅତିକ୍ରମ କରିବାପାଇଁ ସ୍ଥାନୀୟ 'କ୍ୱେହୁଏ' ଆଦିବାସୀଙ୍କ ଦ୍ୱାରା ଏଭଳି ଅନେକ ପୋଲ ନିର୍ମାଣ କରାଯାଇଥିଲା। ମାତ୍ର ସମୟ ସହିତ ଏହି ପୋଲଗୁଡ଼ିକ ନଷ୍ଟ ହେବାକୁ ଲାଗିଲା। ପୋଲ ନିର୍ମାଣରେ ଉଭୟ ମହିଳା ଏବଂ ପୁରୁଷ ସମାନ ଭାବେ ଅଂଶଗ୍ରହଣ କରୁଥିଲେ। କ୍ୱେହୁଏ ମହିଳାମାନେ ସରୁ ଘାସ ଦଉଡ଼ି ତିଆରି କରି ପୁରୁଷମାନଙ୍କୁ ଦେଉଥିଲେ ଓ ପୁରୁଷମାନେ ଏହାକୁ ନେଇ ମୋଟା ଦଉଡ଼ିରେ ପରିଣତ କରି ପୋଲକୁ ଶକ୍ତ ଏବଂ





ମଜଭୁତ କରୁଥିଲେ। ପୁରାତନ କାଳରେ ଏହି ପୋଲଗୁଡ଼ିକୁ ଯଦି କେହି କ୍ଷତି ପହଞ୍ଚାଉଥିଲା ବା ବିକୃତ କରିବାକୁ ଚେଷ୍ଟା କରୁଥିଲା ତେବେ ଅଭିଯୁକ୍ତକୁ ମୃତ୍ୟୁଦଣ୍ଡ ଦିଆଯାଉଥିଲା।ଏବେ ସମସ୍ତ ପୋଲ ନଷ୍ଟ ହୋଇଯାଇଥିବା ବେଳେ ଏକମାତ୍ର ପୋଲ ତିଷ୍ଠି ରହିଛି। ୧୧୮ ଫୁଟ୍ ଦୀର୍ଘ ପୋଲଟି ଆପ୍ୟୁରିମାକ ନଦୀର ପ୍ରାୟ ୬୦ ଫୁଟ ଉଚ୍ଚରେ ନିର୍ମିତ। କ୍ୱେହୁଏ ଜନଜାତିର ଲୋକମାନେ ଏହି ପୋଲକୁ ସ୍ଥାନୀୟ ଅଞ୍ଚଳର ଲୋକକଳାରେ ସ୍ଥାନ ଦେଇଛନ୍ତି। ପ୍ରତି ବର୍ଷ ଜୁନ ମାସରେ କ୍ୱେହୁଏ ଆଦିବାସୀମାନେ ଏହି ପୋଲ ନିକଟରେ ଏକତ୍ରିତ ହୋଇ ପୋଲଟିକୁ ନୂଆ କରି ତିଆରି କରନ୍ତି। ଏହା ପରେ ପୂର୍ବ ପୁରୁଷଙ୍କୁ ସମ୍ମାନ ଜଣାଇବା ସହ ପୃଥିବୀ ମାତା, ପାହାଡ଼ ଦେବତା ଏବଂ ପୁରାତନ କୁଶଳୀ କାରିଗରଙ୍କ ସ୍ମୃତି ଉଦ୍ଦେଶ୍ୟରେ କୃତଜ୍ଞତା ଜ୍ଞାପନ କରିଥାନ୍ତି। ଶେଷରେ ପାରମ୍ପରିକ ନୃତ୍ୟଗୀତର ତାଳେତାଳେ ସ୍ୱାଦିଷ୍ଟ ଖାଦ୍ୟପେୟରେ ଆୟୋଜନ ହୋଇଥାଏ।

# ବୟସ ଅନୁଯାୟୀ ସ୍ୱାସ୍ଥ୍ୟ ପରୀକ୍ଷା

ନିକଟରେ ସର୍ବଭାରତୀୟସ୍ତରର ବିଶେଷଜ୍ଞ ଦଳ ପ୍ରତ୍ୟେକ ବର୍ଗର ଲୋକଙ୍କୁ ସ୍ୱାସ୍ଥ୍ୟ ସଚେତନ ହେବାକୁ ଉପଦେଶ ଦେଇଛନ୍ତି । କେଉଁ ବୟସରେ ସ୍ୱାସ୍ଥ୍ୟ ପରୀକ୍ଷା କରାଇବା ଆବଶ୍ୟକ, ଏନେଇ ସେମାନେ ବିଭିନ୍ନ ତଥ୍ୟ ଦେଇଛନ୍ତି । ନବଜାତ ସନ୍ତାନର ମାନସିକ ସ୍ଥିତି ନେଇ ପିତାମାତାଙ୍କ ମନରେ କୌଣସି ପ୍ରକାର ସନ୍ଦେହ ହେଲେ, ସେମାନଙ୍କର ଥାଇରଏଡ୍ ଟେଷ୍ଟ କରାଯିବା ଆପଶ୍ୟକ । ଜନ୍ମିତ ସନ୍ତାନଙ୍କ ଠାରୁ ବ ବର୍ଷର ବୟସର ଶିଶୁଙ୍କର ଏହି ପରୀକ୍ଷା କରାଯାଇପାରିବ । ତେବେ ଶିଶୁ ସୁସ୍ଥ ତ୍ଥଲେ, ଏସବୁର ଆବଶ୍ୟକତା ନାହିଁ । ୨୦-୨୫ ବର୍ଷରେ ପ୍ରତ୍ୟେକ ଦିଗ ପ୍ରତି ସଚେତନ ରହିବା ଜରୁରୀ । ପୁରୁଷମାନେ ନିୟମିତ ଚେକଅପ କରାଇବା ସହ ମହିଳାମାନେ ମାଗେଗ୍ରାଫି ଓ ସୋନୋଗାଫି ନିୟମିତ ବ୍ୟବଧାନରେ କରାଇବା ବିଶେଷଜ୍ଞ ମତ ।

# ଇମ୍ଫାଲର 'ମଦର୍ସ ମାର୍କେଟ୍'



ଅନେକଙ୍କୁ ହୁଏତ ଜଣା ନ ଥାଇପାରେ ଯେ କେବଳ ମହିଳାଙ୍କ ଦ୍ୱାରା ପରିଚାଳିତ ହେଉଥିବା ମାର୍କେଟ୍ ବା ବଜାର ମଣିପୁର ରାଜଧାନୀ ଇମ୍ଫାଲରେ ରହିଛି । ଏହା ମଦର୍ସ ମାର୍କେଟ୍' ଭାବେ ପରିଚିତ ଏବଂ ଏସିଆର ସବୁଠାରୁ ବଡ଼ ମହିଳା ମାର୍କେଟ୍ । ମୋଟ ଦୋକାନ ସଂଖ୍ୟା ଚାରି ହଜାରରୁ ଅଧିକ । ମାର୍କେଟରେ ଜଣେ ବି ପୁରୁଷ ଦୋକାନୀ ନାହାନ୍ତି । ବିଶ୍ୱାସ କରାଯାଏ, ଏହି ମାର୍କେଟ୍ ପ୍ରାୟ ପାଞ୍ଚ ଶହ ବର୍ଷର ପୁରୁଣା । ମାର୍କେଟ ଆରମ୍ଭର କାରଣ ମଣିପୁର ଇତିହାସ ସହିତ ଜଡ଼ିତ । ରାଜାରାଜୁଡ଼ା ଶାସନ ଅମଳରେ ମଣିପୁରରେ 'ଲାଇପ୍' ନାମକ ଏକ ପାରମ୍ପାରିକ ପ୍ରଥାର ପ୍ରଚଳନ ଥିଲା । ପ୍ରଥା ଅନୁସାରେ, ମୈତି ସମ୍ପ୍ରଦାୟର ପୁରୁଷମାନଙ୍କୁ ରାଜାଙ୍କ ଦରବାରରେ କାମ କରିବାକୁ ପଡୁଥିଲା । ଏଥିପାଇଁ ସେମାନେ ଦିନରାତି ରାଜା ଉଆସରେ ରହୁଥିଲେ । ଏହା ଦ୍ୱାରା ପୁରୁଷମାନେ ଘର କାମ ବୁଝିବାକୁ ସମୟ ପାଇଲେ ନାହିଁ ଏବଂ ପୁରୁଷଙ୍କ ଅନୁପସ୍ଥିତିରେ ମହିଳାମାନେ ବାହାରକୁ ବାହାରିଲେ । ମହିଳାମାନେ ଘର କାମ ସହିତ ଚାଷ କଲେ, ରୋଜଗାର ପାଇଁ ଦୋକାନ କରି ବ୍ୟବସାୟ ଆରମ୍ଭ କଲେ । ସେହି ଧାରା କ୍ରମେ ଗଡ଼ିଆସିଛି ଏବଂ ତାହା ପିଢ଼ି ପରେ ପିଢ଼ି ଏକ ପରଂପରାରେ ପରିଣତ ହୋଇଛି । ନିୟମ ଅନୁସାରେ, ଏହି ମାର୍କେଟରେ କେବଳ ବିବାହିତ ମହିଳାମାନେ ହିଁ ବ୍ୟବସାୟ କରନ୍ତି ।

# ବ୍ୟବସାୟିକ ଆଲୋଚନା

ପ୍ରତ୍ୟେକ କାର୍ଯ୍ୟାଳୟରେ ମୁଖ୍ୟ ଅଧିକାରୀ ଓ କର୍ମଚାରୀଙ୍କ ମଧ୍ୟରେ ନିୟମିତ ଭାବେ ମିଟିଂ ହେବା ଏକ ସାଧାରଣ ପ୍ରସଙ୍ଗ । ବଡ଼ ବଡ଼ ହଲ ଏଥିନିମନ୍ତେ ପୂର୍ବରୁ ପ୍ରସ୍ତୁତ କରାଯାଇଥାଏ । ତେବେ ଏକବିଂଶ ଶତାବ୍ଦୀରେ ଏଇ ମିଟିଂ ହେବାର ଢ଼ାଞ୍ଚା ବଦଳିଛି । ବିଶ୍ୱସ୍ତରରେ ପରିଚିତ ମାଇକ୍ରୋସଫ୍ଟର ସହ-ପ୍ରତିଷ୍ଠାତା ବିଲ ଗେଟସ, ଫେସବୁକର ସହ-ପ୍ରତଷ୍ଠାତା ମାର୍କ ଜୁକରବର୍ଗ ନିଜ ସାଥି କର୍ମଚାରୀଙ୍କ ସହ କାର୍ଯ୍ୟାଳୟ ପ୍ରାଙ୍ଗଣରେ ବୁଲିବୁଲି ମିଟିଂ କରିଥାନ୍ତି । ନିଜେ ମାର୍କ ଏଇ ତଥ୍ୟ ଫେସବୁକରେ ଉଲ୍ଲେଖ କରିଥିବାବେଳେ ବିଲ ଗେଯସ ମଧ୍ୟ ଏହା କହିଛନ୍ତି । ବିଲଙ୍କ ମତରେ ସେ କାର୍ଯ୍ୟାଳୟ ସମ୍ମୁଖ ବଗିଚରେ ବୁଲିବୁଲି ସାଥିମାନଙ୍କ ସହ ଆଲୋଚନା କରନ୍ତି । ଏଇ ପ୍ରକ୍ରିୟା ତାଙ୍କୁ ଖୁବ୍ ମଜାଦାର ଲାଗେ । ଏହା ସହ ଚାଲିବା ସମରେ ସେ ବିଭିନ୍ନ ନୂତନ ତଥ୍ୟର ଶୁଭାରମ୍ଭ କରିପାରିଛନ୍ତି । ମାର୍କଙ୍କ ମତରେ କୌଣସି ଏକ ସ୍ଥାନରେ ବସି ମିଟିଂ କରିବାର ଅର୍ଥ ସାଥି କମଚାରୀଙ୍କୁ ବାଧ କରିବା ଯେ ଯାହା ସେ କହୁଛନ୍ତି, ସେମାନେ ଶୁଣିବାକୁ ବାଧ । ଏହା ସହ ସେ ବିଲ ଗେଟସଙ୍କ



ସଂସ୍ପର୍ଶରେ ଆସିବା ପରେ ଏଇ ଚଲାବୁଲା ମିଟିଂ ବିଷୟରେ ସେ ଅବଗତ ହୋଇ ତୁରନ୍ତ କାର୍ଯ୍ୟକାରୀ କରିଥିଲେ । ଗବେଷକଙ୍କ ମତରେ ଚାଲିବା ସମୟରେ ଆମ ଶରୀରରୁ ଶକ୍ତି ଉତ୍ପନ୍ନ ହେବା ସହ ମସ୍ତିଷ୍କକୁ ମଧ୍ୟ ଶକ୍ତି ମିଳେ, ଯାହା ଦ୍ୱାରା ମନରେ ନୂତନ ଚିନ୍ତାଧାରା ସଷ୍ଟି ହୋଇଥାଏ ଏହା ସହ ଚଲାବୁଲା ମିଟିଂରେ ଅତିବେଶୀରେ ୪-୪ ଜଣ ଏକତ୍ର ହୋଇ କଥାବାର୍ତ୍ତା କରିପାରନ୍ତି । ଏଇ ପ୍ରକ୍ରିୟାଟି ଖୁବ୍ ମଜାଦାର ଲାଗୁଥିବାରୁ ସମସ୍ତେ ଏଇ ନୂତନ ପ୍ରକ୍ରିୟାକୁ ଆପଣାଉଛନ୍ତି ।

# ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର

୨୩ ମାର୍ଚ୍ଚ ୨୦୨୨, ବୁଧବାର




## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ । ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ । ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ ।

## ଅସମ୍ଭବ ତାତି....

ମାର୍ଚ୍ଚ ମାସ ମଭାଗ ହୋଇନାହିଁ, ଡରାଇଲାଣି ତାତି । ରାଜ୍ୟର ସବୁଠାରୁ ଉତ୍ତପ୍ତ ସହର ଭାବେ ଟିଟିଲାଗଡ଼ ପୂର୍ବଦିନ ଭଳି ପରିଚୟ ରଖିପାରିଛି । ସର୍ବାଧିକ ଉତ୍ତପ୍ତ ସହର ଭିତରେ ରହିଥିବା ସହରଗୁଡ଼ିକ ଭିତରେ ବାରିପଦା, ତାଳଚେର, ଅନୁଗୁଳ, ରାଜଧାନୀ ଭୁବନେଶ୍ୱର, ବଲାଙ୍ଗୀର, ସମ୍ବଲପୁର, ବରଗଡ଼, କେନ୍ଦୁଝର ସମେତ ବିଭିନ୍ନ ଜିଲ୍ଲା ମହକୁମାରେ ଗ୍ରୀଷ୍ମ ଲହରୀ ଆପାତତଃ ଜାରି ରହିବ । ଏହି କ୍ରମରେ ଯଦି ତାତି ଲାଗି ରହିଲେ ପିଇବା ପାଣି ସମସ୍ୟା ଅଧିକ ହେବ, ଜଳାଶୟ ଶୁଖିଯିବାରୁ ଅବସ୍ଥା ଅସମ୍ଭାଳ ହୋଇପଡ଼ିବ । ଅତି କମ୍‌ରେ ୧୬ଟି ସହରରେ ତାପମାତ୍ରା ୪୦ ଡିଗ୍ରୀରୁ ୪୪ ଡିଗ୍ରୀ ସେଲସିୟସ୍‌ରେ ପହଞ୍ଚିଗଲାଣି । ବାରିପଦା ଓ ଟିଟିଲାଗଡ଼ରେ ସର୍ବାଧିକ ୪୪ ଡିଗ୍ରୀ ଛୁଇଁ ସାରିଲାଣି । ତାଳଚେର ଓ ଝାରସୁଗୁଡ଼ାରେ ୪୨.୭, ବୌଦ୍ଧରେ ୪୨.୨ ଓ ବଲାଙ୍ଗୀର ତଥା ଟିଟିଲାଗଡ଼ ସହରରେ ତାପମାତ୍ରା ଶୀର୍ଷ ଛୁଇଁଲାଣି । ଅନୁଗୁଳ ରେକର୍ଡ଼ କରିଛି ୪୧.୯ ଡିଗ୍ରୀ। ଚାନ୍ଦବାଲିରେ ୩୯.୨, ପାରାଦୀପରେ ୩୧.୬, ସମ୍ବଲପୁରରେ ୪୧.୩, ଭବାନୀପାଟଣାରେ ୪୧ ଡିଗ୍ରୀ ରେକର୍ଡ଼ କରାଯାଇଛି । ଏହି ତାତି ବଢ଼ିବାର ଅନ୍ୟତମ ମୁଖ୍ୟ କାରଣ ହେଉଛି ଜଙ୍ଗଲୀ ନିଆଁ । ବୌଦ୍ଧ-କନ୍ଧମାଳ, କେନ୍ଦୁଝର ଭଳି ଜିଲ୍ଲାର ବିସ୍ତୀର୍ଣ୍ଣ ଅଞ୍ଚଳରେ ବନ ସମ୍ପଦ ଜଳି ଛାରଖାର ହୋଇଯାଇଛି । ଏପରିକି ହଜାର ହଜାର ଏକର ଜମିରେ ବଣ ଜଙ୍ଗଲ ସମ୍ପଦ ଧ୍ୱଂସ ପାଇଯାଉଛି । ପୋଡି ଚାଷ କରି ବିସ୍ତୀର୍ଣ୍ଣ ଅଞ୍ଚଳରେ ଜଙ୍ଗଲ ଧ୍ୱଂସ କରିବାର ମାନସିକତାକୁ ନିରୁତ୍ସାହିତ କରାଯିବାରେ ଯେତେ ପ୍ରକାର ଚେଷ୍ଟା କରାଗଲେ ସୁଦ୍ଧା ସେଥିରୁ ଆଦୌ ସୁଫଳ ମିଳୁନାହିଁ । ଏବେସୁଦ୍ଧା ଲୋକମାନଙ୍କର ବିଶ୍ୱାସ ଅଛି ପୋଡୁ ଚାଷ କଲେ ଫସଲ ଭଲ ହୋଇଥାଏ । ମାତ୍ର ଯେଉଁ କେତେକ କାରଣରୁ ଜଙ୍ଗଲ ଧ୍ୱଂସ ପାଇବାରେ ଲାଗିଛି, ତାହାର ନିରାକରଣ ଏବଂ ଅଧିକରୁ ଅଧିକ ଜଙ୍ଗଲ ସୃଷ୍ଟି ଦିଗରେ ଉଦ୍ୟମ ହେବା ଜରୁରି । ବିଶ୍ୱ ତାପନ ଯେଉଁ ସ୍ତରରେ ପହଞ୍ଚିଲାଣି, କେତେବେଳେ ତାହା ବିସ୍ଫୋରକ ହେବ, ତାହା କିଏ ଜାଣିଛି ? ଅଷ୍ଟ୍ରେଲିଆ ଭଳି ଦେଶରେ ମାସ ମାସ ଧରି ଜଙ୍ଗଲୀ ନିଆଁ ଲାଗିଛି ତ ଲାଗିଛି ! ନିଆଁ ଧାସରେ ଏକର ଏକର ଜମି ଓ ଜଙ୍ଗଲ ଧ୍ୱଂସ ପାଇବାରେ ଲାଗିଛି। ଆମ ରାଜ୍ୟରେ ପୋଡୁଚାଷ ଭଳି ପରମ୍ପରା ନଥିଲେ ସୁଦ୍ଧା କିଛି ଖାମଖିଆଲି ଲୋକ ବିଡ଼ି ସିଗ୍ରେଟ୍ ଫିଙ୍ଗିଦେଇ ବଡ଼ ଧରଣର ବିପ୍ୟାତର କାରଣ ହେଉଛନ୍ତି । ଏହାଫଳରେ ଏମିତିରେ ଜଳବାୟ ଓ ତାପମାତ୍ରାରେ ଭାରସାମ୍ୟ ବିଗିଡ଼ି ଯାଉଛି । ତାହାବାଦ୍, ଅସନ୍ତୁଳନଜନିତ ନାନାବିଧା ସମସ୍ୟା ସୃଷ୍ଟି ହେଉଛି । ଜୈବ ବିବିଧତାର ଅବକ୍ଷୟ ସକାଶେ ଭୂସ୍ଖଳନ, ଭୂମିକମ୍ପ ଭଳି ଗୋଟିକ ପରେ ଗୋଟିଏ ବିପଦର କାରଣ ହୋଇଛି । ପୂର୍ଣ୍ଣବାତ୍ୟା, ଝଡ଼ତୋଫାନ ଓ ବନ୍ୟା-ବାତ୍ୟାର କାରଣ ହେଉଛି ଏହି ଜଙ୍ଗଲୀ ନିଆଁ । ତାହାର ପ୍ରତ୍ୟକ୍ଷ କିମ୍ବା ପରୋକ୍ଷ ପ୍ରତିକୂଳ ପ୍ରଭାବ କିଭଳି ଆମ ଉପରେ ପଡୁଛି, ତାହା ସମସ୍ତେ ଜାଣନ୍ତି । ସେହି ଭଳି ଯୁଦ୍ଧବିଗ୍ରହଜନିତ କାରଣରୁ ସୃଷ୍ଟି ହେଉଥିବା ବିଧ୍ୱଂସକାରୀ ପ୍ରକ୍ରିୟା ସମଗ୍ର ବ୍ୟବସ୍ଥାକୁ ପ୍ରଭାବିତ କରିଚାଲିଛି । ଗୁଳିଗୋଳାଠାରୁ କ୍ଷେପଣାସ୍ତ୍ର ଓ ହାଇପର ସୋନିକ୍ ଅସ୍ତ୍ର ପ୍ରୟୋଗରୁ କିଭଳି ବିପଜନକ ଦିଗକୁ ମାନବ ଜାତି ମାଡ଼ି ଚାଲିଛି, ତାହାର କିଛି ଠିକ୍-ଠିକଣା ନାହିଁ । କେହି ଜାଣନ୍ତି ନାହିଁ, ଆମେ କେଉଁ ଦିଗକୁ ମାଡ଼ିଯାଉଛୁ । ତାହାରି ଭିତରେ ଧ୍ୱଂସ ମାର୍ଗରେ ମାଡ଼ି ଚାଲିଥିବା ମଣିଷ ପାଇଁ କେବେ ସୂର୍ଯ୍ୟୋଦୟ ହେବ, ତାହା ଏବେ ହୋଇ ରହିଛି ବହୁ କୋଟି ଡଲାରର ପ୍ରଶ୍ନ । ପରିସ୍ଥିତି ନିର୍ବିଶେଷରେ ସମଗ୍ର ମାନବ ଜାତି ସନ୍ଧିକ୍ଷଣରେ ରହିଛି । ତାପମାତ୍ରା ବର୍ଷକୁ ବର୍ଷ ବଢ଼ି ଚାଲିଛି । କୌଣସି ବର୍ଷ ତାପମାତ୍ରା କମିବାର ନାମ ଧରୁନାହିଁ । ଏଭଳି ହେବାର କାରଣ ମଧ୍ୟ ଏକାଧିକ ତାପମାତ୍ରା ବୃଦ୍ଧି କାରଣରୁ ବାୟୁ ପ୍ରଦୂଷଣ ଏବଂ ତଜନିତ ରୋଗ ବୃଦ୍ଧି ପାଉଛି । ଶ୍ୱାସରୋଗ ଓ ନିଶ୍ୱାସ ପ୍ରଶ୍ୱାସ ନେବାରେ କଷ୍ଟ ପାଇ ବହୁ ଲୋକ ପ୍ରାଣ ହରାଉଛନ୍ତି । ଏହି ପ୍ରକାର ଅନେକ ସମସ୍ୟା ରହିଛି, ତାହାର ପ୍ରତିଷେଧକ ବାହାରିବା ସମ୍ଭବ ହେଉନାହିଁ । କରୋନା ମହାମାରୀ ଏବଂ ବିଭିନ୍ନ ପ୍ରଜାତିର ବ୍ୟାଧି ପାଇଁ ଯେତେ ପ୍ରକାର ପ୍ରତିଷେଧକ କିମ୍ବା ଉପଚାର ବାହାର କରାଯିବା ସତ୍ତ୍ୱେ ତାହା ନିରର୍ଥକ ପ୍ରମାଣିତ ହେଉଛି । ସୁତରାଂ, ତାପମାତ୍ରାରେ ସନ୍ତୁଳନ ରକ୍ଷା କରାନଯାଇ ପାରିଲେଏଭଳି ବିପଦ ବରଣ କରାଯିବାକୁ କେହି ରୋକିଦେବା ସମ୍ଭବ ହେବନାହିଁ ।

## ଅର୍ନ୍ତଃଦ୍ୱନ୍ଦ୍ୱରେ କାଶ୍ମୀର ଫାଇଲ୍ସ



ଡକ୍ଟର ଲକ୍ଷ୍ମଣ ସାହୁ

(ପୂର୍ବ ପ୍ରକାଶିତ ଉତ୍ତାରୁ)

ଫଳତଃ ଏହି ସମଗ୍ର ଦୁଃଖଦ ଘଟଣାକୁ ଲୋକଙ୍କ ସାମ୍ନାରେ ରଖିବା ପାଇଁ 'କାଶ୍ମୀର ଫାଇଲ୍' ଗୁଡିକ କାର୍ଯ୍ୟ କରିଛି । ଗଣମାଧ୍ୟମଗୁଡିକର ଭୂମିକା ନିର୍ବାହ କରିଛି ।

ଏକ ପ୍ରବାଦ ଅଛି ଯେ ଜୋତା ଉପରେ ସତ୍ୟ ପିନ୍ଧିବା ବେଳକୁ ମିଥ୍ୟା ସମଗ୍ର ବିଶ୍ୱରୁ ଲୋପ ପାଇଯାଇଛି । କାଶ୍ମୀରୀ ପଣ୍ଡିତଙ୍କ ସହ ଘଟିଥିବା ଦୁଃଖଦ ପ୍ରସଙ୍ଗରେ ଏହା ସଠିକ୍ ଭାବରେ କୁହାଯାଇପାରେ । କାଶ୍ମୀରୀ ପଣ୍ଡିତମାନେ କେବଳ ଜନ ପରିଷଦ ଏବଂ ବିସ୍ଥାପିତ ଦେଶକୁ ସାମ୍ନା କରିନାହାଁନ୍ତି । ଏହା ପରେ ସେମାନଙ୍କୁ ନିର୍ଦ୍ଦିଷ୍ଟ ଆଦର୍ଶର ଲୋକମାନଙ୍କ ଦ୍ୱାରା ମିଥ୍ୟା କଥା ଅନେକ ଶୁଣିବାକୁ ମଧ୍ୟ ପଡିବ ଯାହା ସେମାନଙ୍କୁ କେବେ ହତ୍ୟା କରାଯାଇ ନଥିଲା । ଏହି ମିଥ୍ୟାକୁ ଚିରସ୍ଥାୟୀ କରିବା ପାଇଁ କାଶ୍ମୀରୀ ପଣ୍ଡିତଙ୍କ ମୃତ୍ୟୁ ଓ ଭୂମିହୀନଙ୍କ ସଂଖ୍ୟାକୁ କମ୍ କରିବାକୁ ଚେଷ୍ଟା କରାଯାଇଥିଲା । କାଶ୍ମୀରୀ ପଣ୍ଡିତମାନେ ସେମାନଙ୍କ ଘରୁ ବାହାରି ଯାଇଥିଲେ । ସେମାନଙ୍କ ଶତାବ୍ଦୀର ସତ୍ୟତା ମଧ୍ୟ ଏକ ନିର୍ଦ୍ଦିଷ୍ଟ ମାର୍ଜିନରେ ଚାଲିଥିଲା ଓ ମିଥ୍ୟା ସମଗ୍ର ବିଶ୍ୱକୁ ଅନ୍ଧକାରରେ ଘୋଡ଼ାଇ ରଖିଥିଲା । ଏପରିକି କାଶ୍ମୀର ଫାଇଲର ଟେଲିକାଷ୍ଟ ବନ୍ଦ କରିବାକୁ କୋର୍ଟରେ ଆବେଦନ କରାଯାଇଥିଲା। ଯଦି ବିଭିନ୍ନ ଉପାୟରେ ବିରୋଧ କରାଯାଇଥାନ୍ତା, ତା'ହେଲେ ଏହା ପଛରେ ଥିବା ଉଦ୍ଦେଶ୍ୟ ଲୋକଲୋଚନକୁ ଆସିପାରି ନଥାନ୍ତା । ସତ୍ୟତା ହେଉଛି କାଶ୍ମୀର ପଣ୍ଡିତଙ୍କ ଜନଶୁଣାଣି ଏବଂ ବିସ୍ଥାପନ, ଏବେ ସତ୍ୟ ସାମ୍ନାରେ ଅଛି ଓ ମିଥ୍ୟା ପରିହାସ ହୋଇଛି । କିଛି ରାଜନୈତିକ ଦଳୀୟ ଚକ୍ରାନ୍ତ ଦ୍ୱାରା ଜାଲ ବୁଣା ହୋଇଛି, ସେମାନେ ଏଭଳି ଜାଲ ବିଛେଇ ବାକୁ ଏବେ ମଧ୍ୟ ଚେଷ୍ଟାରେ ଅଛନ୍ତି । ଅନ୍ୟଥା, ଯେତେବେଳେ କାଶ୍ମୀର ଓ ଆତଙ୍କବାଦ ବିଷୟରେ 'ହାୟଦାର' ଏବଂ 'ମକ୍କ' ଭଳି ଚଳଚ୍ଚିତ୍ର ନିର୍ମିତ ହୁଏ, ସେତେବେଳେ ସେହି ଲୋକମାନଙ୍କ ବା ଚଳଚ୍ଚିତ୍ର ଉପରେ ସ୍ୱାର୍ଥବାଦୀମାନଙ୍କ ବିରୋଧ/ ପ୍ରତିରୋଧ ଭାବ ପ୍ରତିକ୍ରିୟା ଝୁଲି ରହିଥାଏ ।

ବାସ୍ତବରେ ମାନବିକ ଦୃଷ୍ଟିକୋଣରୁ କାଶ୍ମୀର ପରି ଚଳଚ୍ଚିତ୍ରରେ ଯେତେବେଳେ ମୁଦ୍ରାର ଅନ୍ୟ ପାର୍ଶ୍ୱ ଭଳି ଦେଖାଯାଏ, ସେତେବେଳେ ଏହା ଆଘାତ ପାଇବା ଆରମ୍ଭ କରେ । ୧୯୯୦ ଠାରୁ, ୨୦୧୪ ବର୍ଷ ପର୍ଯ୍ୟନ୍ତ, ଦେଶରେ ସର୍ବାଧିକ ସଂଖ୍ୟକ ସମସ୍ୟା ଥିବା ବେଳେ ନେତୃତ୍ୱାଧୀନ ସରକାରଗୁଡିକ ନୀରବ ଥିଲେ । କିନ୍ତୁ ଏହି ସରକାର କାଶ୍ମୀରୀ ପଣ୍ଡିତଙ୍କ ପୁନର୍ବାସ ପାଇଁ କୌଣସି ବିଶେଷ ଚିନ୍ତା କରିନଥିଲେ । ତାଙ୍କ ବିସ୍ଥାପନର ୧୮ ବର୍ଷ ପରେ ମଧ୍ୟ କଂଗ୍ରେସ ଏକ ପୁନର୍ବାସ ଯୋଜନା ଆଣିଥିଲା, ତାହା କାର୍ଯ୍ୟକାରୀ ହୋଇପାରିଲା ନାହିଁ। ଜାମ୍ମୁ କାଶ୍ମୀର ପାଇଁ ଧାରା ୩୭୦ କୁ ଆବଶ୍ୟକ କରୁଥିବା କଂଗ୍ରେସ ସରକାରଙ୍କ କାର୍ଯ୍ୟସୂଚୀରେ କାଶ୍ମୀର ପଣ୍ଡିତଙ୍କ ଯନ୍ତ୍ରଣା କିପରି ହୋଇପାରେ ? ଏହି ପରିସ୍ଥିତି ମଧ୍ୟରେ ଆଜି ଯେତେବେଳେ ଭାରତୀୟ ଜନତା ପାର୍ଟି ଶାସିତ ରାଜ୍ୟଗୁଡ଼ିକ କରମୁକ୍ତ ପଣ୍ଡିତମାନଙ୍କ ଦୁଃଖକୁ ବିଶ୍ୱ ସାମ୍ନାରେ ଆଣିଛନ୍ତି, ସେତେବେଳେ କଂଗ୍ରେସ ଏହି ଚଳଚ୍ଚିତ୍ରକୁ ଇଣ୍ଟରନେଟରେ ଟାର୍ଗେଟ କରିବାରେ ବ୍ୟସ୍ତ ଅଛି । ମିଡିଆ ଖାଲି ସେତିକି ନୁହେଁ, ଆଜି ମଧ୍ୟ କଂଗ୍ରେସ ଭିତରେ କାଶ୍ମୀରୀ ପଣ୍ଡିତଙ୍କ ପ୍ରତି ହୋଇଥିବା ଅନ୍ୟାୟ ପାଇଁ ଟିକିଏ ସହାନୁଭୂତି ନାହିଁ କହିଲେ ଚଳେ । ୨୦୧୪ ମସିହାରେ ନରେନ୍ଦ୍ର ମୋଦୀ ସରକାର କ୍ଷମତାକୁ ଆସିବା ପରେ କାଶ୍ମୀରୀ ପଣ୍ଡିତଙ୍କ ପୁନଃ ଥଇଥାନ ଦିଗରେ କିଛି ପଦକ୍ଷେପ ନିଆଯାଇଥିଲା । ୨୦୧୫ ମସିହାରେ ମୋଦୀ ସରକାର ପ୍ରଧାନମନ୍ତ୍ରୀଙ୍କ ବିକାଶ ପ୍ୟାକେଜ୍ (PMDP) ଘୋଷଣା କରିଛନ୍ତି । ଜାମ୍ମୁ କାଶ୍ମୀରର ବିକାଶ ପାଇଁ ୮୦ ହଜାର ୬୮ କୋଟି ଟଙ୍କାର ଏହି ବ୍ୟବସ୍ଥା ଅନୁଯାୟୀ କାଶ୍ମୀରୀ ପଣ୍ଡିତମାନଙ୍କୁ ଉପତ୍ୟକାରେ ପୁନଃ ଥଇଥାନ କରିବା ପାଇଁ ଅନେକ ଯୋଜନା ଆରମ୍ଭ ହୋଇଥିଲା । ୧୯୯୦ ରୁ ୨୦୧୫ ପର୍ଯ୍ୟନ୍ତ କାଶ୍ମୀରରେ କେବଳ ୧୯୬୩ ସରକାରୀ ଚାକିରୀ ଦିଆଯାଇଥିଲା । କିନ୍ତୁ ଉକ୍ତ ପ୍ୟାକେଜ୍ ଅନୁଯାୟୀ, ଛଅ ହଜାର ସରକାରୀ ପଦବୀ କାଶ୍ମୀର ଉପତ୍ୟକାକୁ ଯାଇଥିଲା । ସେଥିମଧ୍ୟରୁ ପ୍ରାୟ ୮୦ ପ୍ରତିଶତ ନଗଦ ଟଙ୍କା ମଧ୍ୟ ଚାଲିଯାଇଛି । ଏହାର କାର୍ଯ୍ୟକାରିତା ପରେ ୨୦୧୭ ରୁ ୨୦୨୨ ମଧ୍ୟରେ ଅର୍ଥାତ୍ ପାଞ୍ଚ ବର୍ଷ ମଧ୍ୟରେ ୬୧୦ କାଶ୍ମୀର ପଣ୍ଡିତମାନେ କାଶ୍ମୀରରେ ନିଜ ଘରକୁ ଫେରିବାକୁ ସକ୍ଷମ ହୋଇଥିଲେ।

ନୂତନ ଗୃହ ନିର୍ମାଣ ଏବଂ ସେଗୁଡ଼ିକରେ ନିର୍ମାଣ ଦିଗରେ ସରକାର ଅନେକ ପଦକ୍ଷେପ ନେଇଛନ୍ତି । ବର୍ତ୍ତମାନ କାଶ୍ମୀରରେ ୯୨୦ କୋଟି ଟଙ୍କା ବ୍ୟୟରେ ଛଅ ହଜାର ନିର୍ମାଣ କରାଯାଉଛି । ତଥାପି କାଶ୍ମୀରରେ ଏହି ସମସ୍ତ କାଶ୍ମୀର ପଣ୍ଡିତଙ୍କୁ ସମ୍ପୂର୍ଣ୍ଣରୂପେ ସମାଧାନ କରିବା ପାଇଁ ସରକାର ଏପର୍ଯ୍ୟନ୍ତ ଏକ ଦୀର୍ଘ ରାସ୍ତା ଅତିକ୍ରମ କରିପାରି ନାହାଁନ୍ତି । କିନ୍ତୁ ୨୦୧୯ ରେ ଧାରା ୩୭୦ ରଦ୍ଦ ହେବା ପରେ ଗତ ଅଢ଼େଇ ବର୍ଷ ମଧ୍ୟରେ ଜାମ୍ମୁ କାଶ୍ମୀରରେ ବୃଦ୍ଧି ଘଟିଲେ ଏହା ଆଶା କରାଯାଇପାରେ । କୁହାଯାଉଛି ଯେ ବର୍ତ୍ତମାନ କାମ କାଶ୍ମୀରୀ ପଣ୍ଡିତଙ୍କ ସାହାଯ୍ୟରେ ଅଧିକ ଶୀଘ୍ର କରାଯିବ । କେବଳ କାଶ୍ମୀରର ନୁହେଁ, ଏହା ସେମାନଙ୍କ ସହିତ ସମ୍ପୂର୍ଣ୍ଣ ହେବ । ଯେତେବେଳେ ସେମାନଙ୍କର ଦେୟ ଅଧିକାର ଅନ୍ୟାନ୍ୟ ମୌଳିକ ସୁବିଧା ପାଇବେ । ଯଦି ଅନ୍ୟାୟ କରିଥିବା ସମସ୍ତ ଦୋଷୀଙ୍କୁ ଉପଯୁକ୍ତ ଦଣ୍ଡ ନ ମିଳିବ, ତେବେ କାଶ୍ମୀରୀ ପଣ୍ଡିତମାନଙ୍କ ଉପରେ ହୋଇଥିବା ଚକ୍ରାନ୍ତ ସମାପ୍ତ ହେବ ହୋଇ ପାରିବ ନାହିଁ । ଅଗ୍ନିହୋତ୍ରୀଙ୍କ ଏହି ଚଳଚ୍ଚିତ୍ର କାଶ୍ମୀରୀ ପଣ୍ଡିତଙ୍କ ପ୍ରସଙ୍ଗରେ ଏକ ନୂତନ କାର୍ଯ୍ୟ କରିଛି । ଆଜି ଇଣ୍ଟରନେଟ୍ ମିଡିଆରେ 'କାଶ୍ମୀର ପୋଷ୍ଟ' ବାହାନା କରିବାର ମୁଦ୍ରା ସବୁଆଡେ ଚାଲିଛି । ଲୋକଙ୍କ ସିନେମା ହଲ୍ ଟିକେଟ୍ ଚଳଚ୍ଚିତ୍ର ଆଡକୁ ଆଗରୁ କିଣାଯାଉଛି । କିନ୍ତୁ ଦୁଃଖର ବିଷୟ ହେଉଛି ଏହି ଚଳଚ୍ଚିତ୍ରଟି ମଧ୍ୟ ପାସ୍ ର ଶିକାର ହୋଇଛି । ସମସ୍ତ ଲୋକ ପରସ୍ପରକୁ ଲିଙ୍କ୍ କରିବା ଆରମ୍ଭ କରିଛନ୍ତି । ଏହାକୁ ଏଡ଼ାଇବା ଉଚିତ୍।

କାଶ୍ମୀର ଫାଇଲ୍ ଭଳି ଚଳଚ୍ଚିତ୍ର ସିନେମା ହଲରେ ପ୍ରଦର୍ଶିତ ହେବା ଉଚିତ୍ । ଯାହା ଦ୍ୱାରା ଏହାର ଉତ୍ପାଦନ ସହିତ ଜଡିତ ସମସ୍ତ ଲୋକ ଉତ୍ସାହିତ ହେବେ ଓ ଭବିଷ୍ୟତରେ ମଧ୍ୟ ସେମାନେ ଅର୍ଥାତ୍ ପ୍ରଯୋଜକ ଏହିପରି କାହାଣୀ ଦେଖାଇବାକୁ ଉତ୍ସାହିତ ହେବେ । ତଥାପି ପ୍ରଶ୍ନ ଉଠିଛି ଦୀର୍ଘ ୩୨ବର୍ଷ ପରେ କାଶ୍ମୀର ଫାଇଲ୍ ଫିଲ୍ମ ମନୋରଞ୍ଜନ ପାଇଁ ନା କାଶ୍ମୀର ପଣ୍ଡିତ ମାନଙ୍କ ସମସ୍ୟା ସମାଧାନ ପାଇଁ ନା ଦେଶରେ ସାମ୍ପ୍ରଦାୟିକ ହିଂସା, ଘୃଣା ଓ ବିଦ୍ୱେଷ ସୃଷ୍ଟି କରିବା ପାଇଁ , ତାହା ପାଠକଙ୍କ ବିଚାର ଉପରେ ...!!!! (ସମାପ୍ତ)


♥ ଅଧ୍ୟକ୍ଷ, ମହାନଦୀବିହାର ମହିଳା ସ୍ନାତକ ମହାବିଦ୍ୟାଳୟ, କଟକ -୪

ମୋ: ୯୦୪୦୧୫୧୪୭୫


## ରୁଷ ୟୁକ୍ରେନ ଯୁଦ୍ଧ ଓ ପରମାଣୁ ବୋମା



ଡ.ଦୀପ୍ତିମୟୀ ବେହେରା

ସାମ୍ପ୍ରତିକ ମନୁଷ୍ୟ ଆଜି ସ୍ୱାର୍ଥାନ୍ଧ । ଗର୍ବ, ଅହଙ୍କାର ଓ ସାମ୍ରାଜ୍ୟଲିପସା ମନୋଭାବ ଯୋଗୁଁ ଆଜି ସେ ବିପଥଗାମୀ । ପ୍ରତି ମୁହୂର୍ତ୍ତରେ ଖେଳି ଚାଲୁଛି ରକ୍ତର ହୋଲି । ଆଜି ଯାହାକୁ ମୋର ମୋର କହି ଉତଫୁଲ୍ଲିତ ହେଉଛି ବା ଧରାକୁ ସରା ମନେକରୁଛି ହୁଏତ ସେ ଆଉ କାହାର ଥିଲା, ପରଦିନ ଆଉ କାହାର ମଧ୍ୟ ହେବ । ସଂସାରକୁ ଆସିଲାବେଳେ ନା କିଛି ନେଇକରି ଆସିଥିଲ ନା ଗଲାବେଳେ କିଛି ନେଇକରି ଯିବ । ଯଦି ନୁହେଁ ତେବେ ଏ ଆତ୍ମବଡିମା ଓ ବୃଥା ଅହଙ୍କାର କାହିଁକି ?

ଆଲୋଚନାର ବିଷୟ ହେଉଛି ସମଗ୍ର ବିଶ୍ୱ ପାଇଁ ବିପଦଭାବେ ଉଭା ହୋଇଛି 'ରୁଷ ୟୁକ୍ରେନ ଯୁଦ୍ଧ' । ଯୁଦ୍ଧ ପାଇଁ ଉଭୟ ସଜବାଜ ହେଉହେଉ ଲାଗିଗଲା ଯୁଦ୍ଧ । ରୁଷର କ୍ଷେପଣାସ୍ତ୍ର ମାଡ଼ରେ ୟୁକ୍ରେନ ଧରାଶାୟୀ ଏବଂ ୟୁକ୍ରେନର ଗୁଳିଗୋଳାରେ ରୁଷ ସୈନିକ ଅଧିକ ମାତ୍ରାରେ ନିହତ । ଯାହାକି ସାମାଜିକ ଗଣମାଧ୍ୟମରେ ପ୍ରସାରିତ । ଦେଖିବାକୁ ଗଲେ ଯୁଦ୍ଧର ସ୍ଥିତି ଅଣାୟତ୍ତ । ତଥାପି ନିଜନିଜ ଜିଦରେ ଅଟଳ ଉଭୟ ରାଷ୍ଟ୍ରପତି । ୟୁକ୍ରେନ ରାଷ୍ଟ୍ରପତି ଜେଲେନସ୍କିଙ୍କ ମତରେ - 'ମରିବୁ ପଛେ ଛାଡ଼ିବୁ ନାହୁଁ, ଆମେ ଲଢ଼ିବୁ ଓ ବିଜୟୀ ହେବୁ ଏବଂ ପାଉଁଶ ଗଦାରୁ ପୁଣି ଉଠିବୁ' । ସେହିପରି ରୁଷର ରାଷ୍ଟ୍ରପତି ପୁଟିନଙ୍କ ଭାଷାରେ - 'ଆମ ଭିତରେ ଯଦି କୌଣସି ରାଷ୍ଟ୍ର ହସ୍ତକ୍ଷେପ କରିବ ତେବେ ଏହାର କଡ଼ା ଜବାବ ଦିଆଯିବ ଯାହା ଇତିହାସ କେବେ ଦେଖିନଥିବ' । ଏଥିରୁ ଜଣାପଡ଼େ କେହି ପଛକୁ ହଟିବାକୁ ନାରାଜ । ଏପରି ପରିସ୍ଥିତିରେ ଥରୁଟିଏ କେବେ ଭାବିଛନ୍ତି - ଏହାଦ୍ୱାରା ସାଧାରଣଜନତା କେତେ ଦୁଃଖଦୁର୍ଦ୍ଦଶା ଭୋଗୁଛନ୍ତି, ବଞ୍ଚିବା ପାଇଁ କେତେ ଆର୍ତ୍ତଚିତ୍କାର କରୁଛନ୍ତି, ପୁଣି ଲକ୍ଷଲକ୍ଷ ଜନତା ପ୍ରାଣ ବିକଳରେ ଦେଶଛାଡ଼ି ଚାଲି ଯାଉଛନ୍ତି । କେତେ କିଏ ନିଜର ଲୋକଙ୍କୁ ହରାଉଛି ତ ଅକାଳରେ କେତେ କଅଁଳ ଶିଶୁଙ୍କ ପ୍ରାଣ ଝରିପଡୁଛି, ହଜାର ହଜାର ସୈନିକଙ୍କ ଜୀବନ ଦୀପ ଲିଭି ଯାଉଛି ତ ପୁଣି ଶହଶହ ବର୍ଷର କୀର୍ତ୍ତିରାଜି ଧ୍ୱଂସସ୍ତୁପରେ ପରିଣତ ହେଉଛି । କି ହୃଦୟ ବିଦାରକ ଦୃଶ୍ୟସବୁ । ଆଖିରୁ ନିଦ ହଜାଇ ଦେଉଛି ।

ଦେଖଣାହାରି ବିଶ୍ୱ ଦେଖୁଛି ଖାଲି । ପ୍ରତ୍ୟକ୍ଷଭାବେ ଉଭା ହେବାକୁ ସଭିଙ୍କ ମନରେ ଆସୁଛି ଭୟ । ଦୀର୍ଘ ଦିନ ଧରି ଯୁଦ୍ଧ ଚାଲିଥିବାବେଳେ ରୋକିବାକୁ ନାହିଁ କାହାର ସକ୍ଷମ । ତଥାପି ଦୁଇ ଦେଶ ମଧ୍ୟରେ ଯୁଦ୍ଧ ବିରତି ଘଟାଇ ଶାନ୍ତି ଫେରାଇ ଆଣିବାର ଲକ୍ଷ୍ୟ ନେଇ ତିନୋଟି ପର୍ଯ୍ୟାୟ ସମ୍ମୁଖ ଆଲୋଚନା ବିଫଳ ହୋଇଥିବା ବେଳେ ଚତୁର୍ଥ ପର୍ଯ୍ୟାୟ ଆଲୋଚନା ଭିଡ଼ିଓ କନଫରେନ୍ସ ମାଧ୍ୟମରେ ହେବା ସତ୍ତ୍ୱେ ବି ଚାଲୁରହିଛି ଯୁଦ୍ଧ । ଯୁଦ୍ଧର ଅନ୍ତ ଘଟୁନଥିବାବେଳେ ଦୁଇ ଦେଶ ମଧ୍ୟରେ ଲାଗିରହିଛି ପ୍ରବଳ ଉତ୍ତେଜନା । 'ଝିମିଟି ଖେଳରୁ ମହାଭାରତ' ପରି ଯଦି ଏହି ଯୁଦ୍ଧ ତୃତୀୟ ବିଶ୍ୱଯୁଦ୍ଧ ବା ପରମାଣୁ ଯୁଦ୍ଧର ରୂପ ନିଏ ତେବେ କଥା ସରିଲା ।

ତେବେ ପ୍ରଶ୍ନ ଉଠେ 'ପରମାଣୁ' କ'ଣ ? କାହିଁକି ସମସ୍ତଙ୍କର ଭୟ ତାକୁ ? ପରମାଣୁ ହେଉଛି - 'ଅପରିମିତ ଶକ୍ତିର ଆଧାର' । ଯାହାର ସୁବିନିଯୋଗ ଦ୍ୱାରା ମାନବ ସଭ୍ୟତାର କଲ୍ୟାଣ ସାଧିତ ହୋଇଥାଏ ନାହିଁତ କୁବିନିଯୋଗ ଦ୍ୱାରା ମାନବ ସମାଜ ଧ୍ୱଂସ ପାଇଯାଇଥାଏ । ତେବେ ମନରେ ପୁଣି ପ୍ରଶ୍ନ ଆସିବା ସ୍ୱାଭାବିକ ପରମାଣୁ ଶକ୍ତି 'ଆଶୀର୍ବାଦ ନା ଅଭିଶାପ' ? ବିଗତ ବିଶ୍ୱଯୁଦ୍ଧ ହିଁ ତାହାର ଜ୍ୱଳନ୍ତ ପ୍ରମାଣ । ୧୯୪୫ ମସିହା ଅଗଷ୍ଟ ମାସରେ ଆମେରିକା ପକ୍ଷରୁ ନିକ୍ଷେପ କରାଯାଇଥିଲା ପରମାଣୁ ବୋମା ହିରୋସୀମା ଓ ନାଗାସାକୀ ଉପରେ ଯାହାକି ମୁହୂର୍ତ୍ତକ ମଧ୍ୟରେ ଧ୍ୱଂସସ୍ତୁପ ପାଲଟି ଯାଇଥିଲା ଏ ଦୁଇ ସହର । ସେହି କରୁଣ ଦୃଶ୍ୟସବୁକୁ ଲିପିବଦ୍ଧ କରି ରଖିଛି ଇତିହାସ ପୃଷ୍ଠା । ସେସବୁକୁ ପାଠ କଲେ ମନରେ ଶଙ୍କା ଆସେ । ଲୋମମୂଳ ଟାଙ୍କୁରି ଉଠେ । ଭୟରେ ପ୍ରାଣ ଛାଡ଼ିଗଲା ବୋଲି ହୃଦବୋଧ ହୁଏ ।

ସମ୍ପ୍ରତି ଶକ୍ତିଶାଳୀ ରାଷ୍ଟ୍ରମାନେ ପରସ୍ପର ବିରୁଦ୍ଧରେ ଯୁଦ୍ଧ କରିବାକୁ ଯାଇ ବିନାଶକାରୀ ମାରଣାସ୍ତ୍ର 'ପରମାଣୁ ବୋମା'କୁ ଅସ୍ତ୍ର ରୂପେ ବିଚାର କରୁଛନ୍ତି । ଏହାବାଦ ବିପଜ୍ଜନକ 'ଫସଫରସ ବୋମା' ଓ 'ଉଦଜାନ ବୋମା'ର ନାମ ମଧ୍ୟ ଶୁଣିବାକୁ ମିଳୁଛି କିନ୍ତୁ ଦେଶବାସୀଙ୍କ ମନରେ ଭୟ ସଞ୍ଚାର ହେଉଛି ସତେ କ'ଣ ବିଶ୍ୱଯୁଦ୍ଧ ହେବ ? ମାନବ ସଭ୍ୟତା କ'ଣ ଧ୍ୱଂସ ପାଇଯିବ ? ଏହିଭଳି ଅନେକ ପ୍ରଶ୍ନ ସ୍ୱତଃପ୍ରବୃତ୍ତଭାବେ ଆସିଯାଇଥାଏ । ଏଥିରୁ ଭାବିପାରୁଥିବେ ଅବସ୍ଥା କେତେ ଶୋଚନୀୟ ନ ହେବ ।

ଅପମାନ ଓ ପ୍ରତିଶୋଧ - ଏ ଦୁଇ ଶକ୍ତି ମନୁଷ୍ୟକୁ କିପରି ଠେଲି ଦେଇଥାଏ ମରଣ ମୁହଁକୁ ତା'ର ନିଛକ ପ୍ରମାଣ ମିଳିଥାଏ ଶୁଦ୍ରମୁନି ସାରଳା ଦାସଙ୍କ ରଚିତ 'ମହାଭାରତ' ଗ୍ରନ୍ଥରୁ । ତେଣୁ ହିଂସା ଓ ଅହଂଭାବ ରଖି କୌଣସି କାର୍ଯ୍ୟ କଲେ ସୁଫଳ ମିଳିନଥାଏ ବରଂ ପରସ୍ପର ମଧ୍ୟରେ ଉତ୍ତମ ବୁଝାମଣା କରି ଶାସନ କ୍ଷମତାକୁ ଆଗେଇ ନେବା ଦରକାର । ବିଶ୍ୱ ଭ୍ରାତୃତ୍ୱବୋଧର ଭାବ ଉଦ୍ରେକ କରି 'ବସୁଧୈବ କୁଟୁମ୍ବକମ୍' ନୀତିକୁ ଆପଣେଇ ନେବା ଉଚିତ ।

ଜୀବନଟାତ ପାଣି ଫୋଟକା । ଆଜି ମଲେ କାଲିକୁ ଦୁଇଦିନ । କ'ଣ ମିଳିବ ବିନାଶ କରି । ସମସ୍ତଙ୍କୁ ବଞ୍ଚେଇ ନିଜେ ବଞ୍ଚିବାରେ ଯେଉଁ ଆନନ୍ଦ ଅଛି ତାହା ହୁଏତ ଧ୍ୱଂସ କରି ବଞ୍ଚିବାରେ ନାହିଁ । ଏସବୁ ଭାବିବାକୁ ହେଲେ ବିଶାଳ ହୃଦୟ ଦରକାର । ଜାଣି ରଖିବା ଉଚିତ ପରମାଣୁ ଶକ୍ତିଠୁ ଆହୁରି ଶକ୍ତିଶାଳୀ ହେଉଛି ମନୁଷ୍ୟର କ୍ରୋଧ । ଏହା ଏପରି ଅଗ୍ନିଶିଖା ଯେ ମନୁଷ୍ୟର ମାନ, ମର୍ଯ୍ୟାଦା, ଚରିତ୍ର, ବଂଶ, ପରମ୍ପରା ଆଦିକୁ ସମୂଳେ ଧ୍ୱଂସ କରିଦେଇଥାଏ ।

ଯୁଦ୍ଧବିଧ୍ୱସ୍ତ ୟୁକ୍ରେନକୁ ଡାକ୍ତରୀ ଶିକ୍ଷା ପାଇଁ ଯାଇଥିବା ଭାରତୀୟ ଛାତ୍ରଛାତ୍ରୀଙ୍କୁ ସୁରକ୍ଷିତଭାବେ ଫେରାଇ ଆଣିବା ପାଇଁ କେନ୍ଦ୍ର ସରକାରଙ୍କ ଘନଘନ ବୈଠକ, କୂଟନୈତିକ ସ୍ତରରେ ଆଲୋଚନା ଯାହାଦ୍ୱାରା କି ସୁଫଳ ଆଣି ଦେଇଥିଲା ଭାରତୀୟଙ୍କୁ । ଫଳରେ 'ଗଙ୍ଗା ଅଭିଯାନ' ମାଧ୍ୟମରେ ନିଜ ପିଲାମାନଙ୍କୁ ସୁରକ୍ଷିତ ଭାବେ ଫେରିପାଇଥିଲେ ପରିବାରଲୋକେ । ଦେଖିବାକୁ ମିଳିଥିଲା ଅନ୍ୟ ଦେଶର ଛାତ୍ରଛାତ୍ରୀ ମଧ୍ୟ ଭାରତର ତ୍ରିରଙ୍ଗା ଧରି ନିଜ ଦେଶକୁ ଆସିବାରେ ସଫଳ ହୋଇ ପାରିଥିଲେ । ଯାହାଦ୍ୱାରା କି ହଜାର ହଜାର ସଂଖ୍ୟାରେ ଛାତ୍ରଛାତ୍ରୀ ସ୍ୱଦେଶ ପ୍ରତ୍ୟାବର୍ତ୍ତନ କରି ନିଜକୁ ସୁରକ୍ଷିତ ମଣିଥିଲେ । ଏ ଦିଗରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଭୂମିକା ନିଶ୍ଚିତ ଭାବେ ପ୍ରଶଂସନୀୟ ।

କଥା ହେଉଛି ସମୟ ଆସିବ ସରିଯିବ ଏ ମହାଯୁଦ୍ଧ । ପୁନର୍ବାର ଗଢ଼ି ଉଠିବ ଶିଳ୍ପସୌଧ କିନ୍ତୁ ଫେରିଆସିବ କି ସେହି ନିରୀହ ପ୍ରାଣ । ଦେଇପାରିବ କି ବୃଦ୍ଧ ପିତାମାତାଙ୍କ ନୟନରୁ ଝରିପଡୁଥିବା ଲୁହଲହୁର ମୂଲ୍ୟ । ଫେରାଇ ପାରିବ କି ବୁକୁଫଟା କ୍ରନ୍ଦନରତ ସ୍ତ୍ରୀକୁ ତା'ର ଶଙ୍ଖା ସିନ୍ଦୁର, ନିରୀହ ନିଷ୍ପାପ ଶିଶୁକୁ ଫେରାଇ ଦେବ କି ତା ମାତାପିତାଙ୍କୁ । ଯେଉଁ ଯେଉଁ ଅମୂଲ୍ୟ ଦୁର୍ଲଭ ସମ୍ପଦ ନଷ୍ଟ ହୋଇଗଲା ତା'ର ଭରଣା ହୋଇପାରିବ କି ?

ନା....ସେଥିପାଇଁ କାହାର ନିଘା ନାହିଁ କି ଭାବିବାକୁ ସମୟ ମଧ୍ୟ ନାହିଁ ବରଂ ନିଜ ନିଜର ଗର୍ବ, ଅହଂକାର ଓ ସାମ୍ରାଜ୍ୟ ବିସ୍ତାର ମନୋଭାବ ଯୋଗୁଁ ବଳିପଡୁଛନ୍ତି ନିରୀହ ଜନସାଧାରଣ । ଥରୁଟିଏ ଓହ୍ଲାଇ ଆସ ରାଜସିଂହାସନରୁ । ଦେଖିବ କି ବୁକୁଫଟା କ୍ରନ୍ଦନ ସାଧାରଣ ଜନତାଙ୍କର । କେତେ ହତୋତ୍ସାହିତ ହୋଇପଡୁଛନ୍ତି ଆପଣାର ଲୋକଙ୍କୁ ହରେଇ । ଖାଦ୍ୟ ପାନୀୟ ବିନା କେତେ ଉହଳ ବିକଳ ହେଉଛନ୍ତି ଶିଶୁଠୁ ବୃଦ୍ଧ ଯାଏ । ଔଷଧ ବିନା ଚାଲିଯାଉଛି ହଜାର ହଜାର ଜୀବନ । ସତରେ, ଏପରି ଦୁଃଖଦ ଘଟଣାବଳୀକୁ ବର୍ଣ୍ଣନା କରିବା ବଡ଼ କଷ୍ଟକର ।

ଫେରାଇ ନିଅ ନିଜ ନିଜର ଅସ୍ତ୍ରଶସ୍ତ୍ର । ଘୋଷଣା କରିଦିଅ ଯୁଦ୍ଧ ବିରତି । ଛାଡିଦିଅ ରାଗ ହିଂସା । ବଞ୍ଚିଯାଆନ୍ତୁ ସାଧାରଣ ଜନତା । ଉଭୟ ଦେଶ ମାନିନିଅ 'ଇଣ୍ଟରନ୍ୟାସନାଲ କୋର୍ଟ ଅଫ ଜଷ୍ଟିସ' (ଆଇସିଜେ)ର ନିର୍ଦ୍ଦେଶକୁ । ଫେରିଆସୁ ଶାନ୍ତି ମୈତ୍ରୀ । ଦେଖିବ, ଦେଶ ହସିବ, ଦୁନିଆ ହସିବ, ସମସ୍ତଙ୍କ ମୁଖେ ହସ ଦେଖି ନିଜେ ବି ହସିବ । ଏହା ହିଁ ପ୍ରକୃତ ସେବା । ଏହାହିଁ ମାନବୀୟ ମୂଲ୍ୟବୋଧ ।


♥ କୋଏଲ ନଗର, ରାଉରକେଲା

ମୋ-୭୫୦୪୮୭୭୫୧୭





## ପ୍ରେମର ସ୍ମୃତି



### ରମାକାନ୍ତ ଦାସ

କାଲିପରି ମନେ ହୁଏ
କେହିଜଣେ ଆସିଥିଲା ମୋ ଜୀବନେ
ସ୍ନେହ ଓ ପ୍ରେମର ସମ୍ଭାର ନେଇ
ଉଦାସ ମନରେ ଭରିଦେଇଥିଲା
କେତେ ଆଶା ଆଉ କେତେ ସ୍ୱପ୍ନ
ସେ ଆନନ୍ଦ ମୁହୂର୍ତ୍ତକୁ
ମୁଁ ଏ ଯାଏ ଭୁଲି ନାହିଁ ।।

ଥରେ ଜଣେ ଫେରିଗଲା ପରେ
ସେ ଆଉ ଆସେ ନାହିଁ କିନ୍ତୁ
ସ୍ମୃତି ତାର ଲେଖିହୁଏ ହୃଦୟ କାଗଜରେ
ଯେତେ ଲିଭେଇଲେ ତାହା କଣ ଲିଭିବା
ସହଜ..... ?

ତୁମେ ସିନା ମୋ ଠୁ ଦୂରେଇ ଗଲ
ହେଲେ, ଏ ଅବୁଝା
ହୃଦୟ ମୋର ସହିପାରୁନି
ଅସୁମାରୀ ସ୍ୱପ୍ନର କୁହୁକ ଝରାଇ
ଲକ୍ଷେ ଫଗୁଣର ମହକ ଛୁଟାଇ
ନିରବରେ କେବେ ଛାତିର
କୋହ ସବୁ ଲୁଚିଯାନ୍ତି ଆଉ କେବେ
ନଈ ହୋଇ ବହି ଆସନ୍ତି
ଅଖି ଲୁହରେ ।।

ହୃଦୟ ମୋ ପ୍ରଶ୍ନ କରେ ଅତୀତକୁ
ଆଶ୍ଚର୍ଯ୍ୟ ଭାବେ ଚକିତ ହୋଇ
ଯିଏ ଦିନେ କହୁଥିଲା
ତୁ ମୋ ଭାବନା, ତୁ ମୋ କଳ୍ପନା
ସେ କେମିତି ରହିଗଲା
ମୋ ଜୀବନରେ ସ୍ମୃତି ହୋଇ ।।


♥ ନନ୍ଦିଗ୍ରାମ, ନାଉଗାଁ, ଜଗତସିଂହପୁର

ମୋ -୯୬୬୮୮୧୫୩୬୯


## ନିଝୁମ ରାତି

### ପ୍ରଶାନ୍ତ ବ୍ରହ୍ମା

ନିଝୁମ ରାତିରେ ଦେଖିଲି
ଯେବେ ମୁଁ ତାକୁ
ଲାଜେଇ ଯାଇ ସେ ହଜିଗଲା
କେଉଁ ରାଇଜକୁ।

ମରିଚିକା ପଛେ ଗୋଡ଼େଇ ହେଲା
ଭଳି ଗୋଡାଏ ମୁଁ ତାକୁ
ତଥାପି ଜାଣି ପାରୁ ନଥାଏ ମୁଁ ତାର
ସେହି ରହସ୍ୟକୁ।

ଆଖି ଦୁଇ ଦେଖାଇ ଲୁଚିଯାଏ ସେ
ପୁଣି ବାରମ୍ବାର
ଆଖି ତା'ର ଯେବେ ଦେଖିଲି ଭାବିଲି
ସେ ହୁଅନ୍ତା କି ମୋ ନିଜର।

ପଛେ ଦେଖି ଯେତେବେଳେ ପଚାରିଲି
ତୁମେ କିଏ
ଲାଜେଇ ଯାଇ ସେ କହିଲା
ମୁଁ ତୁମର କେହି ନୁହେଁ ।

ପୁଣି ଯେବେ ମୁଁ ପଚାରେ କେବେ
ହେବ ଦେଖା
ହାତ ଠାରି କହିଦିଏ
ତୁମେ ଯେବେ ଥିବ ଏକା



♥ ପଳାଶପୁର, ଖୋର୍ଦ୍ଧା


## ସ୍ମୃତି ତୁମ ଅଲିଭା ଜ୍ୟୋତି

### ପୂର୍ଣ୍ଣଚନ୍ଦ୍ର ଓଝା

ସ୍ମୃତି ଜୀଇ ରହେ
ସ୍ମୃତି ଲୁହ ପିଏ
ସ୍ମୃତି ଲୁହ ହୋଇ ଝରେ
ରହିଛି ରହିବ-
ସ୍ମୃତି ତଳେ ତୁମେ
ଶାମୁକାର ମୋତିପ୍ରାୟେ।
ସ୍ମୃତି ତୁମ ସାଧନାର ବଳେ
ତଳରୁ ଉପର
ସବୁଥିରେ ଜିତାପଟ,
ସ୍ମୃତି ତୁମ ନିଷ୍କଳଙ୍କ
ତୁମ ନିର୍ମଳ ଚରିତ୍ର
ସ୍ମୃତି ତୁମ ଭାଷାର ଉଚ୍ଚାଟ।
ସ୍ମୃତି ତୁମ କାଳଜୟୀ 'କଳା'
ସ୍ୱାର୍ଥକ କଳାକାର ଭାବେ।
ସ୍ମୃତି ତୁମ ଚିନ୍ତା ଚେତନାର
ଅଲିଭା ଉଜ୍ଜ୍ୱଳ ଜ୍ୟୋତି।
ସ୍ମୃତି ତୁମ ଶିକ୍ଷା-ଶିକ୍ଷାୟତନ
ଗ୍ରାସି ସମସ୍ତ ଜଂଜାଳ
ଝୁରେ ସବୁ ଅନୁଷ୍ଠାନ।
ସ୍ମୃତି ତୁମ ପ୍ରେମର ମନ୍ଦିର
ଆଜି ଅଧୁରା ସାଜିଛି
ନୀଡ଼ହରା ପକ୍ଷୀଟିଏ ପରି
ଆଜିର ସ୍ମୃତି ଚାରଣ।
ସ୍ମୃତି... ସ୍ମୃତି... ସ୍ମୃତି...
ସ୍ମୃତିରେ ରହିଥାଅ- ଅଲିଭା ଜ୍ୟୋତି।
ଯେଉଁଠି ରୁହ-ଶାନ୍ତିରେ ରୁହ
ଆତ୍ମାର ସଦଗତି ପାଉ
ଲୁହର ଜହର-ପିଉଛୁ ଆମେରେ
ଜଗନ୍ନାଥ ପାଶେ ଧାୟୀ
ସ୍ମୃତି ତୁମେ ଅଲିଭ-ଜ୍ୟୋତି ହୋଇ
ସବୁଦିନ ପାଇଁ।


♥ ସମ୍ପାଦକ-ଶିଶୁ ଦର୍ପଣ
ଛମୌଜ, ଜଳେଶ୍ୱର
ମୋ: ୬୩୭୨୦୧୮୫୭

## ଆଖି ଆଉ ଦୁନିଆ



### ବୈଷ୍ଣବ ମେହେର

କାହିଁକି ତୁମେ ମତେ ଏମିତି ନିନ୍ଦୁଛ,
କଳଙ୍କି ଲାଗି ଲାଗି...
ସିନ୍ଦୁକରେ ସାଇତା ଦ୍ରବ୍ୟ ସଢ଼ି ଗଲାଣି ।
ହେଲେ....
ମୋର ଭୁଲ କଅଣ ?
ସିନ୍ଦୁକର ଚାବି ପରା ତମ ପାଖରେ !!

ତମେ କଅଣ ଭାବୁଛ...
ଏ ଆଖି ନଦେଖୁ ବୋଲି,
ମୋ ଆଖିରେ ପୁଟଳ ବାନ୍ଧି,
ଛିନ୍ନ କରିଦେବ ମୋ ଅସ୍ତିତ୍ୱ !!!
ଆଖି ବନ୍ଦ ଥିଲେ ବି....
ମୁଁ ଶ୍ରବଣ କରିପାରେ,
ସତର୍କ ହେଇଯିବି...
ତୁମ ପାଦ ଧ୍ୱନି ଶୁଣି ।

ଏ ଆଖି ଅଭିନୟ କରେ,
ହେଲେ ବୋକାଟା...
ଅଭିନୟ ଆସେନି ତାକୁ,
ଧ୍ୱନି ବିନା ବି ସବୁ କହିଯାଏ ।

ଏତେ ନିଷ୍ଠୁର ସିଏ...
ନିଜ ମନର ଦୁଃଖ ଦେଖେନି,
କିନ୍ତୁ,
ସାମର୍ଥ୍ୟରେ ହଉ କି ଅସମର୍ଥରେ,
ଅନ୍ୟର ଦୁଃଖ ଦେଖି...
କେଇଟୋପା ଲୁହ ଢାଳିଦିଏ ।

ତେଣୁ...
ବନ୍ଦ କର ଦୋଷାରୋପ,
ଯଦି....
ମୁଠାଏ ସ୍ୱପ୍ନ ଦେଇପାରିବନି,
ତାହେଲେ...
ମୁଁ ଦେଖିଥିବା ସ୍ୱପ୍ନକୁ...
ଏମିତି ଧୂଳିସାତ କରନି ।


♥ ଗଣ୍ଡାବାହାଲି
ନୂଆପଡା

# ନୋଟରେ ଛପା ଯାଉଥିବା ଏହି ତୀର୍ଯ୍ୟକ୍ ରେଖାର ଅର୍ଥ କ'ଣ ଜାଣନ୍ତୁ

ଆପଣ କେବେ ଭାରତୀୟ ନୋଟରେ ଥିବା ଏହି ତୀର୍ଯ୍ୟକ୍ ରେଖାକୁ ଦେଖିଛନ୍ତି କି ? ଯଦି ଆପଣ ଏହି ରେଖାଗୁଡ଼ିକୁ ଧ୍ୟାନ ଦେଇଛନ୍ତି, ତେବେ ଆପଣ ନିଶ୍ଚିତ ଭାବରେ ଦେଖିଥିବେ ଯେ ନୋଟର ମୂଲ୍ୟ ଅନୁଯାୟୀ ସେମାନଙ୍କର ସଂଖ୍ୟା ଭିନ୍ନ ହୋଇଥାଏ। କିନ୍ତୁ, ଆପଣ ଜାଣନ୍ତି କି ଏହି ଧାଡ଼ିଗୁଡ଼ିକ କାହିଁକି ନୋଟ୍ ଉପରେ ଛପା ଯାଇଥାଏ। ବାସ୍ତବରେ, ଏହି ରେଖାଗୁଡ଼ିକ ନୋଟ୍ ବିଷୟରେ ବହୁତ ଗୁରୁତ୍ୱପୂର୍ଣ୍ଣ ସୂଚନା ଦେଇଥାଏ । ୧୦୦, ୨୦୦, ୫୦୦ ଏବଂ ୨୦୦୦ ନୋଟରେ ନିର୍ମିତ ଏହି ରେଖାଗୁଡ଼ିକର ଅର୍ଥ କ'ଣ ଆସନ୍ତୁ ଜାଣିବା । ନୋଟ୍ ଗୁଡିକରେ ଥିବା ତୀର୍ଯ୍ୟକ୍ ରେଖା ଦୃଷ୍ଟିହୀନମାନଙ୍କ ପାଇଁ ସ୍ୱତନ୍ତ୍ର ଭାବରେ ପ୍ରସ୍ତୁତ କରାଯାଇଥାଏ। ନୋଟ୍ ଉପରେ ଏହି ରେଖାଗୁଡ଼ିକୁ ସ୍ପର୍ଶ କରି ସେମାନେ କେତେ ଟଙ୍କା ନୋଟ୍ ଧରିଛନ୍ତି ତାହା ଅତି ସହଜରେ କହି ଦେଇ ପାରିଥାଆନ୍ତି। ସେଥିପାଇଁ ୧୦୦, ୨୦୦, ୫୦୦ ଏବଂ ୨୦୦୦ର ନୋଟରେ ବିଭିନ୍ନ ସଂଖ୍ୟକ ତୀର୍ଯ୍ୟକ୍ ରେଖା ଛପା ଯାଇଥାଏ। ୧୦୦ ଟଙ୍କାର ନୋଟରେ ଉଭୟ ପାର୍ଶ୍ୱରେ ଚାରୋଟି ଧାଡି ଛପା ଯାଇଥାଏ। ଯାହାକୁ ସ୍ପର୍ଶ କରି ଆଖିକୁ ଦିଶୁ ନଥିବା ବ୍ୟକ୍ତି ଜଣକ ସ୍ପଷ୍ଟ ଭାବରେ ବୁଝି ଯାଇଥାଆନ୍ତି ଯେ ତାହ ଏକ ୧୦୦ଟଙ୍କିଆ ନୋଟ ବୋଲି। ସେହିପରି ୨୦୦, ୫୦୦ ଓ ୨୦୦୦ଟଙ୍କିଆ ନୋଟରେ ବି ଏଭଳି ରେଖା ଦିବ୍ୟାଙ୍ଗମାନଙ୍କ ପାଇଁ ଛପା ଯାଇଥାଏ।




### କେଉଁ ମାସରେ ଯିବେ:


ଖରାମାସରେ ଅଧିକ ତାପମାତ୍ରା ବଢ଼ି ଯାଇଥାଏ ତେଣୁ ଆପଣ ୪୦° ସେଲସିୟସ ତାପମାତ୍ରା ପୂର୍ବରୁ ଶିମିଳିପାଳ ଗଲେ ଭଲ, ସେହିପରି ଶୀତ ମାସରେ ଆପଣ ୧୪° ସେଲସିୟସ ପରେ ବୁଲିଗଲେ ଭଲ ମୌସୁମୀରେ ଏଠାରେ ପବଳ ବର୍ଷା ହେଉଥିବାର ନଜର ରହିଛି ।



# ପ୍ରାକୃତିକ ସୌନ୍ଦର୍ଯ୍ୟରେ ପରିପୂର୍ଣ୍ଣ ଶିମିଳିପାଳ

ଶିମିଳିପାଳ ଏପରି ଏକ ଅଭୟାରଣ୍ୟ ଅଟେ ଅତି ସହଜରେ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିଥାଏ । ପ୍ରାକୃତିକ ସୌନ୍ଦର୍ଯ୍ୟରେ ପରିପୂର୍ଣ୍ଣ ଥିବା ଏହି ଅଭୟାରଣ୍ୟଟି ନିଜର ଅପୂର୍ବ ରୂପ ପାଇ ଗରିମା ବହନ କରୁଥାଏ । ଶିମୁଳିର ଘନ ଜଙ୍ଗଲ ଥିବାରୁ ଶିମିଳିପାଳ ନାମକରଣ ହୋଇଥିବା ଶୁଣିବାକୁ ମିଳେ ।






### କେମିତି ଯିବେ:

ସଡ଼କ ପଥରେ ଗଲେ ଶିମିଳିପାଳର ତିନୋଟି ପ୍ରବେଶ ପଥ ରହିଛି ଯଥା ଯଶିପୁର, ଲୂହୁଙ୍ଗ ଓ ପିଠାବଟା । ସଡ଼କ ପଥରେ ନିୟମିତ ବସ୍ ଚଳାଚଳର ସୁବିଧା ରହିଛି । ରେଳପଥରେ ମଧ ଆପଣ ଶିମିଳିପାଳକୁ ଯାଇ ପାରିବେ । ନିକଟତମ ରେଳ ଷ୍ଟେସନ ହେଉଛି ବାରିପଦା ଓ ବାଲେଶ୍ୱର, ଯାହାକି ୬୦ କି.ମି ଦୂର । ବିମାନ ମାଗରେ ମଧ ଶିମିଳିପାଳକୁ ଯିବାର ସୁବିଧା ରହିଛି । ବିଜୁ ପଟ୍ଟନାୟକ ଆନ୍ତର୍ଜାତିକ ବିମାନ ବନ୍ଦର, ଭୁବନେଶ୍ୱର ଠାରୁ ଶିମିଳିପାଳର ଦୂରତା ୨୭୦ କିମି କୋଲକାତା ନେତାଜୀ ସୁବାଷ ଚନ୍ଦ୍ରବୋଷ ଆନ୍ତର୍ଜାତିକ ବିମାନ ବନ୍ଦରଠାରୁ ଶିମିଳିପାଳର ଦୂରତା ୨୫୦ କି.ମି ।


### ରହିବା ଖାଇବାର ବ୍ୟବସ୍ଥା:

ଶିମିଳିପାଳ ନିକଟବର୍ତ୍ତି ଅଞ୍ଚଳରେ ଅନେକ ଛୋଟ, ବଡ଼ ହୋଟେଲ, ଲଜ ଗଢ଼ି ଉଠିଛି ପର୍ଯ୍ୟଟକମାନଙ୍କ ପାଇଁ ଏଠାରେ ରହିବା ଓ ଖାଇବାର ସୁବନ୍ଦୋବସ୍ତ ମଧ ରହିଛି ।




### ଅବସ୍ଥିତି:

ଓଡ଼ିଶାର ମୟୂରଭଞ୍ଜ ଜିଲ୍ଲାରେ ଶିମିଳିପାଳ ଅବସ୍ଥିତ । ଏହି ଜାତୀୟ ଉଦ୍ୟାନର ଆୟତନ ହେଉଛି ୮୪୫.୭୦ ସ୍କୋୟାର କିଲୋମିଟର । ସାଧାରଣତଃ ଏହି ଅଭୟାରଣ୍ୟରେ ମହାବଳ ବାଘ, ହରିଣ ଓ ଅନ୍ୟାନ୍ୟ ଜୀବଜନ୍ତୁ ବାସ କରିଥାନ୍ତି । ଏହା ମଧ୍ୟରେ ଜୋରାନ୍ଦା ଓ ବରେହିପାଣି ଜଳପ୍ରପାତ ରହିଛି । ଶିମିଳିପାଳରେ ମୋଟ୍ ୯୯ଟି ମହାବଳ ବାଘ, ୪୩୨ ଟି ବଣୁଆ ହାତୀ ଏବଂ ଗୟଳ, ଚଉଶିଙ୍ଗା ହରିଣ ରହିଥିବା ଜଣାଯା, । ଶିମିଳିପାଳ ହେଉଛି ରାଜ୍ୟ ତଥା ଦେଶର ସର୍ବ ବୃହତ୍ତ ବିଷୁବ ମଣ୍ଡଳୀୟ ଜଙ୍ଗଲ । ସମୁଦ୍ର ପତନଠାରୁ ୧୧୬୫.୬ ମିଟର ଉଚ୍ଚରେ ଅବସ୍ଥିତ ମେଘାସନୀ ପର୍ବତ ଏହାର ଉଚ୍ଚତମ ଶୃଙ୍ଗ । ଏହି ପର୍ବତମାଳାର ସଂକୀର୍ଣ୍ଣ ଉପତ୍ୟକା ମଧ ଦେଇ ବୁଢ଼ା ବଳଙ୍ଗ, ଗଙ୍ଗାହାର, ସୋନ, ଦେଓ, ସଞ୍ଜ, ଖଇରୀ ଓ ହଣ୍ଡନ ଇତ୍ୟାଦି ନଦୀ ପ୍ରଭାବିତ ହେଉଥାଏ । ଏଠାରେ ରାସ୍ପାଜାତୀୟ ବ୍ରଭାବର ଉଦ୍ଭିଦର ପ୍ରଭାବ ଅଧିକ । ଓଡ଼ିଶାରେ ମିଳୁଥିବା ୧୨୮ ପ୍ରକାର ଆର୍କିଡ଼ ମଧ୍ୟରୁ କେବଳ ଶିମିଳିପାଳରେ ୯୮ ପ୍ରକାର ମିଳିଥାଏ । ଏହି ସ୍ଥାନରେ ଦୁଇଟି ସ୍ୱତନ୍ତ୍ର ଧରଣର ଆର୍କିଡ଼ ମିଳିଥାଏ । ଯାହା ପୃଥିବୀର ଅନ୍ୟ କୌଣସି ସ୍ଥାନରେ ମିଳିନଥାଏ । ଶିମିଳିପାଳ ଅଭୟାରଣ୍ୟରେ ୧୦୧୫ ଜାତିର ଉଦ୍ଭିଦ, ୧୪୯ ଜାତିର ପ୍ରାଣୀ ଦେଖାଯାନ୍ତି । ଏଠାରେ ଥିବା ଜୀବମାନଙ୍କ ମଧ୍ୟରେ ମହାବଳ ବାଘ, କଲରାପତ୍ରିଆ ବାଘ, ଜଙ୍ଗଲ ବିରାଡ଼ି, ବଳିଆ କୁକୁର, ଗଧିଆ, ହାତୀ, ଗୟଳ, ସମ୍ବର, କୁଟୁରା, ହରିଣ, ଗୁରାଣ୍ଡି ଇତ୍ୟାଦି ତୃଣଭୋଜୀ ଜୀବ ଓ ବାରହା, ବଜ୍ରକାପ୍ତା, ଝିଙ୍କ, କଇଁଛ, ଅଜଗର ଏବଂ ମଗର ଜାତୀୟ କୁମ୍ଭୀର ରହିଛନ୍ତି । ଶିମିଳିପାଳକୁ ଐତିହ୍ୟ ମାନ୍ୟତା ୨୭ମଇ ୨୦୦୯ ମସିହାରେ ୟୁନେସ୍କୋ ତରଫରୁ ପ୍ରଦାନ କରାଯାଇଛି ।



# ପ୍ରାକୃତିକ ବାୟୁ ବିଶୋଧକ

ଏବେ ପ୍ରଦୂଷଣର ମାତ୍ରା ଏତେ ବଢ଼ିଯାଇଛି ଯେ ଶ୍ୱାସଗ୍ରହଣ କରିବା ପାଣିକୁ ପ୍ରଦୂଷିତ ବାୟୁ ଶରୀର ଭିତରକୁ ଯିବା ନିଶ୍ଚିତ । ବାୟୁ ପ୍ରଦୂଷଣ ରୋକିବା ଲାଗି ବିଭିନ୍ନ ପଦାକ୍ଷେପ ଗ୍ରହଣ କରାଯାଉଥିବାବେଳେ ଘର ଭିତରେ କେତେକ ଗଛ ରଖିଲେ ବିଶୁଦ୍ଧ ବାୟୁ ପାଇପାରିବେ । ଏହି ଗଛଗୁଡ଼ିକୁ ପ୍ରାକୃତିକ ବାୟୁ ବିଶୋଧକ ବୋଲି ମଧ କୁହାଯାଏ । ଦେଖିବାକୁ ସୁନ୍ଦର ହୋଇଥିବାରୁ ଏହା ଦ୍ୱାରା ଘରର ସାଜସଜ୍ଜା ହୋଇପାରିବ। ଏପରି ଜଣାଅଜଣା ସାତଟି ଗଛ ସମ୍ପର୍କରେ ଜାଣନ୍ତୁ ...



ସେକ୍‌ପ୍ଲାଣ୍ଟ ଏହାକୁ ମଜାରେ ଶାଶୁଙ୍କ ଜିଭ ବା 'ମଦର ଇନ୍-ଲଜ୍ ଟଙ୍ଗ' କୁହାଯାଏ । ଏହି ଗଛ ବାୟୁରେ ଥିବା ମାରାତ୍ମକ ଫର୍ମାଲଡିହାଇଡ୍ ଅବଶୋଷଣ କରିପାରେ । ବେଶୀ ଖରା ମଧ ଏହି ଗଛକୁ ଦରକାର ହୁଏନି । ରାତିରେ ଏହା ଅଙ୍ଗାରକାମ୍ଳ ଗ୍ରହଣ କରି ଅମ୍ଳଜାନ ଛାଡ଼ିଥାଏ ।

ଘିକୁଆଁରୀ : ଔଷଧୀୟ ଗୁଣରେ ପରିପୂର୍ଣ୍ଣ ଏହି ଗଛ ପ୍ରାୟ ଅନେକଙ୍କ ଘରେ ଥାଏ । ଏହାର ମଧ ବାୟୁ ବିଶୋଧନକାରୀ ଗୁଣ ରହିଛି । ଘି କୁଆଁରୀଗଛ ବାୟୁରୁ ଫର୍ମାଲଡିହାଇଡ ଏବଂ ବେଞ୍ଜିନ୍ ପରି ରାସାୟନିକ ଅବଶୋଷ କରିପାରେନଚେତ ରୋଷେଇ ଘର ଝରକା ପାଖରେ ରଖିପାରିବେ ।ସ୍ପାଇଡର ପ୍ଲାଣ୍ଟ ଖୁବ୍ ଭଲ ବିକଳ୍ପ । ଏହାକୁ ଅଧିକ ଯତ୍ନ ନେବା ଆବଶ୍ୟକ ହୁଏନାହିଁ କିନ୍ତୁ ଏହି ଗଛ ବାୟୁରୁ ଜାଇଲିନ୍ ବେଞ୍ଜିନ୍, ଫର୍ମାଇଡିହାଇଡ ଏବଂ କାର୍ବନ ମନୋକସାଇଡ୍ ପରି ବିଷାକ୍ତ ତତ୍ତ୍ୱ ଶୋଷିନେଇପାରେ । ରବର ଗଛ ଘର



ଭିତରେ କିମ୍ବା କାର୍ଯ୍ୟାଳୟର ବନ୍ଦ ଘରେ। ବିଶୁଦ୍ଧ ବାୟୁ ଚାହୁଁଥିଲେ ଏହି ଗଛ ଲଗାଇବା ଉଚିତ । ଏହା ଅଳ୍ପ ଖରାରେ ବି ଭଲ ଭାବେ ବଢ଼ିପାରେ ।



କାଠ ତିଆରି ଆସବାବପତ୍ରରୁ ବାହାରୁଥିବା କ୍ଷତିକାରକ ଫର୍ମାଲଡିହାଇଡ୍ ଶୋଷିନେଇ ଏହା ଘର ଭିତରେ ପରିବେଶ ବିଶୁଦ୍ଧ ରଖିଥାଏ । ଏହି ଗଛକୁ କାଠ ତିଆରି ସୋପା କିମ୍ବା ଖଟ ପାଖରେ ରଖିଲେ ଭଲ । ପାମ ଟ୍ରି ଦେଖିବାକୁ ସୁନ୍ଦର ହୋଇଥିବା ସହ ଏହା ବାୟୁ ବିଶୋଧନ କରିବାରେ ସକ୍ଷମ । ଘରର ପରିବେଶ ବିଶୁଦ୍ଧ କରିବା ଲାଗି ଡ୍ରାଫଡେଟ୍ ପାମ, ବାମ୍ବୁ ପାମ୍, ଏରିକା ପାମ, ଲେଡି ପାମ କିମ୍ବା ପାର୍ଲର ପାମ ଆଦି ଲଗାଇପାରିବେ ।


ତୁଳସୀ ଗଛଝ ପ୍ରତ୍ୟେକ ହିନ୍ଦୁ ପରିବାରରେ ପୂଜା କରିବା ଲାଗି ତୁଳସୀ ଗଛ ରହିଥାଏ । ଦେବବୃକ୍ଷ ଭାବେ ପରିଚିତ ତୁଳସୀ ସ୍ୱାସ୍ଥ୍ୟ ପାଇଁ ଖୁବ୍ ଉପକାରୀ । ଏହା ୨୪ଘଣ୍ଟା ମଧ୍ୟରେ ୨୦ଘଣ୍ଟା ଅମ୍ଳଜାନ ଛାଡ଼ିଥାଏ ଏବଂ କାର୍ବନମନୋକସାଇଡ୍ କାର୍ବନ ଡାଇଅକ୍ସାଇଡ୍ ତଥା ସଲଫର ଡାଇଅକସାଇଡ ଅବଶୋଷଣ କରି ପରିବେଶ ପ୍ରଦୁଷଣମୁକ୍ତ ରଖେ । ତେଣୁ ଘରେ ଏକାଧିକ ତୁଳସୀଗଛ ଲଗାଇବା ଭଲ । ଫାଇକସ୍ ବେୟଜାମିନା; ଫର୍ମାଲଡିହାଇଡ୍, ବେଞ୍ଜିନ୍ ଏବଂ ଟ୍ରାଇକ୍ଲୋରୋ ଏଥିଲିନ ପରି ଦୂଷିତ ତତ୍ତ୍ୱ ଅବଶୋଷଣ କରି ଏହି ଗଛ ଶୁଦ୍ଧ ପରିବେଶ ଦେଇଥାଏ । ତେବେ ଏହି ଗଛ ପର୍ଯ୍ୟାପ୍ତ ପାଣି, ଖରା ଏବଂ ଯତ୍ନ ଆବଶ୍ୟକ କରେ ।

# ରାଜସ୍ଥାନୀ ପକୋଡ଼ା କଢ଼ି

ପକୋଡ଼ା କଢ଼ି ରାଜସ୍ଥାନର ଏକ ପାରମ୍ପରିକ ଖାଦ୍ୟ । ପକୋଡ଼ା କଢ଼ି ଅନ୍ୟାନ୍ୟ ରାଜ୍ୟରେ ମଧ ପ୍ରସ୍ତୁତ କରାଯାଇଥାଏ । ତେବେ ରାଜସ୍ଥାନୀ ପକୋଡ଼ା କଢ଼ିର ସ୍ୱାଦ ଟିକେ ଭିନ୍ନ । କାରଣ ଏଥିରେ ସାଧାରଣତଃ ପିଆଜ, ରସୁଣର ବ୍ୟବହାର ହୋଇନଥାଏ । ବେସନ ଓ ଦହିରେ ପ୍ରସ୍ତୁତ ହେଉଥିଲେ ମଧ ଏହାର ସ୍ୱାଦ ଅଲଗା ହେବାର କାରଣ ହେଉଛି ଏଥିରେ ମିଶୁଥିବା ମସଲା ରାଜସ୍ଥାନୀ ପକୋଡ଼ା କଢ଼ିରେ କୁରୁକୁରିଆ ପକୋଡ଼ା ମିଶଯାଇଥିବାରୁ ଏହାର ସ୍ୱାଦଦ ମଧ ଭଲ ଲାଗେ । ଏହାକୁ ଭାତ, ରୁଟି, ପରଟା, ପୁରି ଆଦ ସହିତ ଖିଆଯାଇଥାଏ । ଯେହେତୁ ରାଜସ୍ଥାନରେ ପାଣି ଆଭାବ ଅଧିକ ତେଣୁ ଲୋକମାନେ ସାଧାରଣତଃ ଅଳ୍ପ ପାଣି ଦରକାର ହେଉଥିବା ବ୍ୟଞ୍ଜନ ପ୍ରସ୍ତୁତ କରିଥାଆନ୍ତି । ପାଣି ଜାଗାରେ ଦହିର ବ୍ୟବହାର ଟିକେ ଅଧିକ ହୋଇଥାଏ । ତେବେ ଆସନ୍ତୁ ଜାଣିବା ରାଜସ୍ଥାନୀ ପକୋଡ଼ା କଢ଼ି କିଭଳି ପ୍ରସ୍ତୁତ ହୋଇଥାଏ ।

**ପ୍ରସ୍ତୁତି :**

ପ୍ରଥମେ ପକୋଡ଼ା ବା ପକୁଡ଼ି ତିଆରି କରିବା ପାଇଁ ବେସନ ୧ କପ୍, କଟା ଧନିଆ ପତ୍ର ୨ ଟେବଲ ଚାମଚ, ହଳଦୀ ଚଉଠେ ଚାମଚ, ଟିପେ ବେକିଂ ସୋଡ଼ା, ଜୀରା ୧ ଟା ଚାମଚ, ଦେଢ଼ ଚା-ଚାମଚ କଟା କଞ୍ଚାଲଙ୍କା, ଲୁଣ ସ୍ୱାଦ ଅନୁସାରେ, ଛାଣିବା ପାଇଁ ରିଫାଇନ ତେଲ । ରିଫାଇନ ତେଲକୁ ଛାଡ଼ି ସବୁ ଜିନିଷକୁ ଏକାଠି କରି ଅଳ୍ପ ପାରି ଦେଇ ଏକ ବହଳିଆ ଘୋଳି ପ୍ରସ୍ତୁତ କରନ୍ତୁ । ଏହାପରେ ତେଲ ଗରମ କରି ମଧ୍ୟମ ଆଞ୍ଚରେ କୁରୁକୁରିଆ ପକୁଡ଼ି ଛାଣି ଅଲଗା ରଖନ୍ତୁ । ଏହାପରେ ପ୍ରସ୍ତୁତ କରନ୍ତୁ କଢ଼ି । କଢ଼ି ପ୍ରସ୍ତୁତ ପାଇଁ ଦହି ୨ କପ୍, ବେସନ୍ ୨ ଟେବଲ୍ ଚାମଚ, ହଳଦୀ ପାଉଡର ଚଉଠେ ଚାମଚ, ଲୁଣ ସ୍ୱାଦ ଅନୁସାରେ, ୧ ଟେବଲ ଚାମଚ ତେଲ, ଡାଲଚିନି ୧ ଟିକୁରା, ଲବଙ୍ଗ ୨ଟା, କାଶ୍ମିରୀ ଲଙ୍କା ୨ଟା, ପାନମହୁରୀ ଅଧ ଚାମଚ, ଗୋଟା ଧନିଆ ଅଧା ଚାମଚ, ଜୀରା ଅଧ ଚାମଚ, ମେଥି ଦାନା ଚଉଠେ ଚାମଚ, ଅଦା କଟା ଅଧ ଚାମଚ, ଭୃସୁଙ୍ଗ ପତ୍ର ଅଳ୍ପ, ଅଧ ଚାମଚ ଲଙ୍କା ଗୁଣ୍ଡ । କଢ଼ି ତିଆରି କରିବା ପାଇଁ ପ୍ରଥମେ ଦହି, ବେସନ, ହଳଦି, ଲୁଣ ଏବଂ ୨ କପ୍ ପାଣିକୁ ଏକାଠି ଏକ ପାତ୍ରରେ ଗୋଳାନ୍ତୁ । ଦରକାର ହେଲେ ସାମାନ୍ୟ ଅଧିକ ପାଣି ମିଶାଇ ପାରନ୍ତି । ଏହାପରେ ଏକ ପ୍ୟାନରେ ତେଲ ଗରମ କରି ସେଥିରେ ଡାଲଚିନି, ଲବଙ୍ଗ, ଶୁଖିଲା ଲଙ୍କା, ପାନମହୁରି, ଗୋଟା ଧନିଆ, ଜୀରା, ମେଥି ଦାନା, କଟା ଅଦା, ଭୃସୁଙ୍ଗ ପତ୍ର ଏବଂ ଲଙ୍କାଗୁଣ୍ଡ ପକାଇ ମଧ୍ୟମ ଆଞ୍ଚରେ ଫୁଟଣ କରି ଆଞ୍ଚ ବନ୍ଦ କରି ସେଥିରେ ଦହି ଓ ବେସନର ମିଶ୍ରଣକୁ ମିଶାଇ ଭଲ କରି ଗୋଳାଇ ଦେବେ । ଏହାପରେ ପୁଣି ଥରେ ଗ୍ୟାସ ଅନ୍ କରି ଧିମା ଆଞ୍ଚରେ ଏହି ଘୋଳକୁ ଏକ ଚାମଚ ସାହାଯ୍ୟରେ ଘାଣ୍ଟିବେ । ଦେଖିବେ ଟିକେ ବହଳିଆ ହୋଇଆସିଲେ ବେସନର କଞ୍ଚାପଣ ଚାଲିଯିବ । ଏହାପରେ ଆଞ୍ଚ ବନ୍ଦ କରିଦେବେ । ପରିବେଷଣ କଲା ପୂର୍ବରୁ ଏହି କଢ଼ିରେ ଆଗରୁ ଛାଣି ରଖିଥିବା ପକୋଡ଼ା ମିଶାଇ ଦେବେ । ପ୍ରସ୍ତୁତ ହୋଇଗଲା ରାଜସ୍ଥାନୀ ପକୋଡ଼ା କଢ଼ି । ଏହି ଖାଦ୍ୟରେ ପୁଷ୍ଟିସାରର ପରମାଣ ଯଥେଷ୍ଟ ଅଧିକ । ସ୍ୱାସ୍ଥ୍ୟ ପାଇଁ ଏହି କଢ଼ି ଉପାଦେୟ । ଶୀତଦିନେ ଅନେକ ଲୋକ ଦହି ଖାଆନ୍ତି ନାହିଁ । କିନ୍ତୁ ଦହିରେ ବେସନ ମିଶାଇ ଏଭଳି ସ୍ୱାଦିଷ୍ଟ କଢ଼ି ପ୍ରସ୍ତୁତ କରାଯାଇପାରିବ ।



# ପ୍ରତିଦିନ ଖାଦ୍ୟରେ ଚିକେନ୍ ଏବଂ ମଟନ୍ ଖାଇବା ଅର୍ଥାତ୍ ରୋଗକୁ ନିମନ୍ତ୍ରଣ କରିବା

ବର୍ତ୍ତମାନ ସମୟରେ ଲୋକ ଅଧିକ ଆମିଷ ଖାଇବାକୁ ପସନ୍ଦ କରୁଛନ୍ତି । ଚିକେନ୍ ଏବଂ ମଟନ୍ ଖାଇବାରେ ନଥିଲେ ପେଟକୁ ଖାଦ୍ୟ ହିଁ ଯାଉନି । ପୂର୍ବ ସମୟରେ ଏଥିରେ ସନ୍ତୁଳନ ରହୁଥିଲା ସପ୍ତାହରେ ଥରେ କିମ୍ବା ଦୁଇଥର ଲୋକ ଆମିଷ ଭୋଜନ କରୁଥିଲେ କିନ୍ତୁ ଏବେ ପ୍ରତିଦିନର ଭୋଜନରେ ଚିକେନ୍ ଏବଂ ମଟନ୍ ସାମିଲ ହେବା ଯେଭଳି ଅନିବାର୍ଯ୍ୟ । ତେବେ ବଡ ସୁଆଦିଆ ଲାଗୁଥିବା ଏହି ଖାଇବା ଶରୀର ପ୍ରତି ଯେ କେତେ କ୍ଷତିକାରକ ଆପଣ ଜାଣିଛନ୍ତି । ଚିକେନ୍ ଏବଂ ମଟନ୍ ଶରୀର ପାଇଁ କ୍ଷତିକାରକ ଯାହାର କାରଣ ରୋଗ ଦାଉରୁ ଛେଳି,କୁକୁଡାଙ୍କୁ ଦିଆଯାଉଥିବା ଆଣ୍ଟିବାୟୋଟିକ୍ । ଯେତେବେଳେ ଛେଳି,କୁକୁଡାଙ୍କୁ ରୋଗ ହୋଇଯାଏ ତାଙ୍କ ଦେହରେ ବ୍ୟାକ୍ଟେରିଆ ଘର କରିଥାନ୍ତି । ଏଥିରୁ ବଞ୍ଚାଇବା ପାଇଁ ତାଙ୍କୁ ଆଣ୍ଟିବାୟୋଟିକ୍ ଦିଆଯାଏ । କିନ୍ତୁ ଏହି ଆଣ୍ଟିବାୟୋଟିକର ବ୍ୟାକ୍ଟେରିଆ ଉପରେ କୌଣସି ପ୍ରଭାବ ପଡିନଥାଏ ।



ଯେତେବେଳେ ଲୋକ ଏହି ମାଂସକୁ ଖାଇଥାନ୍ତି ତାଙ୍କ ଶରୀରରେ ଏହି ବ୍ୟାକ୍ଟେରିଆ ପ୍ରବେଶ କରେ ଏବଂ ତାଙ୍କ ଉପରେ ଆଣ୍ଟିବାୟୋଟିକ୍ ର ପ୍ରଭାବ ପଡିନଥାଏ ।

## ସ୍ୱାସ୍ଥ୍ୟ ମନ୍ତ୍ର

ଶିଶୁକୁ କ୍ଷୀର ପିଆଇ ସାରି ପେଟ ଭରି ପାଣି ପିଆନ୍ତୁ । ଏହା ଦ୍ୱାରା ପାଟିରେ ରହିଥିବା କ୍ଷୀର ପେଟକୁ ଚାଲିଯାଏ ଓ ଭଲ ହଜମ ହୁଏ । କ୍ଷୀର ପିଆଇ ସାରି ପରିଷ୍କାର କପଡା ବା ଗଜକପଡା ଗରମ ପାଣିରେ ଭିଜାଇ ଶିଶୁର ମାଢି ଓ ମୁହଁର ଭିତର ଅଂଶକୁ ଭଲ ଭାବେ ପୋଛିଦିଅନ୍ତୁ । ଦିନକୁ ଦୁଇଥର ଏମିତି କଲେ ପାଟି ପରିଷ୍କାର ରହେ । ପାଟି ଭିତର ଘା' ହେଲେ ମହୁ ଲଗାନ୍ତୁ, ଶିଖିଯିବା ୬ରୁ ୨୪ମାସ ମଧ୍ୟରେ ଶିଶୁର ଦୁଧ ଅଭାବରୁ ମାଢିରେ କେତେକ ରୋଗ ହୁଏ । ଆଗ ମାଢି ଅଧିକ କ୍ଷତି ହୁଏ । ଏହା ଫୁଲେ କିମ୍ବା ଯନ୍ତ୍ରଣା ହୁଏ । ଏହି ସମୟରେ ଜ୍ୱର , ପତଳା ଝାଡା , ଅକାରଣ କାନ୍ଦିବା ସମସ୍ୟା ହୁଏ । ପାଞ୍ଚ ବର୍ଷ ବୟସ ପରେ ଶିଶୁମାନଙ୍କ ଦାନ୍ତ ସଂକ୍ରମଣ ହୁଏ ଏବଂ ପୋକ ଲାଗେ । ଏହି ସମୟରେ ବେଳେବେଳେ ଶିଶୁଙ୍କ ମୁହଁରେ ଫୋଟକା ବାହାରେ, ଜ୍ୱର ହୁଏ, ଖାଇବାରେ ଅରୁଚି ହୁଏ । ଏଥିପାଇଁ ଗୁଣି-ଗାରେଡି କିଂବା ତୁଟୁକା ଚିକିତ୍ସା ଉପରେ ଭରସା ନ କରି ଶିଶୁ ଡାକ୍ତରଙ୍କ ପରାମର୍ଶ ନେବା ଜରୁରୀ । ଶିଶୁର ଜୀବନ ପାଇଁ ଏହା ଅଧିକ ନିରାପଦ ।

# କୋଟିଆ ମାମଲା : ଓଡିଶାର ବିଜୟ ପାଇଁ ରାଜ୍ୟ ସରକାରଙ୍କୁ ଅଭିନନ୍ଦନ : ସମାଜବାଦୀ ପାର୍ଟି

ଭୁବନେଶ୍ୱର,୨୨/୦୩ (ନି.ପ୍ର): କୋଟିଆ ଗ୍ରାମପୁଞ୍ଜ ବିବାଦକୁ ନେଇ ଆଜି ସୁପ୍ରିମକୋର୍ଟରେ ଶୁଣାଣି ଥିଲା। ଆନ୍ଧ୍ର ପ୍ରଦେଶ ସରକାର କୋଟିଆକୁ ଆନ୍ଧ୍ରର ବୋଲି ଦର୍ଶାଇବା ପାଇଁ କୋର୍ଟଙ୍କ ସମ୍ମୁଖରେ ଯେଉଁସବୁ ଦସ୍ତାବିଜ୍ ପେସ୍ ଦାୟର କରିଥିଲେ, ଏହାକୁ କୋର୍ଟ ଖାରଜ କରିଦେଇଛନ୍ତି। ୧୯୩୬ ମସିହାରୁ ୨୦୧୯ ମସିହା ଏପରିକି ୨୦୨୨ ମସିହା ପର୍ଯ୍ୟନ୍ତ ହୋଇଥିବା ତ୍ରିସ୍ତରୀୟ ପଂଚାୟତ ନିର୍ବାଚନକୁ ଓଡ଼ିଶା ସରକାର ବେଶ୍ ସଫଳତାର ସହିତ କୋଟିଆ ଗ୍ରାମପୁଞ୍ଜରେ ସଫଳତାର ସହିତ ପରିଚାଳନା କରିବାକୁ ସମର୍ଥ ହୋଇଛନ୍ତି ବୋଲି ରାଜ୍ୟ ସରକାରଙ୍କ ଓକିଲ ଶ୍ରୀଯୁକ୍ତ ଶିବଶଙ୍କର ମିଶ୍ର, କୋରାପୁଟ ଜିଲ୍ଲା ପ୍ରଶାସନ ଓ ସର୍ବୋପରି ଓଡ଼ିଶା ସରକାର ସଫଳତାର ସହିତ ମାନ୍ୟବର ଖଣ୍ଡପୀଠଙ୍କ ପାଖରେ ସମସ୍ତ ଦସ୍ତାବିଜ୍ ରଖିଥିଲେ। ଏହାକୁ ଅନୁଧାନ କରି ସୁପ୍ରିମକୋର୍ଟଙ୍କ ଖଣ୍ଡପୀଠ ଆନ୍ଧ୍ରର ପିଟିସନକୁ ଖାରଜ କରିଦେଇଥିଲେ। ସୁପ୍ରିମକୋର୍ଟରେ କୋଟିଆ ଶୁଣାଣୀରେ ଓଡ଼ିଶା ସରକାରଙ୍କ ବିଜୟ ଏକ ବଡ଼ ବିଜୟ ଏବଂ ସେଥିପାଇଁ ରାଜ୍ୟ ସରକାରଙ୍କ ଓକିଲ ଶିବଶଙ୍କର ମିଶ୍ର, କୋରାପୁଟ ଜିଲ୍ଲା ପ୍ରଶାସନ ଏବଂ ସର୍ବୋପରି ଓଡ଼ିଶା ସରକାର ଅଭିନନ୍ଦନୀୟ ବୋଲି ସମାଜବାଦୀ ପାର୍ଟି ଓଡ଼ିଶା ରାଜ୍ୟ କମିଟି ପକ୍ଷରୁ ଏକ ପ୍ରେସ୍ ବିଜ୍ଞପ୍ତିରେ କୁହାଯାଇଛି। ପାର୍ଟିର ରାଜ୍ୟ ସଭାପତି ରବି ବେହେରା କୋଟିଆ ମକଦ୍ଦମାରେ ସୁପ୍ରିମକୋର୍ଟରେ ଓଡ଼ିଶାର ବିଜୟକୁ ସ୍ୱାଗତ କରିବା ସଙ୍ଗେ ସଙ୍ଗେ ରାଜ୍ୟ ସରକାର, କୋରାପୁଟ ଜିଲ୍ଲା ପ୍ରଶାସନ ଏବଂ ଓଡ଼ିଶା ସରକାରଙ୍କ ପକ୍ଷରୁ ମକଦ୍ଦମା ଲଢୁଥିବା ସୁପ୍ରିମକୋର୍ଟର ବରିଷ୍ଠ ଓକିଲ ଶିବଶଙ୍କର ମିଶ୍ରଙ୍କୁ ଅଭିନନ୍ଦନ ଜଣାଇଛନ୍ତି ଏବଂ ଆଗାମୀ ଦିନରେ ଆନ୍ଧ୍ରର ଷଡ଼ଯନ୍ତ୍ରର ଜବାବ ଦେବା ପାଇଁ ସେମାନେ ତତ୍ପରତାର ସହିତ ଓଡ଼ିଶାର ସ୍ୱାର୍ଥରକ୍ଷା କାମ କରିବେ ବୋଲି ଶ୍ରୀ ବେହେରା ଆଶାପ୍ରକାଶ କରିଛନ୍ତି।

# ପୌର ନିର୍ବାଚନ : ଲଢ଼େଇ ପୂର୍ବରୁ ୩ କର୍ପୋରେଟର, ୫୮ କାଉନ୍ସିଲର ବିଜୟୀ

ଭୁବନେଶ୍ୱର ,୨୨/୦୩ (ନି.ପ୍ର): ଆସନ୍ତା ୨୪ତାରିଖରେ ରାଜ୍ୟର ୫୯ଟି ଏନ୍ଏସି, ୪୭ଟି ମ୍ୟୁନିସପାଲଟି ଏବଂ ୩ଟି ମହାନଗର ନିଗମରେ ସାଧାରଣ ନିର୍ବାଚନ ଅନୁଷ୍ଠିତ ହେବ। ଏଥର ମ୍ୟୁନିସପାଲଟି ଓ ଏନ୍ଏସିର ୧୬୭୨ଟି ୱାର୍ଡ ଏବଂ ତିନିଟି ମହାନଗର ନିଗମର ୧୬୫ଟି ୱାର୍ଡରେ ନିର୍ବାଚନ ହେଉଥିବା ବେଳେ ମେୟର/ପୌରାଧକ୍ଷ ପଦବି ପାଇଁ ୫୬୯ ଜଣ, କର୍ପୋରେଟର/କାଉନସିଲର ପଦବି ପାଇଁ ୫୮୪୨ ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ମ୍ୟୁନିସପାଲଟି/ଏନ୍ଏସିର ୨୯୮୯ଟି ବୁଥ୍‌ରେ ଏବଂ ୩ଟି ମହାନଗର ନିଗମର ୧୩୮୪ ବୁଥ୍‌ରେ ୪୦ଲକ୍ଷ ୫୫ହଜାର ୫୩ଜଣ ମତଦାନ କରିବେ। ଏଥିପାଇଁ ରାଜ୍ୟ ନିର୍ବାଚନ କମିସନଙ୍କ ପକ୍ଷରୁ ଜୋରଦାର୍ ପ୍ରସ୍ତୁତି ହୋଇଛି। ନିର୍ବାଚନ କମିସନଙ୍କ ସୂଚନା ଅନୁଯାୟୀ ନାମାଙ୍କନପତ୍ର ଯାଞ୍ଚ, ପ୍ରତ୍ୟାହାର ପରେ ମୋଟ୍ ୬୧ଜଣ ପ୍ରାର୍ଥୀ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ଏଥିରେ ବ୍ରହ୍ମପୁର ମହାନଗର ନିଗମରେ ୩ଟି ୱାର୍ଡରେ କର୍ପୋରେଟର ଏବଂ ବିଭିନ୍ନ ମ୍ୟୁନିସପାଲଟି ଓ ଏନ୍ଏସିର ୫୮ଟି ୱାର୍ଡରେ କାଉନସିଲର ପ୍ରାର୍ଥୀମାନେ ବିନା ଲଢ଼େଇରେ ବିଜୟୀ ହୋଇଛନ୍ତି। ଏହାବ୍ୟତୀତ ପଟ୍ଟାମୁଣ୍ଡାଇ ମ୍ୟୁନିସପାଲଟି, କାମାକ୍ଷାନଗର ଏନ୍ଏସି ଓ ପୁରୁଷୋତ୍ତମପୁର ଏନ୍ଏସିର ଗୋଟିଏ ଗୋଟିଏ ୱାର୍ଡରେ କେହି ପ୍ରାର୍ଥିପତ୍ର ଦାଖଲ କରିନାହାନ୍ତି। ଉକ୍ତ ପଦବିଗୁଡ଼ିକ ସଂରକ୍ଷିତ ଶ୍ରେଣୀର ହୋଇଥିବାରୁ ଆଇନର ବ୍ୟବସ୍ଥା ଅନୁଯାୟୀ ରାଜ୍ୟ ସରକାର ଏହି ପଦବି ପାଇଁ ଉପଯୁକ୍ତ ବ୍ୟକ୍ତିଙ୍କୁ ମନୋନୀତ କରିବେ। ସେହିପରି କଟକ ମହାନଗର ନିଗମର ମେୟର ଏବଂ ବାରିପଦା ମ୍ୟୁନିସପାଲଟିର ଅଧକ୍ଷ ପଦ ପାଇଁ ମୋଟ୍ ୧୬ଜଣ ଲେଖାଏଁ ପ୍ରାର୍ଥୀ ଅଛନ୍ତି। ଜୟପୁର ମ୍ୟୁନିସପାଲଟିର ଅଧକ୍ଷ ପଦ ପାଇଁ ୧୮ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ତେଣୁ ଏହି ତିନିଟି ସ୍ଥାନରେ ଦୁଇଟି ଲେଖାଏଁ ବାଲଟ୍ ୟୁନିଟ ବ୍ୟବହାର କରାଯିବ। ଏହି ନିର୍ବାଚନରେ ପ୍ରତ୍ୟେକ ବୁଥ୍‌ରେ ଦୁଇଟି ଲେଖାଏଁ ଇଭିଏମ୍ ରହିବ। ଗୋଟିକରେ ମେୟର/ପୌରାଧକ୍ଷ ଏବଂ ଅନ୍ୟଟିରେ କାଉନସିଲର/କର୍ପୋରେଟର ପାଇଁ ଭୋଟ୍ ଗ୍ରହଣ କରାଯିବ। ୨୪ତାରିଖ ସକାଳ ୮ଟାରୁ ସଂଧ୍ୟା ୫ଟା ପର୍ଯ୍ୟନ୍ତ ଭୋଟ୍‌ଗ୍ରହଣ ହେବ। ମାର୍ଚ୍ଚ ୨୬ତାରିଖ ସକାଳ ୮ଟାରୁ ଭୋଟ୍ ଗଣତି ହେବ। ପ୍ରତ୍ୟେକ ପୋଲିଂ ପାର୍ଟିରେ ଜଣେ ପ୍ରିଜାଇଡିଂ ଅଫିସର ଏବଂ ୪ଜଣ ପୋଲିଂ ଅଫିସର ରହିବେ। ମୋଟ୍ ? ୨୨ହଜାର ପୋଲିଂ କର୍ମଚାରୀ ନିଯୁକ୍ତ ହେବେ। ୨୩ତାରିଖ ଅପରାହ୍ନ ସୁଦ୍ଧା ସମସ୍ତ ପୋଲିଂ କର୍ମଚାରୀ ଭୋଟ୍ ଗ୍ରହଣ କେନ୍ଦ୍ରରେ ପହଞ୍ଚିବେ। ଏଥିପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତ ବ୍ୟବସ୍ଥା କରାଯାଇଛି। ନିର୍ବାଚନକୁ ଶାନ୍ତିଶୃଙ୍ଖଳାର ସହ ପରିଚାଳନା କରିବା ପାଇଁ ରାଜ୍ୟ ପୁଲିସ ତରଫରୁ ୧୯୫ପ୍ଲାଟୁନ୍ ପୁଲିସ୍ ଫୋର୍ସ ବ୍ୟବସ୍ଥା କରାଯାଇଛି। ଏଥିମଧ୍ୟରୁ ଭୁବନେଶ୍ୱର ପାଇଁ ୩୦ପ୍ଲାଟୁନ୍, କଟକ ପାଇଁ ୨୦ପ୍ଲାଟୁନ୍, ବ୍ରହ୍ମପୁର ପାଇଁ ୧୦ପ୍ଲାଟୁନ୍ ପୁଲିସ ଫୋର୍ସ ରହିବେ। ଏହାବ୍ୟତୀତ ମୋଟ୍ ୩୦୦ ମୋବାଇଲ୍ ପାର୍ଟି ରହିବେ। ଏଥିରୁ ୧୦୯ଟି ମୋବାଇଲ୍ ପାର୍ଟି ୩ଟି ମହାନଗର ନିଗମରେ ରହିବେ। ପ୍ରତ୍ୟେକ ବୁଥ୍‌ରେ ଜଣେ ଲେଖାଏଁ କନଷ୍ଟେବଲ/ହାବିଲଦାର କିମ୍ବା ସଶସ୍ତ୍ର ପୁଲିସ ରହିବେ। ସମ୍ବେଦନଶୀଳ/ଅତି ସମ୍ବେଦନଶୀଳ ବୁଥ୍‌ରେ ଜଣେ ଜଣେ ହାବିଲଦାର କିମ୍ବା କନଷ୍ଟେବଲ ସହ ଆଉ ଜଣେ ସଶସ୍ତ୍ର ପୁଲିସ ରହିବେ। ଏହାବ୍ୟତୀତ ପ୍ରତ୍ୟେକ କ୍ଲଷ୍ଟର ବୁଥ୍‌ରେ ଜଣେ ଅଫିସର ସହ ଫୋର୍ସ ମୁତୟନ ହେବେ। ନିର୍ବାଚନ ହେଉଥିବା ପ୍ରତ୍ୟେକ ସହରାଞ୍ଚଳର ଥାନାରେ ଗୋଟିଏ କିମ୍ବା ଦୁଇଟି ଷ୍ଟ୍ରାଇକିଂ ଫୋର୍ସ ରହିବେ। ଏହାବ୍ୟତୀତ ପ୍ରତି ଜିଲ୍ଲା ସଦର ମହକୁମାରେ ଗୋଟିଏ କିମ୍ବା ଦୁଇ ପ୍ଲାଟୁନ୍ ପୁଲିସ୍ ଫୋର୍ସ ଜରୁରି ପରିସ୍ଥିତି ପାଇଁ ନିୟୋଜିତ ହେବେ। ୫ଟି ଜାଗାରେ ବର୍ଡର ସିଲିଂ ପଏଣ୍ଟ ରହିବ, ଯାହା ଦାୟିତ୍ୱରେ ଜଣେ ଇନ୍ସପେକ୍ଟର ଏବଂ ୩ଜଣ ଅଫିସର ଏବଂ ଏକ ଚତୁର୍ଥାଂଶ ଫୋର୍ସ ୨୪ଘଣ୍ଟା ଡ୍ୟୁଟି କରିବେ।

# ସହରାଂଚଳରେ ବିକାଶ ଠପ୍ ହୋଇଯାଇଛି : ସମୀର ମହାନ୍ତି

ଭୁବନେଶ୍ୱର,୨୨/୦୩ (ନି.ପ୍ର): ରାଜ୍ୟର ଅଧିକାଂଶ ସହରର ବସ୍ତି ଅଂଚଳରେ ବିଜୁଳି ଖୁଂଟ ଅଛି, କିନ୍ତୁ ଲାଇଟ ଜଳୁନାହିଁ । ଡ୍ରେନ ଓ ସ୍ୱେରେଜ ବ୍ୟବସ୍ଥା ଅତି ଶୋଚନୀୟ। ଆବର୍ଜନା ଓ ବର୍ଜ୍ୟବସ୍ତୁ ପରିଚାଳନାରେ ଫେଲ ମାରିଥିବାରୁ ସହରର ବସ୍ତି ଅଂଚଳରେ ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡିଛି । ସହରାଂଚଳର ବିକାଶ ପାଇଁ ଅର୍ଥର ଅଭାବ ନାହିଁ, ବରଂ ଶାସକ ବିଜେଡିର ରାଜନୈତିକ ଇଚ୍ଛାଶକ୍ତିର ଅଭାବ ରହିଛି। ଏହି କାରଣରୁ ରାଜ୍ୟର ସଠିକ ବିକାଶ ହେଉନାହିଁ ଏବଂ ସହରାଂଚଳ ବିକାଶ ଠପ ହୋଇଯାଇଛି। ସାମୁହିକ ବିକାଶ ବାଧାପ୍ରାପ୍ତ ହୋଇଛି। ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ବ୍ୟାପକ ଦୁର୍ନୀତି ଓ ଲାଂଚ କାରବାର କାରଣରୁ ଗରୀବ ବାସହୀନମାନେ ସାମାନ୍ୟ ବାସଗୃହଟିଏ ପାଇବାରୁ ବଂଚିତ ହେଉଛନ୍ତି । ଦଳୀୟ ଆଧାରରେ ରାସନ କାର୍ଡ ବଂଟନ ହେଉଛି। ବ୍ୟାପକ ପିସି କାରବାର ଦୁର୍ନୀତିଗସ୍ତ ରାଜ୍ୟ ସରକାରଙ୍କ ଅସଲି ମୁଖା ଖୋଲିଦେଇଛି ବୋଲି ରାଜ୍ୟ ସଭାପତି ସମୀର ମହାନ୍ତି କହିଛନ୍ତି।

ପୌର ନିର୍ବାଚନ ପ୍ରଚାର ଅବସରରେ ଦକ୍ଷିଣ ଓଡ଼ିଶା ଗସ୍ତରେ ଥିବା ରାଜ୍ୟ ସଭାପତି ଶ୍ରୀ ମହାନ୍ତି ଆଜି ମାଲକାନଗିରି, କୋରାପୁଟ ଜିଲ୍ଲାରେ ଦଳୀୟ ପ୍ରାର୍ଥୀଙ୍କ ପାଇଁ ପ୍ରଚାର କରିଛନ୍ତି। ବାଲିମେଳା ଏନ୍ଏସି ଚେୟାରମ୍ୟାନ ପ୍ରାର୍ଥୀ ପ୍ରଦୀପ କୁମାର ନାୟକ, ମାଲକାନଗିରି ପୌର ପରିଷଦ ଅଧକ୍ଷ ପ୍ରାର୍ଥୀ ଶ୍ୟାମଳ ସୁନାନୀ, କୋଟପଡା ଏନ୍ଏସି ଚେୟାରମେନ ପ୍ରାର୍ଥୀ ରାମେଶ୍ୱର ଜେନାଙ୍କ ସପକ୍ଷରେ ପ୍ରଚାର କରିଛନ୍ତି।

ଶ୍ରୀ ମହାନ୍ତି କହିଛନ୍ତି ଯେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସହରର ବିକାଶ ପାଇଁ ବିଭିନ୍ନ କଲ୍ୟାଣକାରୀ ଯୋଜନାର ସଫଳ ରୂପାୟନ କରିଥିବାବେଳେ ରାଜ୍ୟ ସରକାରଙ୍କ ବ୍ୟାପକ ଦୁର୍ନୀତି ଓ ଭ୍ରଷ୍ଟାଚାର କାରଣରୁ ଓଡିଶାବାସୀ କେନ୍ଦ୍ରୀୟ ଯୋଜନାର ସୁଫଳ ପାଇବାରୁ ଲୋକେ ବଂଚିତ ହେଉଛନ୍ତି। ସହରରେ ଭଲ ରାସ୍ତା ନାହିଁ। କେନ୍ଦ୍ରରୁ ଆସୁଥିବା ଅର୍ଥକୁ ବିଜୁ ଜନତା ଦଳର ନେତା ଓ ମନ୍ତ୍ରୀ ଖାଇ ଅଂଚଳର ନୁହଁ ନିଜର ସ୍ଥିତିକୁ ସୁଧାରୁଛନ୍ତି। ମିଛ ବିଲ୍ କରି କେନ୍ଦ୍ରରୁ ଆସୁଥିବା କୋଟି କୋଟି ଟଙ୍କା ବିଜେଡିର ସ୍ଥାନୀୟ ନେତା ଓ କର୍ମୀମାନେ ନିଜ ଭିତରେ ବାଂଟି ନେଉଛନ୍ତି। ପ୍ରଧାନମନ୍ତ୍ରୀ ଆବାସ ସମେତ ଅନେକ କେନ୍ଦ୍ରୀୟ ଯୋଜନାକୁ ପ୍ରକୃତ ହିତାଧିକାରୀଙ୍କ ପରିବର୍ତ୍ତେ ଦଳୀୟ ଭିତିରେ ଧନୀ ବିଜେଡି କର୍ମୀଙ୍କୁ ବଂଟନ କରି ଗରୀବ ଜନତାଙ୍କୁ ପ୍ରତାରଣା କରୁଛନ୍ତି ରାଜ୍ୟ ସରକାର । ରାଜ୍ୟର ସହରାଂଚଳର ବିକାଶ ପାଇଁ ମୋଦି ସରକାର ପଠାଉଥିବା ଟଙ୍କାକୁ ଶତ ପ୍ରତିଶତ ଖର୍ଚ୍ଚ କରି ଜୀବନ ଧାରଣମାନ ଉନ୍ନତି ଆଣିବାକୁ ହେଲେ ଦକ୍ଷ ନେତୃତ୍ୱ ଏବଂ ସୁଦୃଢ ଚେୟାରମ୍ୟାନ ନେତୃତ୍ୱର ଆବଶ୍ୟକତା ରହିଛି। ଭାରତୀୟ ଜନତା ପାର୍ଟିକୁ ନେଇ ଲୋକମାନଙ୍କର ଯେଉଁ ସ୍ନେହଶ୍ରଦ୍ଧା ପ୍ରକାଶ ପାଇଛି ତାହା ଏଥର ପୌର ନିର୍ବାଚନରେ ଭୋଟରେ ରୁପାନ୍ତରିତ ହୋଇ ବିଜୟ ସୁନିଶ୍ଚିତ ହେବ ବୋଲି ଶ୍ରୀ ମହାନ୍ତି କହିଛନ୍ତି।

ଏହି ଅବସରରେ ରାଜ୍ୟ ଉପସଭାପତି ବଳଭଦ୍ର ମାଝୀ, ଜିଲ୍ଲା ପ୍ରଭାରୀ କାଳୀରାମ ମାଝୀ, ଜିଲ୍ଲା ସଭାପତି ନିମାଇଁ ଚରଣ ପାଳ, କୋରାପୁଟ ଜିଲ୍ଲା ସଭାପତି ସୁମନ୍ତ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

# 'କଳାପାହାଡ଼' ଚଳଚ୍ଚିତ୍ର ପାଇଁ ଅଡ଼ିସନ୍ ଅନୁଷ୍ଠିତ

ଭୁବନେଶ୍ୱର,୨୨/୦୩ (ନି.ପ୍ର): ଏସ୍‌ଡିଡି ଏଣ୍ଟରଟେନ୍‌ମେଣ୍ଟ୍ ଦ୍ୱାରା ନିର୍ମିତ ହେବାକୁ ଯାଉଥିବା ଦ୍ୱିତୀୟ ଚଳଚ୍ଚିତ୍ର 'କଳାପାହାଡ଼' ପାଇଁ ଏକ ଅଡ଼ିସନ୍ ଭୁବନେଶ୍ୱରସ୍ଥିତ କେଶୁରାଠାର ଅନୁଷ୍ଠିତ ହୋଇଯାଇଛି। ଏକ ଐତିହାସିକ ବିଷୟବସ୍ତୁକୁ ନେଇ ନିର୍ମିତ ହେବାକୁ ଥିବା ଚଳଚ୍ଚିତ୍ରରେ ଅନେକ ନୂଆ ପ୍ରତିଭାବାନ୍ କଳାକାରଙ୍କୁ ସୁଯୋଗ ଦେବାର ଏକ ନିଆରା ପଦକ୍ଷେପ ପ୍ରଯୋଜନା ସଂସ୍ଥା ପକ୍ଷରୁ ଆରମ୍ଭ କରାଯାଇଛି। ଆଜି ଅନୁଷ୍ଠିତ ହୋଇଥିବା ଏହି ଅଡ଼ିସନ୍‌ରେ ଓଡ଼ିଶାର ପ୍ରତ୍ୟେକ ଜିଲ୍ଲାରୁ ଅନେକ କଳାକାର ଭାଗ ନେବା ସହ ନିଜର ଅଭିନୟର ଯାଦୁ ଦେଖାଇଥିଲେ। ଅଡ଼ିସନ୍‌ର ବିଚାରକ ରୂପେ ଭେଟେରାନ୍ ଅଭିନେତା ଚନ୍ଦନ କର ଓ ଜୀବନ ପଣ୍ଡାଙ୍କ ସହ ପ୍ରଯୋଜକ ପ୍ରଦୀପ କୁମାର ଯୋଗ ଦେଇଥିଲେ। ପ୍ରକାଶ ଥାଉକି ଓଡ଼ିଶାର ପ୍ରଥମ ସହିଦ୍ ଜୟୀ ରାଜଗୁରୁଙ୍କ ଜୀବନ କାହାଣୀ ଉପରେ ଆଧାରିତ ଚଳଚ୍ଚିତ୍ର 'ମହର୍ଷି' ପରେ କଳାପାହାଡ଼ ଚଳଚ୍ଚିତ୍ର ନିର୍ମାଣ କରି ଓଡ଼ିଆ ଚଳଚ୍ଚିତ୍ରକୁ ଏକ ନୂଆ ଦିଗରେ ନେବା ପାଇଁ ପ୍ରଯୋଜନା ସଂସ୍ଥା ତରଫରୁ ଯୋଜନା କରାଯାଇଛି। କଳାପାହାଡ଼ ଚଳଚ୍ଚିତ୍ର ପାଇଁ ଅଡ଼ିସନ୍ ଆଗକୁ ମଧ ଜାରି ରହିବ ବୋଲି କାର୍ଯ୍ୟକ୍ରମ ସଂଯୋଜକ ନୀରଜ କୁମାର ସୂଚନା ଦେଇଛନ୍ତି।

# ରାଜ୍ୟରେ ପୁଣି କମିଲା ସଂକ୍ରମଣ

## ଗତ ୨୪ ଘଣ୍ଟା ମଧ୍ୟରେ ୩୨ କରୋନା ପଜିଟିଭ ଚିହ୍ନଟ, ୬ ଜଣ ୧୮ ବର୍ଷରୁ କମ୍ ବର୍ଗର

ଭୁବନେଶ୍ୱର,୨୨/୦୩(ନି.ପ୍ର): ରାଜ୍ୟରେ ଗତ ୨୪ ଘଣ୍ଟା ମଧ୍ୟରେ ୩୨ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ଏମାନଙ୍କ ମଧ୍ୟରୁ ୧୯ ଜଣ ସଙ୍ଗରୋଧ କେନ୍ଦ୍ରରୁ ଚିହ୍ନଟ ହୋଇଥିବା ବେଳେ ସ୍ଥାନୀୟ ସଂକ୍ରମଣରୁ ୧୩ ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି। ଏଥିମଧ୍ୟରୁ ୬ ଜଣ ୧୮ ବର୍ଷରୁ କମ୍ ବୟସର ଶିଶୁ- କିଶୋର ଥିବା ଜଣାଯାଇଛି। ଆଜି ଗଜପତି ଜିଲ୍ଲାରୁ ସର୍ବାଧିକ ୭ ଜଣ ଆକ୍ରାନ୍ତ ଥିବା ରାଜ୍ୟ ସୂଚନା ଓ ଲୋକସଂପର୍କ ବିଭାଗ ପକ୍ଷରୁ ତଥ୍ୟ ପ୍ରଦାନ କରାଯାଇଛି। ସୂଚନାଯୋଗ୍ୟ, ଗତକାଲି ୪୦ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଥିଲେ। ଗତ ୨୪ ଘଣ୍ଟା ମଧ୍ୟରେ ବାଲେଶ୍ୱର ଜିଲ୍ଲାରୁ ୩ ଜଣ, କଟକରୁ ୧ ଜଣ, ଢେଙ୍କାନାଳ ଜିଲ୍ଲାରୁ ୧ ଜଣ, ଗଜପତିରୁ ୭ ଜଣ, ଯାଜପୁରରୁ ୬ ଜଣ, କେନ୍ଦ୍ରାପଡ଼ା ଜିଲ୍ଲାରୁ ୧ ଜଣ, ଖୋର୍ଦ୍ଧାରୁ ୨ ଜଣ, ମୟୂରଭଞ୍ଜରୁ ୨ ଜଣ, ନୟାଗଡ଼ରୁ ୧ ଜଣ, ସମ୍ବଲପୁର ଜିଲ୍ଲାରୁ ୨ ଜଣ, ସୁନ୍ଦରଗଡ଼ ଜିଲ୍ଲାରୁ ୫ ଜଣ ଓ ଷ୍ଟେଟପୁଲରୁ ୧ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ବର୍ତ୍ତମାନ ପର୍ଯ୍ୟନ୍ତ ରାଜ୍ୟରେ ୧୨, ୮୭, ୨୨୫ ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି। ସେହିପରି ୧୨, ୭୭, ୪୯୭ ଜଣ ସୁସ୍ଥ ହୋଇଛନ୍ତି। ଏବେ ବି ୫୫୯ ଜଣ ସକ୍ରିୟ ସଂକ୍ରମିତ ଅଛନ୍ତି।

# ଜାତୀୟ ମତଦାତା ସଚେତନତା ପ୍ରତିଯୋଗିତା ସମୟସୀମା ମାର୍ଚ୍ଚ ୩୧କୁ ବୃଦ୍ଧି

ଭୁବନେଶ୍ୱର,୨୨/୦୩ (ନି.ପ୍ର): ଦ୍ୱାଦଶ ମତଦାତା ଦିବସ-୨୦୨୨ ପାଳନ ଅବସରରେ ଅନୁଷ୍ଠିତ ହେବାକୁ ଥିବା 'ଜାତୀୟ ମତଦାତା ସଚେତନତା ପ୍ରତିଯୋଗିତା'ର ସମୟସୀମାକୁ ଭାରତ ନିର୍ବାଚନ ଆୟୋଗ ଚଳିତ ମାସ ୧୫ ତାରିଖ ପରିବର୍ତ୍ତେ ୩୧ ତାରିଖକୁ ବୃଦ୍ଧି କରିଛନ୍ତି । ବିଭିନ୍ନ ପ୍ରକାରର ପ୍ରତିଯୋଗିତାରେ ଅଂଶ ଗ୍ରହଣକାରୀ ମାନଙ୍କ ପ୍ରବଳ ଆଗ୍ରହ ଦେଖି ନିର୍ବାଚନ ଆୟୋଗ ଏହି ନିଷ୍ପତି ନେଇଛନ୍ତି ।

ନିର୍ବାଚନ ଆୟୋଗ ସୃଜନଶୀଳ ଅଭିବ୍ୟକ୍ତି ମାଧମରେ ପ୍ରତ୍ୟେକ ଭୋଟରଙ୍କ ଗୁରୁତ୍ୱକୁ ଦୋହରାଇବା ପାଇଁ ଜାତୀୟ ମତଦାତା ସଚେତନତା ପ୍ରତିଯୋଗିତା 'ମୋ ଭୋଟ, ମୋ ଭବିଷ୍ୟତ-ଗୋଟିଏ ଭୋଟର ଶକ୍ତି'ର ଶୁଭାରମ୍ଭ କରିଛନ୍ତି । ଏହା ଗଣତନ୍ତ୍ରରେ ପ୍ରତ୍ୟେକ 'ଭୋଟ'ର ମହତ୍ୱର ବିଷୟବସ୍ତୁ ଉପରେ ଆଧାରିତ ଏହି ପ୍ରତିଯୋଗିତାରେ ସଂଗୀତ, କୁଇଜ, ସ୍ଲୋଗାନ, ଭିଡ଼ିଓ ତିଆରି ଏବଂ ପୋଷ୍ଟର ଡିଜାଇନିଂ ପ୍ରଭୃତି ବିଭାଗରେ ଜନସାଧାରଣ ଅଂଶଗ୍ରହଣ କରିପାରିବେ। ଏଥିରେ ସବୁବର୍ଗର ଲୋକମାନେ ଅଂଶଗ୍ରହଣ କରିପାରିବେ।

ପ୍ରତିଯୋଗିତା ବିଷୟବସ୍ତୁ ହେଉଛି 'ମୋ ଭୋଟ, ମୋ ଭବିଷ୍ୟତ-ଗୋଟିଏ ଭୋଟର ଶକ୍ତି' ପ୍ରତିଯୋଗିତା ସଂପର୍କରେ ସବିଶେଷ ତଥ୍ୟ ଜାଣିବା ନିମନ୍ତେ ଭାରତ ନିର୍ବାଚନ ଆୟୋଗଙ୍କ ୱେବ୍‌ସାଇଟ୍ ecisveep.nic.in/contest ତଥା voterawarenesscontest.in ରେଉପଲବ୍ଧ ଅଟେ । ପ୍ରତିଯୋଗିତାରେ ଭାଗ ନେବା ପାଇଁ ପ୍ରତିଯୋଗୀମାନେ voter-contest@eci.gov.in ରେ ସବିଶେଷ ବିବରଣୀ ସହ ନିର୍ବାଚନ ଆୟୋଗଙ୍କୁ ମାର୍ଚ୍ଚ ୩୧ ତାରିଖ ସୁଦ୍ଧା ଇମେଲ୍ କରିବା ପାଇଁ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ସୂତ୍ରରୁ ପ୍ରକାଶ ।

## ରାଜ୍ୟସ୍ତରୀୟ ବିଶ୍ୱ ବନ ଦିବସ ୨୦୨୨

# ଯୁଗ୍ମ ଜଙ୍ଗଲ ପରିଚାଳନା କାର୍ଯ୍ୟକ୍ରମ ସମଗ୍ର ଦେଶରେ ପଥପ୍ରଦର୍ଶକ ହୋଇଛି : ଡ. ଶର୍ମା

ଭୁବନେଶ୍ୱର,୨୨/୦୩ (ନି.ପ୍ର): ଜଙ୍ଗଲର ସୁରକ୍ଷା ଓ ସଂରକ୍ଷଣ ନିମନ୍ତେ ଯୁଗ୍ମ ଜଙ୍ଗଲ ପରିଚାଳନା କାର୍ଯ୍ୟକ୍ରମ ସମଗ୍ର ଦେଶରେ ପଥପ୍ରଦର୍ଶକ ହୋଇଛି । ରାଜ୍ୟ ସରକାରଙ୍କ ୫-'ଟି' ଉପକ୍ରମରେ ଏହାର ପରିସରକୁ ଦ୍ୱିଗୁଣିତ କରାଯିବ ବୋଲି ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡ. ମୋନା ଶର୍ମା ଉଲ୍ଲେଖ କରିଛନ୍ତି । ସୋମବାର ସ୍ଥାନୀୟ ଜୟଦେବ ଭବନଠାରେ ଆୟୋଜିତ ରାଜ୍ୟସ୍ତରୀୟ ବିଶ୍ୱ ବନ ଦିବସ ୨୦୨୨ ସମାରୋହରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଡ. ଶର୍ମା କହିଛନ୍ତି ଯେ ଭାରତବର୍ଷର ସମଗ୍ର ଭୌଗୋଳିକ ଅଂଚଳର ଜଙ୍ଗଲ ଅଚ୍ଛାଦିତ ହାର ୨୪ ପ୍ରତିଶତ ଥିବାବେଳେ ଓଡ଼ିଶାରେ ଏହା ୩୩ ପ୍ରତିଶତରୁ ଅଧିକ। ମଧ୍ୟପ୍ରଦେଶ, ଅରୁଣାଚଳ ପ୍ରଦେଶ ଏବଂ ଛତିଶଗଡ଼ ପରେ ବୃହତ ଜଙ୍ଗଲ ଅଚ୍ଛାଦିତ ଅଞ୍ଚଳ କ୍ଷେତ୍ରରେ ଓଡ଼ିଶାର ସ୍ଥାନ ଚତୁର୍ଥ । ଡ. ଶର୍ମା ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗର କର୍ମଚାରୀ ଓ ଅଧିକାରୀମାନଙ୍କ କାର୍ଯ୍ୟକୁ ପ୍ରଶଂସା କରି କହିଛନ୍ତି ଯେ ଲୋକମାନଙ୍କ ଜୀବନଜୀବିକା ସୁଯୋଗ ଅଧିକ ସୃଷ୍ଟି କଲେ ଜଙ୍ଗଲ କ୍ଷୟକ୍ଷତି ମଧ କମିଯିବ । ଏ ଦିଗରେ ମିଶନ ଶକ୍ତି ଏବଂ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ବିଭାଗ ସହ ସମନ୍ୱୟ ରକ୍ଷାକରିବା ସହ ଲଘୁ ବନଜାତ ଦ୍ରବ୍ୟ ଯେଭଳି ଅଧିକରୁ ଅଧିକ ଉତ୍ପାଦନ ହୋଇପାରିବ ସେଥିପ୍ରତି ଯତ୍ନବାନ ହେବାକୁ ସେ ପରାମର୍ଶ ଦେଇଛନ୍ତି। ଆଗକୁ ଜଙ୍ଗଲରେ ନିଆଁ ଲାଗିବାର ଅଧିକ ସମ୍ଭାବନାକୁ ଦୃଷ୍ଟିରେ ରଖି ସେଥିପ୍ରତି ସଜାଗ ରହିବାକୁ ଏବଂ ସମୟୋଚିତ ପଦକ୍ଷେପ ନେବାକୁ ସେ ଅଧିକାରୀମାନଙ୍କୁ କହିଛନ୍ତି । ପ୍ରଧାନ ମୁଖ୍ୟ ବନସଂରକ୍ଷକ ଏବଂ ବନବାହିନୀ ମୁଖ୍ୟ ଶିଶିର କୁମାର ରଥ କହିଥିଲେ ଯେ ୨୦୦୭ରୁ ୧୫ ବର୍ଷ ଧରି ବର୍ଷକୁ ବର୍ଷ ଆମ ଜଙ୍ଗଲର ବୃଦ୍ଧି ଘଟି ଆସିଛି । ଜଙ୍ଗଲରୁ ଅଧିକ ଉତ୍ପାଦନ ହାସଲ କରିବା ଏବଂ ଏହାର ବ୍ୟବହାରକୁ ଲୋକଲୋଚନକୁ ଆଣିବା ଉଦ୍ଦେଶ୍ୟରେ ଚଳିତ ବର୍ଷର ବିଷୟବସ୍ତୁ 'ଜଙ୍ଗଲରୁ ସ୍ଥାୟୀ ଉତ୍ପାଦନ ଏବଂ ଏହାର ବ୍ୟବହାର' ରଖାଯାଇଛି । ଖୁବ୍ ଶୀଘ୍ର ରାଜ୍ୟର ସମସ୍ତ ବନଖଣ୍ଡରେ ସ୍ଥାୟୀ ଉତ୍ପାଦନ ନିମନ୍ତେ କାର୍ଯ୍ୟ ଆରମ୍ଭ ହେବ ବୋଲି ସେ ପ୍ରକାଶ କରିଛନ୍ତି। ପ୍ରଧାନ ମୁଖ୍ୟ ବନସଂରକ୍ଷକ ତଥା ମୁଖ୍ୟ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଶଶୀପଲ୍ କହିଛନ୍ତି ଯେ ଏକବିଂଶ ଶତାବ୍ଦୀ ଆରମ୍ଭରୁ ଜଙ୍ଗଲ ସୁରକ୍ଷା ଓ ସଂରକ୍ଷଣର ସ୍ଥିତି ବଦଳିଛି। ରାଜ୍ୟ ଏବେ ଜଙ୍ଗଲ କ୍ଷେତ୍ରରେ ପୋଷଣୀୟ ସ୍ତରରେ ପହଂଚିଛି । ଯୁଗ୍ମ ଜଙ୍ଗଲ ପରିଚାଳନା କାର୍ଯ୍ୟକ୍ରମରେ ଗ୍ରାମାଂଚଳର ଲୋକଙ୍କୁ ଅଧିକ ସଂଶ୍ଲିଷ୍ଟ କରିବା ଦ୍ୱାରା ସେମାନେ ଜଙ୍ଗଲ ସୁରକ୍ଷାରେ ପ୍ରମୁଖ ଭୂମିକା ନିର୍ବାହ କରୁଛନ୍ତି। ସମସ୍ତଙ୍କ ସହଯୋଗରେ ଗୁଣାତ୍ମକ ମାନର ଜଙ୍ଗଲ ସୃଷ୍ଟି କରିବା ଉପରେ ସେ ଗୁରୁତ୍ୱ ପ୍ରଦାନ କରିଛନ୍ତି। ଏହି ଅବସରରେ ରାଜ୍ୟ ବନ ବିଭାଗର ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟକ୍ରମର ବିବରଣୀ ସମ୍ବଳିତ ଏକ ସ୍ମରଣିକା 'ହାଇଲାଇଟସ୍ ଅଫ୍ ଓଡିଶା ଫରେଷ୍ଟ୍ରି ସେକ୍ଟର ୨୦୨୧' ଏବଂ ଅନ୍ୟ ଏକ ପୁସ୍ତକ 'ଷ୍ଟେଟ୍ ଫରେଷ୍ଟ୍ରି ଆୱାର୍ଡ ୱିନରସ୍-୨୦୨୨' ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା ।

# ଲାୟନ୍ସ ଜିଲ୍ଲା ଗଭର୍ଣ୍ଣରଙ୍କ କ୍ଲବ ପରିଦର୍ଶନ

ଭୁବନେଶ୍ୱର,୨୨/୦୩(ନି.ପ୍ର): ଲାୟନ୍ସ ଜିଲ୍ଲା ୩୨୨ସି୪ର ଗଭର୍ଣ୍ଣର ଲାୟନ ପୂର୍ଣ୍ଣଚନ୍ଦ୍ର ପାଢୀ ଲାୟନ୍ସ କ୍ଲବ ଭୁବନେଶ୍ୱର ନୟାପଲ୍ଲୀର କାର୍ଯ୍ୟକଳାପ ପରିଦର୍ଶନ କରିଥିଲେ। ସର୍ବପ୍ରଥମେ ସେ କ୍ଲବର ସଭ୍ୟମାନଙ୍କ ସହ ଘାଟିକିଆରେ ଥିବା ଦୃଷ୍ଟିହୀନ, ମୁକ, ବଧୀର ବିଦ୍ୟାଳୟରେ ଶୁଖିଲା ଖାଦ୍ୟସାମଗ୍ରୀ ବଣ୍ଟନ କରିଥିଲେ ଏବଂ ଆମ୍ରି ହସ୍ପିଟାଲସ୍ଥିତ ଅସହାୟ କେନ୍ଦ୍ର ନିମାଂଶଠାରେ ମଧ୍ୟାହ୍ନ ଭୋଜନକୁ ନିଜ ହସ୍ତରେ ଅନ୍ତେବାସୀଙ୍କୁ ଆପ୍ୟାୟିତ କରିଥିଲେ।

ସନ୍ଧ୍ୟାରେ ଗଭର୍ଣ୍ଣର ଲାୟନ ପାଢୀ ଶତାଧିକ ଲାୟନ ସଭ୍ୟମାନଙ୍କ ଗହଣରେ ଏକ ସାଧାରଣ ସଭାରେ ଯୋଗ ଦେଇଥିଲେ। ସଭାପତି ଲାୟନ କୁନାଲ କିଶୋର ଦାସଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉକ୍ତ ସଭାରେ ସମ୍ପାଦକ ଲାୟନ ଦେବାଶିଷ ପଟ୍ଟନାୟକ କ୍ଲବର ବିବରଣୀ ପାଠ କରିଥିଲେ। ଲାୟନ ମହେନ୍ଦ୍ର ପାତ୍ର, ଲାୟନ ନିର୍ମଳ ବେହେରା ଓ ପ୍ରଥମ ଉପଜିଲ୍ଲା ଗଭର୍ଣ୍ଣର ଲାୟନ ସୁରେଶ ଚନ୍ଦ୍ର ନାୟକ ଏବଂ ବହୁ ଲାୟନ ସଭ୍ୟମାନଙ୍କ ଉପସ୍ଥିତିରେ ଲାୟନ ପାଢୀ କ୍ଲବର କାର୍ଯ୍ୟକଳାପ ଉପରେ ଆଲୋକପାତ କରି ଭୂୟସୀ ପ୍ରଶଂସା କରିଥିଲେ। ଏହି ଅବସରରେ ୩ ଜଣ ପ୍ରଶଂସିତ ବ୍ୟକ୍ତିଙ୍କୁ ସମ୍ମାନିତ କରାଯାଇଥିଲା। ସେମାନେ ହେଲେ ଟ୍ରାଫିକ୍ ଡେ଼ପୁଟି କମିଶନର ଡକ୍ଟର କେ.କେ. ପାଣିଗ୍ରାହୀ, ସମାଜସେବୀ ଶ୍ରୀ ଗଗନ ପାଇଟାଲ ଓ ଭିନ୍ନକ୍ଷମ ମୋନାଲି ସ୍ୱାଇଁ। ଲାୟନ ପ୍ରଦୀପ୍ତ ମହାନ୍ତି ଉକ୍ତ ସଭାକୁ ସୁଚାରୁ ରୂପେ ପରିଚାଳନା କରିଥିଲେ ଓ ସର୍ବଶେଷରେ ଲାୟନ ମଧୁସୂଦନ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

# ଓଡ଼ିଶାକୁ ୪୦୧୩ କୋଟିର ସହାୟତା ଦେଲା ନାବାର୍ଡ

ଭୁବନେଶ୍ୱର ,୨୧/୦୩ (ନି.ପ୍ର): ଚଳିତ ଆର୍ଥିକ ବର୍ଷ ପାଇଁ ନ୍ୟାସନାଲ ବ୍ୟାଙ୍କ ଫର ଏଗ୍ରିକଲଚର ଆଣ୍ଡ ରୁରାଲ ଡେଭଲପମେଣ୍ଟ(ନାବାର୍ଡ) ଦ୍ୱାରା ଓଡ଼ିଶାକୁ ଗ୍ରାମାଂଚଳ ଭିତ୍ତିଭୂମି ବିକାଶ ପାଣ୍ଠି ଭାବେ ସର୍ବାଧିକ ମୋଟ ୪୦୧୩କୋଟି ଟଙ୍କାର ଋଣ ସହାୟତା ଅନୁମୋଦନ କରାଯାଇଛି । ଏଥିରେ ୨୫୬୮କୋଟି ଟଙ୍କାର ରାସ୍ତା ଓ ବ୍ରିଜ୍ ?, ୮୪୦କୋଟି ଟଙ୍କାର ପାଇପ୍ ଜଳ ଯୋଗାଣ, ୬୦୫କୋଟି ଟଙ୍କାର କୃଷି ଆନୁସଙ୍ଗିକ ଓ ଜଳସେଚନ କ୍ଷେତ୍ର ପାଇଁ ସାମିଲ ରହିଛି । ନାବାର୍ଡ ପକ୍ଷରୁ ଜାରି ସୂଚନା ଅନୁସାରେ, ଗ୍ରାମାଂଚଳ ସଂଯୋଗୀକରଣରେ ସୁଧାର ପାଇଁ ମୋଟ ୨୫୬୮କୋଟି ଟଙ୍କା( ମୋଟ ଅନୁମୋଦିତ ପାଣ୍ଠିର ୬୪%) ସହାୟତା ମଞ୍ଜୁର କରାଯାଇଛି । ଗ୍ରାମ୍ୟ ରାସ୍ତା ଓ ବ୍ରିଜ ନିର୍ମାଣ କ୍ଷେତ୍ରରେ ଏହି ଅର୍ଥ ବିନିଯୋଗ ହେବ ବୋଲି ନାବାର୍ଡ ଚିଫ୍ ଜେନେରାଲ ମ୍ୟାନେଜର (ଓଡ଼ିଶା) ସି ଉଦୟଭାସ୍କର ସୂଚନା ଦେଇଛନ୍ତି । ଚଳିତ ବର୍ଷରେ ଆରଆଇଡିଏଫ ପାଣ୍ଠିରେ ମୋଟ ୨ହଜାର କିମି ଲମ୍ବ ରାସ୍ତା ଓ ୧୭.୧୩କିମି ଲମ୍ବ ବ୍ରିଜ ନିର୍ମାଣ ବା ଉନ୍ନତିକରଣ କରାଯିବ । ଏହି ପ୍ରକଳ୍ପଗୁଡ଼ିକ ଦ୍ୱାରା ରାଜ୍ୟର ୧୦ଲକ୍ଷରୁ ଅଧିକ ଲୋକେ ଉପକୃତ ହେବେ । ସେହିପରି ୯ଟି ମେଗା ପାଇପ୍ ଜଳ ଯୋଗାଣ ପ୍ରକଳ୍ପ ନିମନ୍ତେ ମୋଟ ୮୪୦କୋଟି ଟଙ୍କାର ଆର୍ଥିକ ଅନୁଦାନ ମଞ୍ଜୁର କରାଯାଇଛି । ଏହା ଦ୍ୱାରା ଗ୍ରାମାଂଚଳର ୧୭ଲକ୍ଷ ଲୋକଙ୍କ ନିଜ ଦୁଆର ମୁହଁରେ ପାଇପ୍ ଯୋଗେ ପିଇବା ପାଣି ମିଳିପାରିବ । ବିଭିନ୍ନ କୃଷି ଆନୁସଙ୍ଗିକ ଓ ଜଳସେଚନ ଭିତ୍ତିଭୂମିର ବିକାଶ ପାଇଁ ୬୦୫କୋଟି ଟଙ୍କା ମଞ୍ଜୁର କରାଯାଇଛି । ଚଳିତ ବର୍ଷ ମଞ୍ଜୁର ହୋଇଥିବା ପ୍ରକଳ୍ପଗୁଡ଼ିକ ମଧ୍ୟରେ କୁସୁମୀ ଜଳସେଚନ ପ୍ରକଳ୍ପ ଓ ବ୍ରହ୍ମପୁରରେ ପ୍ରାଣୀସମ୍ପଦ ଟୀକା ଉତ୍ପାଦନ ୟୁନିଟ୍ ସ୍ଥାପନ ସାମିଲ ରହିଛି । ଏହି ଅନୁମୋଦିତ ପାଣ୍ଠି ରାଜ୍ୟ ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ ପ୍ରାଥମିକତା କ୍ଷେତ୍ରକୁ ଦୃଷ୍ଟିରେ ରଖି କରାଯାଇଛି । ରାଜ୍ୟ ସରକାର ଗ୍ରାମଂଚଳ ଭିତ୍ତିଭୂମିର ଉନ୍ନୀତିକରଣ ପାଇଁ ପାନୀୟ ଜଳ ଯୋଗାଣ, ଜଳସେଚନ ଓ ଗ୍ରାମାଂଚଳ ସଂଯୋଗ(ରାସ୍ତା ଓ ପୋଲ) ନିର୍ମାଣ ଉପରେ ଗୁରୁତ୍ୱ ଦେଉଛନ୍ତି।

ସୂଚନାଯୋଗ୍ୟ, ଗ୍ରାମାଂଚଳ ଭିତ୍ତିଭୂମି ବିକାଶ ପାଣ୍ଠି(ଆରଆଇଡିଏଫ) ଗଠନ ପରଠୁ ଏବାବଦରେ ନାବାର୍ଡ ଏପର୍ଯ୍ୟନ୍ତ ମୋଟ ୩୨୧୦୦କୋଟି ଟଙ୍କା ପ୍ରଦାନ କରିଛି ।

# ରାଜ୍ୟରେ କାର୍ଯ୍ୟକାରୀ ହେବ ପିଏମ୍ ଆୟୁଷ୍ମାନ ସ୍ୱାସ୍ଥ୍ୟ ଭିତ୍ତିଭୂମି ମିସନ୍

ଭୁବନେଶ୍ୱର,୨୨/୦୩ (ନି.ପ୍ର): ରାଜ୍ୟ ସରକାର ଓଡ଼ିଶାରେ ଆୟୁଷ୍ମାନ ଭାରତ-ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା(ଏବି-ପିଏମ୍‌ଜେଏୱାଇ) ଯୋଜନା ଲାଗୁ କରୁ ନାହାନ୍ତି। ରାଜ୍ୟ ସରକାରଙ୍କ ଦାବି ହେଉଛି ଯେ ଆୟୁଷ୍ମାନ ଯୋଜନାରେ ୭୦ଲକ୍ଷ ପରିବାରକୁ ସାମିଲ କରାଯାଉ। ଏହାସହ ରାଜ୍ୟ ସରକାରଙ୍କ ନିଜସ୍ୱ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ବା ବିଏସ୍‌କେୱାଇ ଅନେକ କ୍ଷେତ୍ରରେ ଭଲ। ହେଲେ ରାଜ୍ୟ ସରକାର ପିଏମ୍-ଆୟୁଷ୍ମାନ ଭାରତ ସ୍ୱାସ୍ଥ୍ୟ ଭିତ୍ତିଭୂମି ମିସନ(ପିଏମ୍-ଏବିଏଚ୍‌ଆଇଏମ୍)କୁ କାର୍ଯ୍ୟକାରୀ କରିବା ଲାଗି ନିଷ୍ପତ୍ତି ନେଇଛନ୍ତି। ତୃଣମୂଳସ୍ତରରେ ସ୍ୱାସ୍ଥ୍ୟ ଭିତ୍ତିଭୂମିକୁ ସୁଦୃଢ଼ କରିବା ହେଉଛି ଏହି ଯୋଜନାର ମୂଳ ଲକ୍ଷ୍ୟ। ଗତବର୍ଷ ଅକ୍ଟୋବର ମାସରେ କେନ୍ଦ୍ର ସରକାର ଏହି ଯୋଜନା ଆରମ୍ଭ କରିଥିବା ବେଳେ ଏଥିରେ ସମୁଦାୟ ୬୪ହଜାର କୋଟି ଟଙ୍କା ଖର୍ଚ୍ଚ କରାଯିବ। ପିଏମ୍ ଆୟୁଷ୍ମାନ ସ୍ୱାସ୍ଥ୍ୟ ମିସନ୍‌କୁ ରାଜ୍ୟରେ କାର୍ଯ୍ୟକାରୀ କରିବା ଲାଗି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ସୋସାଇଟିକୁ ନୋଡାଲ ଏଜେନ୍ସି ଭାବେ ଦାୟିତ୍ୱ ଦିଆଯାଇଛି। ଏହି ଯୋଜନା ଅନୁସାରେ ରାଜ୍ୟରେ ସ୍ୱାସ୍ଥ୍ୟ ଓ ୱେଲନେସ୍ ସେଣ୍ଟର ପ୍ରତିଷ୍ଠା କରାଯିବ। ଓଡ଼ିଶା ସମେତ ୭ଟି ରାଜ୍ୟ ଓ ଉତ୍ତର-ପୂର୍ବ ରାଜ୍ୟରେ ସମୁଦାୟ ୧୭,୭୮୮ କେନ୍ଦ୍ର ପ୍ରତିଷ୍ଠା କରିବା ଲାଗି ନିଷ୍ପତ୍ତି ହୋଇଛି। ଏହାସହ ଇଣ୍ଟିଗ୍ରେଟେଡ୍ ଜନସ୍ୱାସ୍ଥ୍ୟ ପରୀକ୍ଷାଗାର, ମେଡିକାଲ କଲେଜ କିମ୍ବା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ କ୍ରିଟିକାଲ କେୟାର ହସ୍ପିଟାଲ ବ୍ଲକ୍ ମଧ ନିର୍ମାଣ କରାଯିବ। ରାଜ୍ୟ ସ୍ୱାସ୍ଥ୍ୟ ବିଭାଗର ଜଣେ ଅଧିକାରୀ କହିଛନ୍ତି, କ୍ରିଟିକାଲ କେୟାର, ଉଭୟ ଗ୍ରାମାଞ୍ଚଳ ଓ ସହରାଞ୍ଚଳର ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରର ବିକାଶ ଦିଗରେ ଏହା ବେଶ ଫଳପ୍ରଦ ହୋଇପାରିବ ବୋଲି ଆଶା କରାଯାଉଛି। ରାଜ୍ୟ ସରକାରଙ୍କ ନିଜସ୍ୱ ବିଏସ୍‌କେୱାଇ ଯୋଜନାରେ ଲୋକମାନଙ୍କୁ ମାଗଣାରେ ଚିକିତ୍ସା ସୁବିଧା ଯୋଗାଇ ଦିଆଯାଇଛି। ଉଭୟ ଜାତୀୟ ଓ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ ଥିବା ହିତାଧିକାରୀଙ୍କୁ ଏହି ସୁବିଧା ମିଳିପାରିବ।

## ୮୭ ତମ ଓଡ଼ିଶା ଦିବସ ପାଳନ ପ୍ରସ୍ତୁତି ବୈଠକ

ଭଦ୍ରକ, ୨୨/୦୩ (ନି.ପ୍ର): ଆଗାମୀ ୮୭ ତମ ଓଡ଼ିଶା ଦିବସ-୨୦୨୨ କୁ ଭଦ୍ରକ ଜିଲ୍ଲା ସ୍ତରରେ ପାଳନ କରାଯିବା ପାଇଁ ଆଜି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସଦ୍‌ଭାବନା ସଭାଗୃହରେ ଜିଲ୍ଲାପାଳ ତ୍ରିଲୋଚନ ମାଝୀଙ୍କ ଅଧ୍ୟକ୍ଷତାରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ପୌର ନିର୍ବାଚନ ନେଇ ଆଦର୍ଶ ଆଚରଣ ବିଧି ଲାଗି ରହିଥିବାରୁ ଏହି ଉତ୍ସବ ପାଳନ ପାଇଁ ସଂପୃକ୍ତ ବିଭାଗୀୟ ଅଧିକାରୀ ମାନଙ୍କୁ ନେଇ ଏହି ବୈଠକ ଆୟୋଜନ କରାଯାଇଥିଲା । ଅତିରିକ୍ତ ଜିଲ୍ଲାପାଳ ଅରୁଣ କୁମାର ମହାପାତ୍ର ଓ ଏହି କାର୍ଯ୍ୟକ୍ରମର ସଂଯୋଜକ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରମେଶ ଚନ୍ଦ୍ର ନାୟକ ଏହି ବୈଠକରେ ଉପସ୍ଥିତ ଥିଲେ। ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଶ୍ରୀଯୁକ୍ତ ନାୟକଙ୍କ ଦ୍ୱାରା ବୈଠକରେ ପୂର୍ବ ବର୍ଷର ପାଳନ ବିବରଣୀ ଉପସ୍ଥାପନ ଅନୁଯାୟୀ ଆଲୋଚନା କରାଯାଇ ନିଷ୍ପତ୍ତି ନିଆଯାଇଥିଲା । ତା.୦୧.୦୪.୨୦୨୨ ରିଖ ଶୁକ୍ରବାର ଦିନ ପାଳିତ ହେବାକୁ ଥିବା ଏହି ସମାରୋହ ପାଇଁ ପ୍ରତ୍ୟୁଷରୁ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ଆନୁକୂଲ୍ୟରେ ଡ଼ାକବାଜି ଯନ୍ତ୍ର ଦ୍ୱାରା ଭଦ୍ରକ ପୌର ପରିଷଦ ଅ ଳରେ 'ବନ୍ଦେ ଉତ୍କଳ ଜନନୀ' ସଙ୍ଗୀତ ପରିକ୍ରମା କରାଯିବ। ସକାଳ ୮ ଘଟିକା ସମୟରେ ସରକାରଙ୍କ ଦ୍ୱାରା ସ୍ବିରିକୃତ ମୁଖ୍ୟ ଅତିଥି, ଜିଲ୍ଲାପାଳ ଓ ଉପସ୍ଥିତ ଅନ୍ୟ ଅତିଥି ଓ ମାନ୍ୟଗଣ୍ୟ ବ୍ୟକ୍ତି ମାନଙ୍କ ଦ୍ୱାରା ଭଦ୍ରକ ସହର ମୁଖ୍ୟ ରାସ୍ତା ପାର୍ଶ୍ୱରେ ପ୍ରାୟ ୯ ଗୋଟି ସ୍ଥାନରେ ଥିବା ମହାପୁରୁଷ ମାନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯିବ। ପରେ ପରେ ଦିବା ଘ.୧୦.୩୦ ମିରେ ଜିଲ୍ଲା ସଂସ୍କୃତି ଭବନରେ ଓଡ଼ିଶା ଦିବସ ପାଳନ ନେଇ ଏକ ସାଧାରଣ ସଭା ଓ ପୁରସ୍କାର ବିତରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ଏହି ଉତ୍ସବ ପାଳନ ଦିନ ସନ୍ଧ୍ୟାରେ ସମସ୍ତ ସରକାରୀ ବେସରକାରୀ କାର୍ଯ୍ୟାଳୟ କୋଠା, ବ୍ୟାଙ୍କ୍, ବିଭିନ୍ନ ପ୍ରତିଷ୍ଠାନ କାର୍ଯ୍ୟାଳୟ ଆଦି ବିଦ୍ୟୁତ ଆଲୋକମାଳାରେ ସଜ୍ଜୀକରଣ ପାଇଁ ଥିବା ସରକାରୀ ନିର୍ଦ୍ଦେଶମତେ ଆବଶ୍ୟକ ପଦକ୍ଷେପ ନେବାକୁ ଜିଲ୍ଲାପାଳ ପରାମର୍ଶ ପ୍ରଦାନ କରିଥିଲେ ।

## ବିସିପିଏଲ ସିଜନ-୪ ଦିବାରାତ୍ର କ୍ରିକେଟ ଟୁର୍ଣ୍ଣାମେଣ୍ଟ



ବାରିପଦା, ୨୨/୦୩ (ନି.ପ୍ର): ସ୍ଥାନୀୟ ବାରିପଦା ଷ୍ଟାଡିୟମ ପଡିଆରେ ଡିଆରକେ କ୍ଲବ ଆନୁକୂଲ୍ୟରେ ଏବଂ ମୟୁରଭଞ୍ଜ ଏଥଲେଟିକ ଆସୋସିଏସନର ସହଯୋଗରେ ଆୟୋଜିତ ବାରିପଦା କ୍ରିକେଟ ପ୍ରିମିୟାର ଲିଗ ସିଜନ-୪ ଦିବାରାତ୍ର କ୍ରିକେଟ ଟୁର୍ଣ୍ଣାମେ ଆଜିର ପ୍ରଥମ ମ୍ୟାଚରେ ଏଞ୍ଜେଲ- ୧୧ ମା ଜଗଦ୍ଧାତ୍ରୀ ୱାରିୟାର୍ସକୁ ୫ଉଇକେଟରେ ପରାସ୍ତ କରିଛି । ପ୍ରଥମେ ବ୍ୟାଟିଂ କରି ମା ଜଗଦ୍ଧାତ୍ରୀ ୱରିୟାର୍ସ ୧୭ ଓଭରରେ ୬ଉଇକେଟ ହରାଇ ୧୬୧ ରନ କରିଥିଲେ ଓ ଦଳ ପକ୍ଷରୁ ଆଦିତ୍ୟ ବସା ୬୪, ଶୁଭମ ସାହୁ ୨୮ ଓ ମାନସ ଧଳ ୨୬ ରନ ସଂଗ୍ରହ କରିଥିବାବେଳେ ବିପକ୍ଷ ଦଳର ସୁମନ ମହାନ୍ତି ୩ ଓ ଦିବ୍ୟେଶ ମହାନ୍ତି ୨ ଟି ଉଇକେଟ ଅକ୍ତିଆର କରିଥିଲେ । ଉତ୍ତରରେ ଏଞ୍ଜେଲ-୧୧ ୧୫.୫ ଓଭରରେ ୫ ଉଇକେଟ ହରାଇ ୧୬୪ ରନ ସଂଗ୍ରହ କରି ବିଜୟ ଲକ୍ଷ୍ୟ ହାସଲ କରିଥିଲେ । ଦଳ ପକ୍ଷରୁ ସୁମନ ମହାନ୍ତି ୩୦, ପ୍ରିତମ ବେହେରା ଓ ଅମିତ ବିଶ୍ୱାସ ୨୯ ରନ କରିଥିବା ବେଳେ ବିପକ୍ଷ ଦଳର ମାନସ ଧଳ ୨ ଟି ଉଇକେଟ ଅକ୍ତିଆର କରିଥିଲେ । ଗତକାଲି ଖେଳାଯାଇଥିବା ପ୍ରଥମ ମ୍ୟାଚରେ ରାଗିଙ୍ଗ ବୁଲ କଳିଙ୍ଗ କିଙ୍ଗସକୁ ୧୧ ରନରେ ପରାସ୍ତ କରିଥିବା ବେଳେ ଦ୍ୱିତୀୟ ମ୍ୟାଚରେ ପରି ଚାଲେଞ୍ଜର ଏଞ୍ଜେଲ-୧୧କୁ ୪ଉଇକେଟରେ ପରାସ୍ତ କରିଥିଲେ ଓ ୧୮ ତାରିଖଠାରୁ ଆରମ୍ଭ ହୋଇଥିବା ଏହି ଟୁର୍ଣ୍ଣାମେ ଏପ୍ରିଲ ୧ ତାରିଖ ପର୍ଯ୍ୟନ୍ତ ଚାଲିବ । ଏଥିରେ ମୋଟ ୫ ଟି ଦଳ ଅଂଶଗ୍ରହଣ କରିଥିବା ବେଳେ, ଏହି ଟୁର୍ଣ୍ଣାମେ ରେ ୨୦-୨୦ ଫରମେଟରେ ଏବଂ ଡ଼ିଉଜ ବୋଲରେ ଖେଳ ଚାଲିଥିବାର ଆୟୋଜକ ଅମିତାଭ ଦାସଙ୍କ ସୂତ୍ରରୁ ପ୍ରକାଶ । ଆଜିର ଖେଳକୁ ସୁଶାନ୍ତ ମହାନ୍ତି ଓ ଦିଲ୍ଲିପ ଦାସ । ଅଭିଳାଷ ବିଶ୍ୱାଳ ଆଜିର ଖେଳକୁ ପରିଚାଳନା କରିଥିବାବେଳେ ସମ୍ବିତ ମହାରଣା ସ୍କୋରିଙ୍ଗରେ ସହାୟତା କରିଥିଲେ । ଆୟୋଜକ ସତ୍ୟନାରାୟଣ ଜୀଉ, ଦେବଜୀତ ପଟ୍ଟନାୟକ, ଆଭାସ ଦେ ଓ ପ୍ରଦୀପ୍ତ ମଲ୍ଲିକ ପ୍ରମୁଖ ଉପସ୍ଥିତ ରହି ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ ।

## ବରିଷ୍ଠ ସାମ୍ବାଦିକ ମୃତ୍ୟୁଞ୍ଜୟ ଦାସଙ୍କ ଏକାଦଶାହରେ ଶୋକ ସଭା

ଜଳେଶ୍ୱର ୨୨/୩ (ନି.ପ୍ର) : ଜଳେଶ୍ୱରର ଜଣେ ବରିଷ୍ଠ ଆଗ ଧାଡିର ସାମ୍ବାଦିକ ଭାବେ ନିଜକୁ ପ୍ରତିଷ୍ଠିତ କରି ପାରିଥିବା ମୃତ୍ୟୁଞ୍ଜୟ ଦାସଙ୍କ ଏକାଦଶାହ କ୍ରିୟା ଅବସରରେ ଏକ ସ୍ମୃତିଚାରଣ ଓ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇ ଯାଇଛି । ଏଥିରେ ବିଶିଷ୍ଟ ଶିକ୍ଷକ ନେତା ତଥା ସାମ୍ବାଦିକ ରମେଶ ଚନ୍ଦ୍ର ନାୟକ ସଭାପତିତ୍ୱ କରି ଜଣେ ସମାଜସେବିର କେବେ ମୃତ୍ୟୁ ଘାଟିପରେ ନାହିଁ ବୋଲି କହିଥିଲେ । ଜଣେ ଗ୍ରାମା ଳ ସାମ୍ବାଦିକ ଦୀର୍ଘବର୍ଷ ଧରି ନିଜ ଅଂଚଳର ଅଭାବ, ଅସୁବିଧା, ଦୁର୍ନିତୀ, ଅନିୟମିତତା, ସରକାରୀ ସହାୟତାରୁ ବଂଚିତ ଭଳି ଘଟଣା ନିଜ କଲମ ମୁନରେ ପ୍ରସ୍ଫୁଟିତ କରି ଆସୁଥିବା ବେଳେ ନିଜ ଦୁଃଖ ଦୈନ୍ୟତା ନିକଟରେ ନିଜ ପରିବାରବର୍ଗ କିପରି ନିଷ୍କେଷିତ ହୋଇଛନ୍ତି ତାର ଏକ ଜ୍ୱଳନ୍ତ ଉଦାହରଣ ମୃତ୍ୟୁଞ୍ଜୟ ଦାସ ନିଜେ ବୋଲି ଆଜି ବହୁ ସାମ୍ବାଦିକ, ଗ୍ରାମବାସୀ, ଶୁଭେଚ୍ଛୁମାନେ ମତବ୍ୟକ୍ତ କରିଛନ୍ତି । ସକାଳ ସଂଜ ଯାଏ ବୃ ି କୁ ବ୍ରତଭାବେ ପାଥେୟ କରି ଆସୁଥିଲେ । ଅନ୍ୟକୁ ନ୍ୟାୟ ମିଳିଲେ ସେ ନିଜକୁ କୃତକୃତ୍ୟ ଅନୁଭବ କରୁଥିବା ସମ୍ପର୍କରେ ବକ୍ତାମାନେ ମତବ୍ୟକ୍ତ କରିଛନ୍ତି । ଆଜିର ଏହି ସଭାରେ ବରିଷ୍ଠ ସାମ୍ବାଦିକ ଅବନୀ ଚାନ୍ଦ, ଦିଲ୍ଲିପ ଦାସ, ସୁକୁମାର ରଣା, ସୁଶାନ୍ତ ପ୍ରଧାନ, ଅଜିତ୍ ଦାସ, ଅରୁଣ ଜେନା, ମନୋଜ ଭୂୟାଁ, ଅର୍ଜୁନ ସିଂ, ଦୁର୍ଗାଶଂକର ଗିରି, ଦୀନବଂଧୁ ପ୍ରଧାନ ସହିତ ବହୁ ଗ୍ରାମବାସୀ ଉପସ୍ଥିତ ଥିଲେ । ସଭା ଆରମ୍ଭବରେ ଫଟୋଚିତ୍ରରେ ପୁଷ୍ପାର୍ଘ୍ୟ ଅର୍ପଣ କରାଯାଇଥିବା ବେଳେ ୨ ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା । ଶେଷରେ ସାନଭାଇ ସାମ୍ବାଦିକ ସଂଜୟ ଦାସ ଧନ୍ୟବାଦ ଅର୍ପଣ କରିଥିଲେ ।

## ଇକୋ କ୍ଲବ ପକ୍ଷରୁ ବିଶ୍ୱ ଜଳ ଦିବସ ପାଳିତ



ବେତନଟୀ, ୨୨/୦୩ (ନି.ପ୍ର): ବେତନଟୀ ବ୍ଲକ ଅନ୍ତର୍ଗତ କୃଷ୍ଣ ଚନ୍ଦ୍ର ଶିକ୍ଷା ନିକେତନ ପାଟଳିପୁରା ଠାରେ ଇକୋ କ୍ଲବ ପକ୍ଷରୁ ବିଶ୍ୱ ଜଳ ଦିବସ ଇକୋ କ୍ଲବର ଜିଲ୍ଲା ସଂଯୋଜକ ବରିଷ୍ଠ ଶିକ୍ଷକ ଡ଼ଃ ରମାକାନ୍ତ ମହାନ୍ତଙ୍କର ସଭାପତିତ୍ୱରେ ଅନୁଷ୍ଠିତ ହୋଇ ଯାଇଛି,ଏଥିରେ ମୁଖ୍ୟ ଅତିଥି ଭାବରେ ରାଜଯୋଗ ସେବା ଟ୍ରଷ୍ଟର ସଭାପତି ବରିଷ୍ଠ ପ୍ରାକୃତିକ ଚିକିତ୍ସକ ଭାସ୍କର ଚନ୍ଦ୍ର ଦୁର୍ଗା, ସମ୍ମାନିତ ଅତିଥି ଭାବରେ ଅବସର ପ୍ରାପ୍ତ ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ବ୍ୟାଙ୍କ ଅଧିକାରୀ ରଘୁନାଥ ମହାନ୍ତି, ମୁଖ୍ୟ ବକ୍ତା ଭାବରେ ଓଷ୍ଟାର ବେତନଟୀ ବ୍ଲକ ଉପସଭାପତି ବିଜ୍ଞାନ ଶିକ୍ଷକ ଶିଶିର କୁମାର ନାୟକ, ସମ୍ମାନିତ ବକ୍ତା ଭାବରେ ଇକୋ ଫ୍ରେଣ୍ଡସ ପୁରସ୍କୃତ ଯୋଗ ଶିକ୍ଷିକା ସୁଜିତା ମହାନ୍ତି ଯୋଗଦାନ କରି ଜଳ ବିହୁନେ ସୃଷ୍ଟି ନାଶ, ଜଳ ଗହଳେ ସୃଷ୍ଟି ନାଶ ବୋଲି କହି ଜଳ ସଂରକ୍ଷଣର ବିଭିନ୍ନ ଦିଗ ଉପରେ ଆଲୋଚନା କରି ପ୍ରାକୃତିକ ଚିକିତ୍ସାର ଏକ ମୁଖ୍ୟ ଅଙ୍ଗ 'ନିର୍ମଳ ଜଳ' ବୋଲି ବକ୍ତା ମାନେ ପ୍ରକାଶ କରିଥିଲେ,ଏହି ଅବସରରେ ଛାତ୍ର ଛାତ୍ରୀ ମାନଙ୍କ ମଧ୍ୟରେ ଜଳ ସଂରକ୍ଷଣ ବିଷୟରେ କୁଇଜ ପ୍ରତିଯୋଗିତା ଅନୁଷ୍ଠିତ ହୋଇ ଥିଲା,ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ ଶିକ୍ଷୟିତ୍ରୀ ରାଜଶ୍ରୀ ମହାନ୍ତି ଏବଂ ଧନ୍ୟବାଦ ଅର୍ପଣ କରିଥିଲେ କ୍ରୀଡା ଶିକ୍ଷକ ଗିରିଜା ଶଙ୍କର ମହାର୍ଣ୍ଣ, ଏଥିରେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଏବଂ ଛାତ୍ର ଛାତ୍ରୀ ମାନେ ଯୋଗଦାନ କାରିଥିଲେ ।

## ଜୟପୁରରେ ପହଂଚିଲା କାବ୍ୟ ଯାତ୍ରା

ଜୟପୁର, ୨୨/୦୩ (ନି.ପ୍ର): ଜୟପୁର ସହରରେ ପହଂଚିଲା କାବ୍ୟ ଯାତ୍ରା । ଶ୍ରୀରାମଙ୍କ ବିରାଟ ରଥକୁ ସଂକିର୍ତନ ଦ୍ୱାରା ଶ୍ରଦ୍ଧାଳୁ ସ୍ୱାଗତ କରିଥିଲେ । ଶ୍ରୀରାମଙ୍କ ବନଗମନ ପଥ କାବ୍ୟ ଯାତ୍ରା ଜୟପୁର ରେ ପହଂଚିବାପରେ ଶହଶହ ଶ୍ରଦ୍ଧାଳୁ ଉପସ୍ଥିତ ରହି ସ୍ୱାଗତ କରିଥିଲେ । ଜୟପୁର ପାୱାର ହାଉସ ଠାରେ ରଥ ପହଂଚିବାପରେ ସ୍ଥାନୀୟ ବାସିନ୍ଦା ସ୍ୱାଗତ କରି ବିଶାଳ ଶୋଭାଯାତ୍ରାରେ ରଥ କୁ ସହର ପରିକ୍ରମା କରିଥିଲେ । ଏହି ରଥ ମୁଖ୍ୟ ରାସ୍ତା ଦେଇ ଅଗ୍ରସେନ ଭବନରେ ପହଂଚିଥିଲା । ରଷ୍ଟ୍ରୀୟ କମିସଙ୍ଗମ ଦ୍ୱାରା ଆୟୋଜିତ ଶ୍ରୀରାମ ବନଗମନ ପଥ କାବ୍ୟ ଯାତ୍ରା ମହାଶ୍ରୀପରାତ୍ରୀରେ ଶ୍ରୀଲଙ୍କାରୁ ବାହାରିଥିଲା । ଏହି ଯାତ୍ରା ରାମ ନବମୀରେ ଅଯୋଧାରେ ପହଂଚିବ।

## ଅବସରପ୍ରାପ୍ତ ବ୍ୟାଙ୍କ ଡିଜିଏମଙ୍କ ପରଲୋକ



ବସ୍ତା, ୨୨/୩ (ନିପ୍ର) ରୂପସା ଥାନା ଅନ୍ତର୍ଗତ ମିରିଗିମୁଣ୍ଡି ଗ୍ରାମ ର ଅବସରପ୍ରାପ୍ତ ବ୍ୟାଙ୍କ ଡେପୁଟି ଜେନେରାଲ ମ୍ୟାନେଜର ଗୌରାଙ୍ଗ ଚନ୍ଦ୍ର ବେହେରା(୬୨)ଙ୍କ ସୋମବାର ରାତିରେ ମୃତ୍ୟୁ ଘଟିଛି । ସେ ଭୁବନେଶ୍ୱର ଏସବିଆଇ ଲୋକାଲ ହେଡ୍ ଅଫିସ ରୁ ଡିଜିଏମ ଭାବେ ୨୦୨୧ ରେ ଅବସର ଗ୍ରହଣ କରିଥିଲେ । ଗତ ନଭେମ୍ବର ୧୪ ତାରିଖରେ ତାଙ୍କର କିଡ଼ନୀ ପ୍ରତିରୋପଣ ହୋଇଥିଲା । ସେ ହଠାତ ଅସୁସ୍ଥ ହୋଇ ନିମୋନିଆ ରେ ଆକ୍ରାନ୍ତ ହୋଇଥିଲେ । ଗତ ୪ ତାରିଖ ରେ ତାଙ୍କୁ ଚିକିତ୍ସା ପାଇଁ ଭୁବନେଶ୍ୱର ଆମ୍ରି ହସପିଟାଲ ରେ ଭର୍ତ୍ତି କରାଯାଇଥିଲା । ଚିକିତ୍ସାଧୀନ ଅବସ୍ଥାରେ ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା । ମଙ୍ଗଳବାର ତାଙ୍କ ମୃତଦେହକୁ ଅଣାଯାଇ ଗାଁ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା । ସେ ଜଣେ ସମାଜସେବୀ, ପରୋପକାରୀ, ଧର୍ମପରାୟଣ ବ୍ୟକ୍ତି ଭାବେ ଖ୍ୟାତି ଅର୍ଜନ କରିଥିଲେ । ତାଙ୍କ ପ୍ରଚେଷ୍ଟାରେ ରୂପସା ରେ ଷ୍ଟେଟ ବ୍ୟାଙ୍କ ଓ ଏସବିଆଇ ଏଟିଏମ ସ୍ଥାପନ ହୋଇଥିଲା । ତାଙ୍କ ମୃତ୍ୟୁ ବେଳକୁ ସ୍ତ୍ରୀ, ପୁଅ ଓ ଝିଅ, ତିନି ଭାଇ, ଭାଇ ବୋହୁ, ପୁତୁରା, ଝିଆରୀ ଉପସ୍ଥିତ ଥିଲେ । ତାଙ୍କ ମୃତ୍ୟୁରେ ସମଗ୍ର ଅଂଚଳରେ ଶୋକ ର ବାତାବରଣ ଖେଳିଯାଇଛି । ବହୁ ମାନ୍ୟଗଣ୍ୟ ବ୍ୟକ୍ତି, ଜନପ୍ରତିନିଧି ତାଙ୍କ ଶେଷ ଦର୍ଶନ ପୂର୍ବକ ଅମର ଆତ୍ମାର ସଦଗତି କାମନା କରିଥିଲେ ।


## ଜ୍ଞାନ ବିଜ୍ଞାନ ବିଦ୍ୟାମନ୍ଦିର

ନାମଲେଖା ଚାଲିଛି

ଲଙ୍ଗଳେଶ୍ୱର, ବାଲେଶ୍ୱର

ଶିକ୍ଷାବର୍ଷ-୨୦୨୨-୨୩

ନାମଲେଖା ଚାଲିଛି

ରାଜ୍ୟ ସରକାରଙ୍କ ସ୍ୱୀକୃତିପ୍ରାପ୍ତ ଏହି ଅନୁଷ୍ଠାନରେ ଏଲ୍.କେ.ଜି ରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ନାମଲେଖା ଚାଲୁଅଛି ।

ଏହି ବିଦ୍ୟାଳୟରେ ପ୍ରବେଶ (**admission**) ନିମନ୍ତେ ହରିଜନ, ଆଦିବାସୀ ଓ ସି,ଡବ୍ଲ୍ୟୁ,ଏସ୍, ଏନ୍, ଅନଗ୍ରସର ପଛୁଆ ବର୍ଗର ପିଲାମାନଙ୍କ ପାଇଁ ଶତକଡା ୨୫%ଭାଗ ସ୍ଥାନ ସଂରକ୍ଷଣ ରହିଛି ।

ପ୍ରଧାନ ଆଚାର୍ଯ୍ୟ
ଲଙ୍ଗଳେଶ୍ୱର, ବାଲେଶ୍ୱର

ଯୋଗାଯୋଗ: ୯୯୩୭୧୧୦୬୬୯


## ବାଘାବାଳି ଦିବା ରାତ୍ର ସୀମିତ ଓଭର କ୍ରିକେଟ ଟୁର୍ଣ୍ଣାମେ ଉଦ୍‌ଯାପିତ

ଜଳେଶ୍ୱର ୨୨/୩ (ନି.ପ୍ର) : ଜଳେଶ୍ୱର ବ୍ଲକ ଅଧିନ ରାଜପୁର ପଂଚାୟତର ବାଘାବାଳୀ ଖେଳ ପଡିଆରେ ରବିବାର ଦିନ ଦିବାରାତ୍ର ସୀମିତ ଓଭର କ୍ରିକେଟ ଟୁର୍ଣ୍ଣାମେ ଅନୁଷ୍ଠିତ ହୋଇ ଯାଇଛି । ଏଥିରେ ୬ଟି ଟିମ୍ ଅଂଶ ଗ୍ରହଣ କରି ସଟ୍‌ବାଣ୍ଡାରୀ ଖେଳ ଖେଳିଥିଲେ । ରାଜପୁର ନବନିର୍ବାଚିତ ସରପଂଚ ଦିଲ୍ଲିପ କୁମାର ପରିଡା, ମଧୁସୂଦନ ଦାସ ଓ ତ୍ରିଲୋଚନ ଗିରି ମିଳିତଭାବେ ଏହାକୁ ଉଦ୍‌ଘାଟନ କରିଥିଲେ । ଏହି ବାଘାବାଳି ପ୍ରିମିୟମ ଲିଗ୍‌ରେ ମିଲିଟାରୀ ୱାରିଅର୍ସ ଏକାଦଶ, ବାଘାବାଳି ଲାୟନ୍, ରିଏଲ କିଙ୍ଗ ଇଲେଭେନ୍, ରାଜପୁର ଟାଇଗର, ରୟାଲଷ୍ଟାର ଏକାଦଶ, ପାଟଣା ଏକାଦଶ ଅଂଶ ଗ୍ରହଣ କରି ଥିଲେ । ଏଥିରେ ଏମ୍ପେୟାର ଭାବେ ଗିରିଜା ଶଂକର ସାହୁ, ସୁବାଶିଷ ଗିରି, ରୁନା ରାଉ, ଓ ଶରତ ଜେନା ଯୋଗ ଦେଇଥିଲେ । ରାଜପୁର ଟାଇଗର୍ସ ବିଜୟୀ ହୋଇଥିବା ବେଳେ ମିଲିଟାରୀ ୱାରିୟର୍ସ ରନର୍ସ ଅଫ ହୋଇଥିଲେ । ଅତିଥିଗଣ ବିଜେତା ମାନଙ୍କୁ ଅର୍ଥରାଶି, ସିଲ, କପ୍ ଦେଇ ପୁରସ୍କୃତ କରିଥିଲେ ।

## ବୀରଭୂମି ନରସଂହାର : ବିଧାନସଭାରେ ଭାଜପାର ହଟ୍ଟଗୋଳ, କକ୍ଷତ୍ୟାଗ

କୋଲକତା, ୨୨/୦୩ (ନି.ପ୍ର): ପଶ୍ଚିମବଙ୍ଗର ବୀରଭୂମି ଜିଲ୍ଲାରେ ତୃଣମୂଳ କଂଗ୍ରେସର ନେତା ଭାଦୁ ଶେଖଙ୍କ ହତ୍ୟା ପରେ ଗାଁର କେତେକ ଘରେ ଲଗାଯାଇଥିବା ନିଆଁରେ ଫଶି ୧୦ ଲୋକଙ୍କର ମୃତ୍ୟୁରେ ମଙ୍ଗଳବାର ବିଧାନସଭାରେ ଭାଜପା ସଦସ୍ୟ ମାନେ ପ୍ରବଳ ହଟ୍ଟଗୋଳ କରିଛନ୍ତି । କରିଛନ୍ତି । ପ୍ରଶ୍ନୋତର ସମୟରେ ଭାଜପା ସଦସ୍ୟ ଶଙ୍କର ଘୋଷ ବିଧାନସଭା ଅଧକ୍ଷ ବିମାନ ବାନାର୍ଜୀଙ୍କ ଧ୍ୟାନ ଆକର୍ଷଣ କରି ଏହା ଉପରେ ଆଲୋଚନା କରିବାକୁ ଦାବି କରିଥିଲେ । ଏହାସହିତ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ଇସ୍ତଫା ଦାବି କରି ନେଇ ନାରାବାଜୀ ମଧ କରିଛନ୍ତି । ବିମାନ ବାନାର୍ଜୀ କହିଛନ୍ତି ଯେ ପ୍ରଶ୍ନୋତର ପୁରା ହେବାପରେ ଏ ବିଷୟରେ କଥା ହେବ । ଏଥିରେ ଅସନ୍ତୁଷ୍ଟ ହୋଇ ଭାଜପା ସଦସ୍ୟମାନେ ହଙ୍ଗାମା ଓ ନାରେବାଜୀ କରି ବିଧାନସଭାରୁ କକ୍ଷତ୍ୟାଗ କରିଛନ୍ତି । ଭାଜପା ବିଧାୟକ ଦଳର ନେତା ମନୋଜ ଟିଗ୍‌ଗା ମିଡିଆକୁ କହିଛନ୍ତି ଯେ ବୀରଭୂମି ନରସଂହାରରେ ପ୍ରମାଣିତ ହୋଇଛି ଯେ ପଶ୍ଚିମବଙ୍ଗରେ ଆଇନ ବ୍ୟବସ୍ଥା ସମ୍ପୂର୍ଣ୍ଣ ରୂପେ ଶେଷ ହୋଇଯାଇଛି ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

### ନାଟୋକୁ ଜେଲେନସ୍କିଙ୍କ....

ଐତିହ୍ୟ । ମୁଁ ଗତ ୨ ବର୍ଷ ହେଲେ ପୁଟିନଙ୍କ ସହ କଥା ହେବା ପାଇଁ ଇଚ୍ଛୁକ ଅଛି । ଯେଉଁଠାରେ ବୁଝାମଣା ହୁଏ, ଯେଉଁଠାରେ ଯୁଦ୍ଧର ଅନ୍ତ ହୁଏ । ହେଲେ ବୁଝାମଣା ବିଫଳ ହେଲେ ତୃତୀୟ ବିଶ୍ୱ ଯୁଦ୍ଧ ଅବଶ୍ୟମ୍ଭାବୀ ବୋଲି କିଛି ଦିନ ପୂର୍ବରୁ ଏକ ସାକ୍ଷାତକାରରେ କହିଥିଲେ ଜେଲେନସ୍କି । ୟୁକ୍ରେନର ମାରିୟୁପୁଲ୍ ସହରକୁ ନିଜ ଅକ୍ତିଆରକୁ ନେବାକୁ ରୁଷ ସେନା ଆକ୍ରମଣକୁ ଜୋରଦାର କରି ଦେଇଥିବା ବେଳେ ଆତ୍ମସମର୍ପଣ ପାଇଁ ମନା କରି ସାରିଛି ୟୁକ୍ରେନ ସେନା । ଏପରିକି ଅସ୍ତ୍ର ଛାଡ଼ି ସୁରକ୍ଷିତ ଭାବେ ମାରିୟୁପୁଲରୁ ବାହାରି ଯିବାକୁ ରୁଷ ଦେଇଥିବା ପ୍ରସ୍ତାବକୁ ପ୍ରତ୍ୟାଖାନ କରି ଦେଇଥିଲା ୟୁକ୍ରେନ ସେନା । ମାରିୟୁପୁଲ ଛାଡ଼ିବୁନି ବୋଲି ୟୁକ୍ରେନ ସେନା ଖୋଲାଖୋଲି କହିବା ପରଠୁ ମାରିୟୁପୁଲ ଉପରେ ଆକ୍ରମଣକୁ ରୁଷ ଜୋରଦାର କରି ଚାଲିଛି । ଏବେ କିଭ୍ ଅକ୍ତିଆର କରିବାକୁ ସଜବାଜ ହେଲାଣି ରୁଷ । କିଭ୍‌ର ଜନଗହଳିପୂର୍ଣ୍ଣ ପୋଡିଲ ଜିଲ୍ଲାରେ ରୁଷ ସେନାର ବୋମମାଡ଼ ଯୋଗୁ ଏକ ଶପିଙ୍ଗ ମଲ୍ ମାଟିରେ ମିଶି ଯାଇଛି । ଏଥିରେ ୮ରୁ ଅଧିକ ସାଧାରଣ ଲୋକଙ୍କ ମୃତ୍ୟୁ ହୋଇଛି । ସେହିପରି ରୁଷୀ ସେନା ୟୁକ୍ରେନର ଏକ କଳା ବିଦ୍ୟାଳୟ ଉପରେ ବୋମା ମାଡ଼ କରିଥିବା ବେଳେ ତାହା ତଳେ ୪ଶହରୁ ଅଧିକ ଲୋକ ଚାପି ହୋଇ ଯାଇଥିବା କହିଛନ୍ତି ଜେଲେନସ୍କି ।

### ପେଟ୍ରୋଲ, ଡିଜେଲ ସହ....

ଲୋକଙ୍କ ମଧ୍ୟରେ ଅଶାନ୍ତି ଦେଖାଦେଇଛି । ୟୁକ୍ରେନ୍ ଉପରେ ରୁଷ ଆକ୍ରମଣ ଯୋଗୁ ଅଶୋଧିତ ତେଲର ବ୍ୟାରେଲ ପିଛା ଦାମ୍ ୧୪୦ ଡଲାର ପାର କରିବା ପରେ ମଧ କମ୍ପାନୀଗୁଡିକ ତେଲ ଦର ବଢାଇନଥିଲେ । ଉତରପ୍ରଦେଶ ସମେତ ୫ ରାଜ୍ୟର ନିର୍ବାଚନ ଯୋଗୁ ତେଲ କମ୍ପାନୀ ଗୁଡ଼ିକ ପେଟ୍ରୋଲ ଓ ଡିଜେଲ ଦର ବଢାଇନଥିଲେ । ଏପରିକି ୫ ରାଜ୍ୟର ଫଳାଫଳ ଆସିବା ପରେ ତେଲ ଦର ବଢିବ ବୋଲି କୁହାଯାଉଥିଲା । ସେହିପରି ବଡ ଗ୍ରାହକମାନଙ୍କ ପାଇଁ ଡିଜେଲ ଲିଟର ପିଛା ଦାମରେ ୨୫ ଟଙ୍କାର ବୃଦ୍ଧି ଘୋଷଣା ହୋଇଛି । ଟାଙ୍କର ଜରିଆରେ କିଣୁଥିବା କମ୍ପାନୀ ବା ସଂସ୍ଥା ମାନେ ଏହା ଦ୍ୱାରା ପ୍ରଭାବିତ ହେବେ । ଭାରତୀୟ ରେଳ, ସପିଙ୍ଗ ମଲ, ଶିଳ୍ପ ସଂସ୍ଥା, କଳ କାରଖାନା, ବିମାନ ବନ୍ଦର ଏବଂ ପରିବହନ ସଂସ୍ଥା ମାନେ ପ୍ରଭାବିତ ହେବେ ବୋଲି କୁହାଯାଉଛି । ପେଟ୍ରୋଲ ଓ ଡିଜେଲ ଦର ବୃଦ୍ଧି ପରେ ଗ୍ରାହକଙ୍କୁ ପୁଣି ମହଙ୍ଗା ମାଡ଼ । ରୋଷେଇ ଘର ଉପରେ ବଢିଛି ଦର ବୃଦ୍ଧିର ପ୍ରଭାବ । ଏଲ୍ପିଜି ସିଲିଣ୍ଡର ମଧ ଦରବୃଦ୍ଧି ହୋଇଛି । ଏଲ୍ପିଜି ଗ୍ୟାସ୍ ୫୦ ଟଙ୍କା ମହଙ୍ଗା ହୋଇଛି । ଗତ ବର୍ଷ ଅକ୍ଟୋବର ୬ ତାରିଖଠାରୁ ଗ୍ୟାସ୍ ଦର ବୃଦ୍ଧି ହୋଇନଥିଲା । ଘରୋଇ ସିଲିଣ୍ଡର ଦର ଏକାଥରରେ ୫୦ ଟଙ୍କା ବୃଦ୍ଧି ପାଇବା ଦ୍ୱାରା ଗ୍ରାହକଙ୍କୁ ବଡ଼ ଝଟକା ଲାଗିଛି ।

### ଡରାଇଲାଣି ଓମିକ୍ରନର ସବଭାରିଏଣ୍ଟ....

ଅଧିକ ଗୁରୁତର କରୁନାହିଁ । ସମୟ ଅନୁସାରେ ଟିକା ଓ ବୁଷ୍ଟର ଡୋଜ୍ ହିଁ ଆରୋଗ୍ୟ ରହିବାର ସବୁଠାରୁ ଭଲ ଉପାୟ । ବିଏ.୨ ଭାରିଏ ରେ ଆକ୍ରାନ୍ତ ହେଲେ ମଧ ଟିକା ନେଇଥିବା ଲୋକ ଗୁରୁତର ହେବନି । ଭାରିଏ ଏବେଠାରୁ ହିଁ ଚାଇନା ଓ ୟୁରୋପର କିଛି ଦେଶରେ ତା'ର କାୟ ମଧ ବିସ୍ତାର ଆରମ୍ଭ କରିସାରିଲାଣି ବୋଲି ସେ କହିଛନ୍ତି । କିଛି ବିଶେଷଜ୍ଞ ମତରେ ବିଏ.୨ ଭାରିଏ ପୂର୍ବରୁ ଥିବା ବିଏ.୧ ଭାରିଏ ଠାରୁ ମାତ୍ର ୩୦% ଅଧିକ ସଂକ୍ରାମକ । ଫଉସି କିନ୍ତୁ ଏହା ୬୦% ସଂକ୍ରାମକ ବୋଲି କହିଥିଲେ । ବିଏ.୨ ଭାରିଏ କୁ ଅନେକ ଷ୍ଟେଲଥ ଓମିକ୍ରନ କୁହନ୍ତି । କାରଣ ଏହା ଲୋକଙ୍କୁ ସଂକ୍ରମଣ କରୁଥିଲେ ମଧ ଠିକ୍ ଭାବେ ଚିହ୍ନଟ ହୋଇପାରୁ ନାହିଁ । ବିଏ.୨ ଭାରଏ ଯୋଗୁ ଚାଇନା, ୟୁରୋପର କିଛି ଦେଶ ଓ ଦକ୍ଷିଣ କୋରିଆରେ କରୋନା ସଂକ୍ରମଣ ଦ୍ରୁତଗତିରେ ବ୍ୟାପିବାରେ ଲାଗିଥିଲା । ଦୈନିକ ରେକର୍ଡ ସଂଖ୍ୟକ ଆକ୍ରାନ୍ତ ଚିହ୍ନଟ ହେବା ପରେ ଏବେ ଚାଇନା ଓ ଦକ୍ଷିଣ କରୋନାରେ ସଂକ୍ରମଣ କମିବା ଆରମ୍ଭ ହୋଇଛି । ହେଲେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଆଗକୁ ବିଭିନ୍ନ ଦେଶରେ ବିଏ.୨ ଭାରିଏ ପହ ିବାର ଆଶଙ୍କା କରିଛି । ତେଣୁ ସବୁ ଦେଶର ସରକାରମାନଙ୍କୁ ସତର୍କ ରହିବାକୁ କୁହାଯାଇଛି ।

### ଋଷର ପରମାଣୁ ଆକ୍ରମଣ....

ଥିବା ନାଟୋ ଦେଶ ଗୁଡିକ ଉପରେ ଆକ୍ରମଣ । ଫଳରେ ତୃତୀୟ ବିଶ୍ୱଯୁଦ୍ଧର ଆଶଙ୍କା ସୃଷ୍ଟି ହେବ । ସେହି ଦେଶ ଗୁଡିକ ଜେଲେନସ୍କିଙ୍କ ଉପରେ ନରମିବା ପାଇଁ ଚାପ ପକାଇବେ । ବର୍ଷ ବର୍ଷ ଧରି ମଧ୍ୟପ୍ରାଚ୍ୟରେ ରୁଷିଆ ରାଷ୍ଟ୍ରପତି ପୁଟିନ୍ ଯେଉଁଭଳି ଢଙ୍ଗରେ ଅପ୍ରେଟ୍ କରୁଛନ୍ତି, ସେହି ଆଧାରରେ ଆକଳନ କରିଛନ୍ତି ଥୋମାସ୍ ଫ୍ରାଏଡ୍ମ୍ୟାନ୍ । ଏ ନେଇ ନ୍ୟୁୟର୍କ ଟାଇମ୍ସରେ ପ୍ରକାଶ ପାଇଛି ବିସ୍ତୃତ ରିପୋର୍ଟ । ସେପଟେ ଯୁଦ୍ଧ ଭିତରେ ନାଟୋର ଭୂମିକାକୁ ନେଇ ଅସନ୍ତୋଷ ପ୍ରକାଶ କରିଛନ୍ତି ୟୁକ୍ରେନ ରାଷ୍ଟ୍ରପତି ବୋଲଡମୀର ଜେଲେନସ୍କି । ନାଟୋ ଦେଶ ରୁଷକୁ ଭୟ କରୁଥିବା ଜେଲେନସ୍କି କହିଛନ୍ତି । ସେ ଏକଥା ମଧ କହିଛନ୍ତି କି ନାଟୋ ୟୁକ୍ରେନକୁ ସଦସ୍ୟତା ପ୍ରଦାନ ପାଇଁ ପ୍ରସ୍ତୁତ ଅଛି କି ନାହିଁ ସ୍ପଷ୍ଟ କରୁ । ଦୁନିଆ ସାମ୍ନାରେ ନାଟୋ ନିଜ ପକ୍ଷ ରଖୁ ବୋଲି କହିଛନ୍ତି ୟୁକ୍ରେନ ରାଷ୍ଟ୍ରପତି । ସେପଟେ ଶୁକ୍ରବାର ନାଟୋ ଦେଶର ପ୍ରତିନିଧିଙ୍କ ସହ ଆଲୋଚନା କରିବାକୁ ପୋଲାଣ୍ଡ ଆସୁଛନ୍ତି ବାଇଡେନ୍ ।

### ସରିଲା ପ୍ରଚାର, ଦିନକ....

ମେୟର ପ୍ରାର୍ଥୀ । ସେହିପରି ବିଜେପି ଓ କଂଗ୍ରେସ ମେୟର ଓ କର୍ପୋରେଟର ପ୍ରାର୍ଥୀମାନେ ଘରକୁ ଘର ଯାଇ ଭୋଟରଙ୍କୁ ଭେଟିଛନ୍ତି । ନିର୍ବାଚନ ପ୍ରଚାର ବନ୍ଦ ହେବା ପରେ କୌଣସି ପ୍ରାର୍ଥୀ, ରାଜନୈତିକ ଦଳ କୌଣସି ପ୍ରକାରର ସଭାସମିତି, ପ୍ରଚାର ଆଦି କରିପାରିବେନି । ଯେଉଁ ଅଂଚଳରେ ନିର୍ବାଚନ ହେଉଥିବ ସେଠାରେ ବାହାର ଅଂଚଳର ରାଜନେତା ରହିବେ ନାହିଁ । ସେହିପରି ନିର୍ବାଚନକୁ ଦୃଷ୍ଟିରେ ରଖି ନିର୍ବାଚନ ହେଉଥିବା ସମସ୍ତ ସହରାଂଚଳରେ ୫ଦିନ ପାଇଁ ମଦ ବିକ୍ରି ଉପରେ ରୋକ୍ ଲାଗିଛି । ୨୨ତାରିଖ ସଂଧ୍ୟା ୫ଟାରୁ ୨୬ତାରିଖ ପର୍ଯ୍ୟନ୍ତ କୌଣସି ମଦ ଦୋକାନ, ରେଷ୍ଟୋରାଁ, ହୋଟେଲ, ତାରକା ହୋଟେଲ, କ୍ଲବରେ ମଦ ବିକ୍ରି ହୋଇପାରିବନି ବୋଲି କୁହାଯାଇଛି ।

## ବିକାଶର ପ୍ରବାହରେ ଉଦଳା ସାମିଲ ହେବା ଉଚିତ : ବିଜୁ ଜନତା ଦଳ

ଉଦଳା, ୨୨/୦୩ (ନି.ପ୍ର): ପୌର ନିର୍ବାଚନ ପାଇଁ ପ୍ରଚାରର ଆଜି ଶେଷ ଦିବସ ଥିବା ବେଳେ ଉଦଳା ବିଜ୍ଞାପିତ ଅ ଳ ପରିଷଦ ପାଇଁ ବିଜୁ ଜନତା ଦଳ ତରଫରୁ ନଗରପାଳ ପ୍ରାର୍ଥିନୀ ଭାବରେ ନିର୍ବାଚନ ଲଢୁଥିବା ରଞ୍ଜିତା ବାନାର୍ଜି ସହର ମଧ୍ୟରେ ଥିବା 'ଉଦଳା ପ୍ରେସ କ୍ଲବ'କୁ ପରିଦର୍ଶନରେ ଆସିଥିଲେ । କ୍ଲବର ସଦସ୍ୟ ମାନେ ତାଙ୍କୁ ସମ୍ମାନ ଜଣାଇ ଏକ ଆଲୋଚନା ଚକ୍ରର ଆୟୋଜନ କରିଥିଲେ । ତାଙ୍କ ସହିତ ଉଦଳାର ପୁର୍ବତନ ବିଧାୟକ ଶ୍ରୀନାଥ ସୋରେନ ଓ ପୁର୍ବତନ ଜିଲ୍ଲାପରିଷଦ ଉପାଧକ୍ଷ ପ୍ରତାପ ସାହୁ ମଧ ଉପସ୍ଥିତ ଥିଲେ । ପ୍ରାରମ୍ଭରେ କ୍ଲବର ସଭାପତି ଅରୁଣ କୁମାର ମହାନ୍ତି ଆଜିର ଆଲୋଚନା ଚକ୍ରର ଉଦେଶ୍ୟ ସମ୍ପର୍କରେ ଅବଗତ କରାଇବା ପରେ ସମ୍ପାଦକ ଜଗବନ୍ଧୁ ପ୍ରଧାନଙ୍କ ଅଧକ୍ଷତାରେ ଆଲୋଚନା ଆରମ୍ଭ ହୋଇଥିଲା । ନବୀନ ସରକାରଙ୍କ ବିକାଶର ଧାରାରେ ଉଦଳା ସହର ମଧ ସାମିଲ ହେବା ଉଚିତ ବୋଲି ଉଭୟ ପୁର୍ବତନ ବିଧାୟକ ଶ୍ରୀଯୁକ୍ତ ସୋରେନ ଓ ଜିଲ୍ଲାପରିଷଦର ପୁର୍ବତନ ଉପାଧକ୍ଷ ଶ୍ରୀଯୁକ୍ତ ସାହୁ ବକ୍ତବ୍ୟ ମାଧମରେ କହିଥିଲେ । ଏହାପରେ କ୍ଲବର ସମ୍ପାଦକ ଶ୍ରୀଯୁକ୍ତ ପ୍ରଧାନ ଏହି କ୍ଲବର ସଦସ୍ୟ ଥିବା ଏବଂ ବ ର୍ତ୍ତମାନ ନିର୍ବାଚନ ରଣାଙ୍ଗନରେ ଭାରତୀୟ ଜନତା ପାର୍ଟିରୁ ନଗରପାଳ ପ୍ରାର୍ଥି ହୋଇଥିବା ପ୍ରମିଳା ପଣ୍ଡାଙ୍କ ସମ୍ପର୍କରେ କହିବାକୁ ଯାଇ କହିଲେ ସାମ୍ବାଦିକତାର କଲମ ସମସ୍ତଙ୍କ ପାଇଁ ସବୁ ବେଳେ ଉନ୍ମୁକ୍ତ ରହିଛି । ଆମେ ଯେ କେବଳ ପ୍ରମିଳା ଅପାଙ୍କ କଥା ଲେଖିବୁ ଆଉ ରଞ୍ଜିତା ବାନାର୍ଜିଙ୍କୁ ଭୁଲିଯିବୁ ଏପରି ଆଦୌ ହେବ ନାହିଁ ବୋଲି ସ୍ପଷ୍ଟିକରଣ ଦେଇଥିଲେ । ପରେ ପ୍ରାର୍ଥିନୀ ଶ୍ରୀମତୀ ବାନାର୍ଜି ବକ୍ତବ୍ୟ ପ୍ରଦାନ ସମୟରେ ତାଙ୍କର ପ୍ରତିଦ୍ୱନ୍ଦି ପ୍ରମିଳା ପଣ୍ଡାଙ୍କୁ ମଧ ପ୍ରଶଂସା କରିବାକୁ ପଛାଇ ନଥିଲେ । ବାସ୍ତବରେ ଏହା ଥିଲା ତାଙ୍କର ସରଳତା ଓ ଉଦାରତାର ପରିଚୟ । ଶେଷରେ ହିମାଦ୍ରୀ ଶେଖର ପାଲ ଆଲୋଚନା ଚକ୍ରର ଶେଷ ସ୍ପର୍ଶ ଦେଇଥିଲେ ।

## ମହିଳା କଳାକାର ସ୍ନେହଲତା ଏବେ ରାଜନୀତି ମୈଦାନରେ



ଉଦଳା, ୨୨/୦୩ (ନି.ପ୍ର): ଉଦଳା ବିଜ୍ଞାପିତ ଅ ଳ ପରିଷଦର ୱାର୍ଡ଼ ନଂ-୪ର କାଉନସିଲର ପ୍ରାର୍ଥି ଭାବରେ କଂଗ୍ରେସ ଦଳରୁ ସ୍ନେହଲତା କୁଅଁରବାବୁ ନିର୍ବାଚନ ରଣାଙ୍ଗନକୁ ଓହ୍ଲାଇଛନ୍ତି । ସ୍ନେହଲତା ଜଣେ କଳାକାର ଭାବରେ ତାଙ୍କର ପରିଚୟ ସୃଷ୍ଟି କରିଥିବା ବେଳେ ଏବେ ହଠାତ ରାଜନୀତିରେ ପାଦ ଥାପିଥିବାରୁ ସମସ୍ତଙ୍କୁ ଏହା ଆଶ୍ଚର୍ଯ୍ୟ କରିଛି । ଦାସକାଠିଆ, ପାଲା, ପଥପ୍ରାନ୍ତ ନାଟକ ଇତ୍ୟାଦି ପରିବେଷଣ କରି ସେ ନିଜର ଗୁଜୁରାଣ ମେ ।ଇଥାନ୍ତି । କିନ୍ତୁ କରୋନା ସମୟରେ ତାଲାବନ୍ଦର ପ୍ରଭାବ ଯୋଗୁଁ ସେ ନାହିଁନଥିବା ଅସୁବିଧାରେ ସମ୍ମୁଖିନ ହୋଇଥିଲେ । ଏପରିକି ରେସନକାର୍ଡ଼ଟିଏ ପାଇବା ପାଇଁ ତାଙ୍କୁ ବାରଦୁଆର ଶୁଣ୍ଡିପିଣ୍ଡା ହେବାକୁ ପଡ଼ିଥିଲା । ସେ କୁହନ୍ତି ବିଧବା, ସ୍ୱାମୀ ପରିତ୍ୟକ୍ତା ଓ ଭିନ୍ନକ୍ଷମ ମାନେ ଭ । କିମ୍ବା ଚାଉଳ ନେବା ପାଇଁ ଧାଡ଼ିବାନ୍ଧି ଛିଡ଼ା ହେବାର ଦୃଶ୍ୟ ମୋତେ ଖୁବ ଆଘାତ ଦେଇଛି । ଖାଲି ସେତିକି ନୁହେଁ , ଏମାନଙ୍କୁ ସେବା ଯୋଗାଇଦେବା ପାଇଁ ମୋଟା ଅଙ୍କରେ ଦରମା ନେଉଥିବା ସରକାରୀ ବାବୁ ମାନଙ୍କର ବ୍ୟବହାର ଯଥା- (ବେ ଧାଡ଼ିକରି ଛିଡ଼ା ହୁଅ, ଆଜି ସମୟ ହୋଇଗଲା କାଲି ଆସ) ଇତ୍ୟାଦି ଶୁଣିବା ମାତ୍ରେ ମୋର କଥା ଟିଏ ମନେ ପଡ଼େ 'ଗରିବ ଝିଅ ସବୁରି ଡ଼େସ୍' ବୋଲି ସ୍ନେହଲତା ଗଣମାଧମକୁ ଜଣାଇଛନ୍ତି । ମୁଁ ନିର୍ବାଚନରେ ଜିତିଲେ ଏହା ପ୍ରଥମେ ବନ୍ଦ କରିବି, ସ୍ୱାଭିମାନର ସହ ବ ି ରହିବାର ଅଧିକାର ସେମାନଙ୍କର ମଧ ରହିଛି ବୋଲି ସ୍ନେହଲତା ବ୍ୟକ୍ତ କରିଛନ୍ତି ।

ବାଲେଶ୍ୱର, ବୁଧବାର, ୨୩ ମାର୍ଚ୍ଚ, ୨୦୨୨

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା ୮

# ୩ବର୍ଷର ଅଭିଯୋଗ ହେଲା କାର୍ଯ୍ୟକାରୀ

ଜଳେଶ୍ୱର, ୨୨/୩ (ନି.ପ୍ର) : ୬୦ନଂ ଜାତୀୟ ରାଜପଥ ଓଡିଶା ଓ ପଶ୍ଚିମବଂଗ ସୀମାରେ ୩ବର୍ଷ ପୂର୍ବରୁ ଲକ୍ ଡାଉନ୍ ସମୟରେ ପଶ୍ଚିମବଂଗ ପୁଲିସ୍‌ର ହୋଇଥିବା ନାକା ପଏ ଗେଟ୍ ଆଜି ପୂର୍ବସ୍ଥାନକୁ ହଟିଛି । ଏହି ଗେଟ୍ ଯୋଗୁଁ ଓଡିଶା ଅଂଚଳରେ ବହୁ ଯାନବାହନ ରାସ୍ତା ଉପରେ ଛିଡା ହେଉଥିବାରୁ ଦୁର୍ଘଟଣା ବଢୁଥିଲା ଓ ବ୍ୟାପକ ଚାନ୍ଦା ଆଦାୟ ହେଉଥିଲା । ଯାନ ବାହନର ଚାଳକ ଓ ଗ୍ରାମବାସୀ ମାନେ ଗତ ୩ବର୍ଷ ଧରି ବହୁ ଆପ ି ଅଭିଯୋଗ କରି ଆସୁଥିଲେ । ଏହା ହେବାପରେ ସାଧାରଣରେ ଆନନ୍ଦ ପ୍ରକାଶ ପାଇଛି । ୬୦ନଂ ଜାତୀୟ ରାଜପଥ ଗୋବରଘଟା ପଂଚାୟତରେ ଓଡିଶାର ଟୋଲ ପ୍ଲାଜା ସ୍ଥାପନ ହୋଇଥିବା ବେଳେ ଏହାର ୨୦୦ ମିଟର ଦୂର ପଶ୍ଚିମବଂଗ ଭିତରେ ପଶ୍ଚିମବଂଗ ପୁଲିସ୍‌ର ଏକ ନାକା ପଏ ନିର୍ମାଣ ହୋଇଥିଲା । ସେଠାରେ ପଶ୍ଚିମବଂଗ ପୁଲିସ୍ ରହି ଯା ବ୍ୟବସ୍ଥାକୁ କଡାକଡି କରିଥିଲେ । କିନ୍ତୁ ୨୦୨୦ ମସିହାରେ କରୋନା ଯୋଗୁଁ ପଶ୍ଚିମବଂଗର ଏହି ନାକା ପଏ ଓଡିଶା ସୀମା ନିକଟକୁ ଉଠାଇ ଦିଆଯାଇଥିଲା । ଫଳରେ ଓଡିଶାପଟୁ ପଶ୍ଚିମବଂଗ ଅଭିମୁଖେ ଯାଉଥିବା ଯାନ ଗୁଡିକ ୬୦ନଂ ଜାତୀୟ ରାଜପଥର ଓଡିଶା ସୀମା ମଧ୍ୟରେ ଛିଡା ହେଉଥିଲା । ଫଳରେ ବ୍ୟାପକ ଚାନ୍ଦା ଆଦାୟ, ଲୁଟ ତରାଜ, ରାହାଜାନି, ରାସ୍ତା ଜାମ୍ ଭଳି ଘଟଣା ଘଟି ଆସୁଥିଲା । ଏ ସମ୍ପର୍କରେ ସ୍ଥାନୀୟ ଗ୍ରାମବାସୀ ଓ ଡ୍ରାଇଭରମାନେ ଜିଲା ଓ ରାଜ୍ୟ ପ୍ରଶାସନର ଦୃଷ୍ଟି ଆକର୍ଷଣ କରି ଆସୁଥିଲେ । କିନ୍ତୁ କୌଣସି କାର୍ଯ୍ୟାନୁଷ୍ଠାନ ହେଉନଥିଲା । ଆଜି ଜିଲା ଓ ରାଜ୍ୟ ସରକାରଙ୍କ ଚାପ ଫଳରେ ପଶ୍ଚିମବଂଗ ପୁଲିସ୍‌ର ଏହୀ ନାକା ପଏ (ତନଖି ଫାଟକ) ୧୦୦ ମିଟର ପଛ ପୂର୍ବସ୍ଥାନକୁ ହଟି ଯାଇଛି । ଫଳରେ ଡ୍ରାଇଭରସଂଘ, ଗ୍ରାମବାସୀ ଓ ଉତ୍କଳ ସମ୍ମିଳନୀର କର୍ମକ ାମାନେ ଆଶ୍ୱସ୍ତ ପ୍ରକଟ କରିଛନ୍ତି । ସୂଚନାଯୋଗ୍ୟ ଗତ କିଛିଦିନ ତଳେ ଅଥାତ୍ ମାର୍ଚ୍ଚ ୧ ତାରିଖରେ ବିଳମ୍ବିତ ରାତିରେ ଉକ୍ତ ନାକାପଏ ନିକଟରେ ରାସ୍ତା ଜାମ୍ ଥିବା ବେଳେ ସନେକ୍ସ ନାମକ ଏକ ଘରୋଇ ବସ୍ (ଓଡି୦୫ବିବି-୫୮୫୫) ରାସ୍ତାରେ ଛିଡା ହୋଇଥିବା ଟ୍ରକ୍‌କୁ ପଛପଟୁ ଧକ୍କା ଦେବା ଫଳରେ ଦୁର୍ଘଟଣାଗ୍ରସ୍ତ ହୋଇ ବହୁ ଯାତ୍ରୀ ଆହତ ହୋଇଥିଲା ।

# ଶିକ୍ଷକ କର୍ମଚାରୀ ସଂଘର ପ୍ରତିଷ୍ଠା ଦିବସ ପାଳିତ




ବାଲିଆପାଳ,୨୨/୦୩ (ନି.ପ୍ର): ବାଲିଆପାଳ ବ୍ଲକର ଅବସରପ୍ରାପ୍ତ ଶିକ୍ଷକ ଓ କର୍ମଚାରୀ ସଂଘର ପ ମ ପ୍ରତିଷ୍ଠା ଦିବସ ଆଡମ୍ବର ପୂର୍ଣ୍ଣ ଭାବରେ ସ୍ଥାନୀୟ କଚୁଆପଡା ସ୍ଥିତ ଗୁରୁକୁଳ ଭବନରେ ପାଳିତ ରବିବାର ହୋଇଯାଇଛି ।ଉତ୍ସବକୁ ସଂଘର ଉପଦେଷ୍ଟା ଅବସରପ୍ରାପ୍ତ ଶିକ୍ଷକ ତଥା ନାଟ୍ୟକାର ଜଗନ୍ନାଥ ମହାନ୍ତି ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ ।ସଂଘର ସଭାପତି ଶ୍ରୀକାନ୍ତ ଜେନାଙ୍କ ସଭାପତିତ୍ୱରେ ଅନ୍ୟ ଅତିଥି ମାନଙ୍କ ମଧ୍ୟରେ ଭୋଗରାଇ ସଂଘର ଚି ରଞ୍ଜନ ଦାସ, ଡ: ବିଜୟ କୁମାର ମିଶ୍ର, ଗୋପବନ୍ଧୁ ମହାପାତ୍ର, ରାଧାନାଥ ଦାସ, ନବକୃଷ୍ଣ ଦେ, ସରୋଜମହାନ୍ତି, ହରେନ୍ଦ୍ର ନାଥ ଭୋଳ, ବସ୍ତା ବ୍ଲକର କୁମୁଦ ରଞ୍ଜନ ଗିରି, ବାଲିଆପାଳ ପ୍ରାଥମିକ ଶିକ୍ଷକ ସଂଘର ସଂପାଦକ ଆଦିତ୍ୟ ରାଉତ, ସଂଘର ଅନ୍ୟତମ ଉପଦେଷ୍ଟା ସୁଧାସିନ୍ଧୁ ସାହୁ, ଭୀମଚରଣ ସାମଲ ଓ ପୂର୍ବତନ ଶିକ୍ଷାଅଧିକାରି ସୁବାଷ ଚନ୍ଦ୍ର ଚୌଧୁରୀ ପ୍ରମୁଖ ଅତିଥି ଯୋଗ ଦେଇଥିଲେ ।ଅନାଦି କୁମାର ପଣ୍ଡା ସ୍ତବପାଠ କଲାପରେ ବନ୍ଦେ ଉତ୍କଳ ଜନନୀ ଗାନ କରାଯାଇଥିଲା । ଦିବଂଗତ ଅବସରପ୍ରାପ୍ତ ଶିକ୍ଷକ, କର୍ମଚାରୀ ଓ ପରିବାର ପେନସନ ଭୋଗି ମାନଙ୍କ ଆତ୍ମାର ସଦଗତି ପାଇଁ ଦୁଇ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା ।ସଂଘର ସଂପାଦକ ରାଖାଲ ଚନ୍ଦ୍ର ଦାସ ସଂପାଦକୀୟ ବିବରଣୀ ପାଠ କରିଥିଲେ ।୩% ଡିଏ ଯୁକ୍ତୁ ବ୍ୟାଙ୍କ ମାଧ୍ୟମରେ ପେନସନ ପାଉଥିବା ପେନସନ ଭୋଗୀମାନେ ନପାଇବା ଓଡିଶା ସରକାରଚିକିତ୍ସା ଭ । ଓ ସୁବିଧା ପ୍ରଦାନ କରିବା । ଅତିରିକ୍ତ ପେନସନ ବୟସ ୬୫ ବର୍ଷ କରିବା, ସର୍ବନିମ୍ନ ପେନସନ ୯୦୦୦ ଟଙ୍କା କରିବା ଟ୍ରେନରେ ପୂର୍ବପରି ବରିଷ୍ଠ ନାଗରିକଙ୍କର ଭଡାରେ ରିହାତି ପ୍ରଦାନ ନକରିବା ଓ ୨୦୨୦ ଜାନୁଆରୀରୁ ଡିଏ ନଦେବା ଇତ୍ୟାଦି ଦାବି ର ପୂରଣ ନହେବା ଉପରେ ସରକାରଙ୍କ ଆନ୍ତରିକତାର ଅଭାବ ବୋଲି ବକ୍ତା ମାନେ ମତବ୍ୟକ୍ତ କରିଥିଲେ । ଏହି ଅବସରରେ ୨୦୨୧ ମାଧ୍ୟମିକ ଶିକ୍ଷା ପରିଷଦ ଓଡିଶା ସାର୍ଟିଫିକେଟ ପରୀକ୍ଷାରେ ବାଲିଆପାଳ ବ୍ଲକରେ ସର୍ବୋଚ୍ଚ ନମ୍ବର ରଖିଥିବା ଦିବ୍ୟପ୍ରକାଶ ଦାସଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ବେଳେ ୨୦୧୧ ଜନଗଣନାରେ ଉତ୍କର୍ଷ ଜନଗଣନା ପାଇଁ ରାଷ୍ଟ୍ରପତିଙ୍କ ଦ୍ୱାରା ପୁରସ୍କୃତ ହୋଇଥିବା ଅବସରପ୍ରାପ୍ତ ଶିକ୍ଷକ ମିଳନ ମହାନ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।ସଭାକାର ?୍ୟ ପ୍ରାରମ୍ଭରେ ସଂଘର ଅର୍ଥ ସଂପାଦକ ଜଗନ୍ନାଥ ସାହୁ ଅତିଥି ମାନଙ୍କୁ ମ ଆହ୍ୱାନ କରିଥିଲା ବେଳେ ସଂଗଠନ ସଂପାଦକ ନିତ୍ୟାନନ୍ଦ ପାତ୍ର ଧନ୍ୟବାଦ ଦେଇଥିଲେ ।ଏହି କାର୍ଯ୍ୟକ୍ରମକୁ ସଂଘର କର୍ମକ । ଅବସରପ୍ରାପ୍ତ ଶିକ୍ଷକ ବେଣୁଧର ଦାସ,କମଳା କାନ୍ତ ସାହୁ, କୀ ନ ଦେ, ନାରାୟଣ କର, ପ୍ରମୁଖ ପରିଚାଳନା କରିଥିଲେ । ଏହି ଅବସରରେ ସଂଘର ମୁଖପତ୍ର 'ଆମରି ବା ।' ଉନ୍ମୋଚିତ ହୋଇଥିଲା ।

# ପୌର ନିର୍ବାଚନ ଆଦର୍ଶ ଆଚରଣ ବିଧି ପାଳନ ସଂପର୍କିତ ବୈଠକ



ବାରିପଦା, ୨୨/୦୩ (ନି.ପ୍ର): ମୟୂରଭଞ୍ଜ ଜିଲ୍ଲାରେ ପୌର ନିର୍ବାଚନ-୨୦୨୨ ପରିପ୍ରେକ୍ଷୀରେ ବିଭିନ୍ନ ରାଜନୈତିକ ଦଳର ସ୍ଥାନୀୟ ପ୍ରତିନିଧି ମାନଙ୍କୁ ନେଇ ଆଦର୍ଶ ଆଚରଣ ବିଧି ପାଳନ ସଂପର୍କରେ ଏକ ଆଲୋଚନା ବୈଠକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଫେସିଲିଟେସନ୍ ସମ୍ମିଳନି କକ୍ଷରେ ଜିଲ୍ଲାପାଳ ତଥା ନିର୍ବାଚନ ଅଧିକାରୀ ମୟୂରଭଞ୍ଜ ବିନୀତ୍ ଭରଦ୍ୱାରଜଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଅନୁଷ୍ଠିତ ଉକ୍ତ ବୈଠକରେ ରାଜ୍ୟ ନିର୍ବାଚନ କମିଶନ ପକ୍ଷରୁ ମୟୂରଭଞ୍ଜ ଜିଲ୍ଲା ପାଇଁ ନିୟୋଜିତ ସାଧାରଣ ପର୍ଯ୍ୟବେକ୍ଷକ ବିଶ୍ୱ ମୋହନ ରାଏ, ଖର୍ଚ୍ଚ ପର୍ଯ୍ୟବେକ୍ଷକ ଶ୍ରୀ ରମେଶ କୁମାର ପାତ୍ର, ଅରିତିକ୍ତ ଜିଲ୍ଲାପାଳ (ସାଧାରଣ) ରୁଦ୍ର ନାରାୟଣ ମହାନ୍ତି, ବାରିପଦା ଉପଜିଲ୍ଲାପାଳ ଅନ୍ୟା ଦାସ, ବାରିପଦା ପିଏଆଇଟିଡିଏ ତଥା ପୌର ନିର୍ବାଚନ ଅଧିକାରୀ ବସନ୍ତ କୁମାର ସେଠୀ, ଡେପୁଟି କଲେକ୍ଟର ସାଇସ୍ମିତା ଉପାଧାୟ ପ୍ରମୁଖଙ୍କ ସମେତ ସଂପୃକ୍ତ ବିଭାଗୀୟ ଅଧିକାରୀମାନେ ଯୋଗ ଦେଇ ଆଲୋଚନାରେ ସକ୍ରିୟ ଅଂଶଗ୍ରହଣ କରିଥିଲେ । ବୈଠକରେ ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ଚଳିତ ପୌର ନିର୍ବାଚନ ସମୟରେ ରାଜନୈତିକ ଦଳ ଓ ପ୍ରାର୍ଥୀଙ୍କ ଆଚରଣ ବିଧି ପାଳନର ବିଭିନ୍ନ ଦିଗ ଉପରେ ବିଶଦ ଭାବେ ଅବଗତ କରାଇଥିଲେ । ଭୋଟ ଗ୍ରହଣ ସମାପ୍ତି ପାଇଁ ଧାର୍ଯ୍ୟ ସମୟରେ ୪୮ଘ । ପୂର୍ବରୁ ଡାକବାଜି ଯନ୍ତ୍ର ବ୍ୟବହାର ସଂପୂର୍ଣ୍ଣଭାବରେ ନିଷିଦ୍ଧ ରହିବ । ନିର୍ବାଚନ ପ୍ରଚାରରେ ବ୍ୟବହୃତ ହେଉଥିବା ସମସ୍ତ ପ୍ରକାର ପ୍ରଚାର ପତ୍ରରେ ମୁଦ୍ରାକର ଓ ପ୍ରକାଶଙ୍କର ନାମ ଓ ଲିପିବଦ୍ଧ କରାଯିବ, ନିର୍ବାଚନ କମଶନରଙ୍କ ନିର୍ଦ୍ଦେଶାବଳୀରେ ନିର୍ଦ୍ଧାରିତ ଥିବା ଖର୍ଚ୍ଚସୀମା ଓ ଯାନବାହାନ ବ୍ୟବହାର କରିବା, ୫୦ ହଜାରରୁ ୧ ଲକ୍ଷ ଲୋକସଂଖ୍ୟା ମଧ୍ୟରେ ଥିବା ପୌରାଂଚଳର ଚେୟାରମ୍ୟାନ ପ୍ରାର୍ଥୀ ସର୍ବାଧିକ ୩ ଲକ୍ଷ ଟଙ୍କା ଓ କାଉନସିଲର ସର୍ବାଧିକ ୭୫ ହଜାର ଟଙ୍କା ଖର୍ଚ୍ଚସୀମା ନିର୍ଦ୍ଧାରିତ ଥିବା ବେଳେ ୫୦ ହଜାର ଲୋକସଂଖ୍ୟା ମଧ୍ୟରେ ଥିବା ବିଜ୍ଞାପିତ ଅଂଚଳ ପରିଷଦ ଓ ପୌରପରିଷଦ ଅଂଚଳର ଚେୟାରମ୍ୟାନ ପ୍ରାର୍ଥୀ ସର୍ବାଧିକ ୨ ଲକ୍ଷ ଟଙ୍କା ଓ କାଉନସିଲର ପ୍ରାର୍ଥୀ ସର୍ବାଧିକ ୫୦ ହଜାର ଖର୍ଚ୍ଚସୀମା ନିର୍ଦ୍ଧାରିତ ହୋଇଛି । ଏଥି ପାଇଁ ବ୍ୟବହାର କରାଯିବା ଦିନଠାରୁ ସମସ୍ତ ଗାଡିର ସବିଶେଷ ତଥ୍ୟ ସଂପୃକ୍ତ ଅଂଚଳର କ୍ଷମତାପନ୍ନ ଅଧିରକାରୀଙ୍କୁ ଲିଖିତ ଭାବେ ଜଣାଇବେ ଏବଂ ଆବଶ୍ୟକୀୟ ସ୍ୱୀକୃତୀ ପତ୍ର ନିଜ ପାଖରେ ରଖିବାକୁ କୁ ପରାମର୍ଶ ଦିଆ ଯାଇଛି । ଭୋଟ ଦାନ କେନ୍ଦ୍ର ଅଂଚଳରେ ୧୦୦ମିଟର ଦୂରତା ମଧ୍ୟରେ କୌଣସି ରାଜନୈତିକ ଦଳ କିମ୍ବା ପ୍ରାର୍ଥୀଙ୍କ ଚିହ୍ନ ଥାଇ ଭୋଟର ପ୍ରଚାର ପତ୍ର ଇତ୍ୟାଦି ପ୍ରଦର୍ଶନ ନକରିବା, ରାଜନୈତିକ ଦଳ ତରଫରୁ ଯାନବାହାନରେ କୌଣସି ଭୋଟର ମାନଙ୍କୁ ଭୋଟ ଗ୍ରହଣ କେନ୍ଦ୍ରକୁ ନେବା ଆଣିବା ନକରିବା, ନିର୍ବାଚନ ପ୍ରକ୍ରିୟା ଶେଷ ହେବାର ୩୦ଦିନ ମଧ୍ୟରେ କ୍ଷମତାପନ୍ନ ଅଧିକାରୀଙ୍କ ନିକଟରେ ସମସ୍ତ ଖର୍ଚ୍ଚର ହିସାବ ଦାଖଲ କରିବା, ଭୋଟ ଗ୍ରହଣ କେନ୍ଦ୍ରରେ ପୋଲିଂ ଏଜେ ମାନଙ୍କ ନିୟୋଜିତ ପାଇଁ ରାଜନୈତିକ ଦଳ ଓ ପ୍ରାର୍ଥୀଙ୍କ ପକ୍ଷରୁ ସଂପୃକ୍ତ ନିର୍ବାଚନ ଅଧିକାରୀଙ୍କଠାରୁ ଆଗୁଆ ଅନୁମତି ପତ୍ର ନେଇ ଭୋଟ ଗ୍ରହଣ ସମୟ ଆରମ୍ଭର ଅଧଘ । ପୂର୍ବରୁ ଭୋଟଦାନ କେନ୍ଦ୍ରରେ ଉପସ୍ଥିତ ରହିବା ଉପରେ ଆଲୋଚନା କରାଯାଇଛି ।

## ଚାରି ବର୍ଷରେ ଜାମ୍ମୁ-କାଶ୍ମୀରରେ ଅନୁପ୍ରବେଶ ଘଟଣାରେ ଆସିଲା ହ୍ରାସ

ନୂଆଦିଲ୍ଲୀ, ୨୨/୦୩ : ଜାମ୍ମୁ-କାଶ୍ମୀରରେ ୨୦୧୮ ପରେ ଅନୁପ୍ରବେଶ ଘଟଣାରେ ଉଲ୍ଲେଖନୀୟ ହ୍ରାସ ହୋଇଥିବା ଜଣା ପଡିଛି । ୨୦୧୮ରେ ୧୪୩ ଅନୁପ୍ରବେଶ ଘଟଣା ସାମନାକୁ ଆସିଥିବା ବେଳେ ଏହି ବର୍ଷ ୨୦୨୧ରେ ହ୍ରାସପାଇ ୩୪ ରହିଛି । କେନ୍ଦ୍ର ଗୃହ ରାଜ୍ୟମନ୍ତ୍ରୀ ନିତ୍ୟାନନ୍ଦ ରାୟ ମଙ୍ଗଳବାର ଦିନ ଲୋକସଭାରେ ଏକ ପ୍ରଶ୍ନର ଲିଖିତ ଉତରରେ କହିଛନ୍ତି ଯେ ଅନୁପ୍ରବେଶ ଘଟଣାରେ ହ୍ରାସ ହେବାପରେ ଏପରି ସୂଚନା ଯେ ପାକିସ୍ତାନ ଏବଂ ପାକ୍ ଅଧିକୃତ କାଶ୍ମୀରରେ ବିଭିନ୍ନ ଲାଂଚ ପେଡ଼ରେ ଯଥେଷ୍ଟ ସଂଖ୍ୟାରେ ସନ୍ଦିଗ୍ଧ ଆତଙ୍କବାଦୀ ଉପସ୍ଥିତ ଅଛନ୍ତି ।

# ନିଖିରାରେ ଆନୁଷ୍ଠିତ ହୋଇଯାଇଛି ମିନି ମାରାଥନ



ବାଲିଆପାଳ, ୨୨/୦୩ (ନି.ପ୍ର): ସ୍ୱଚ୍ଛ ଭାରତ ଅଭିଯାନର ବାର୍ତ୍ତାକୁ ସର୍ବ ସାଧାରଣଙ୍କ ପାଖରେ ପହଂଚାଇବାର ଉଦ୍ଦେଶ୍ୟ ନେଇ ବାଲିଆପାଳ ବ୍ଲକ ନିଖିରା ପଂଚାୟତରେ ଆଜି ଏକ ମିନିମାରାଥନ ଅନୁଷ୍ଠିତ ହୋଇଯାଇଛି । ନିଖିରା ଗ୍ରାମରେ ଅବସ୍ଥିତ ବାବା ନିଖିରେଶ୍ୱର ଶୈବ ପୀଠ ପ୍ରାଙ୍ଗଣରୁ ଏହି ମାରାଥନ ଦୌଡ ଆରମ୍ଭ ହୋଇ ପାଳପଡା, ମଝିପଡା, ଘଂଟୁଆ, ଡୁମିଚକ, କୃଷି ବିଜ୍ଞାନ କେନ୍ଦ୍ର , ସୁବର୍ଣ୍ଣରେଖା ମହାବିଦ୍ୟାଳୟ ଏବଂ ଜାମଲା ଛକ ହୋଇ ଦୀର୍ଘ ୮ କିଲୋମିଟର ରାସ୍ତା ପ୍ରତିଯୋଗୀମାନେ ଅତିକ୍ରମ କରି ନିଖିରା ଶୈବପୀଠ ଠାରେ ପହଂଚିଥିଲେ । ଏହି ପ୍ରତିଯୋଗିତାରେ ରାଜେଶ ନନ୍ଦୀ ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ଚନ୍ଦନ କୁମାର ଜେନା ଦ୍ୱିତୀୟ ଏବଂ ରଞ୍ଜନ କୁମାର ସେନାପତି ତୃତୀୟ ସ୍ଥାନ ଅଧିକାର କରିଥିଲେ । ବିନୟ କୁମାର ଅଣ୍ଡିଆ, ରାଜେଶ ଅଣ୍ଡିଆ, ଦିଲିପ ମଲ୍ଲିକ କ୍ରମାନୟରେ ଚତୁର୍ଥ, ପଂଚମ ଏବଂ ଷଷ୍ଠ ସ୍ଥାନ ଅଧିକାର କରିଥିଲେ । ତେବେ ଏହି ମାରାଥନରେ ବିଶେଷ ଆର୍କଷଣର କେନ୍ଦ୍ରବିନ୍ଦୁ ହୋଇଥିଲେ ଭିନକ୍ଷମ ପ୍ରତିଯୋଗୀ ସିତାଂଶୁ ଭୂୟାଁ । ଏହି ଦଳ ପ୍ରତିଯୋଗିତା ପରେ ପୁରସ୍କାର ବିତରଣ ସଭା ଅନୁଷ୍ଠିତ ହୋଇଥିଲା । ପୁରସ୍କାର ବିତରଣ ସଭାରେ ସୁବର୍ଣ୍ଣରେଖା ମହାବିଦ୍ୟାଳୟର ପ୍ରାକ୍ତନ ଅଧକ୍ଷ ତଥା ବାଲିଆପାଳ ଆଂଚଳର ଜଣେ ପ୍ରସିଦ୍ଧ କ୍ରୀଡା ସଂଗଠକ ଡ. ସନ୍ତୋଷ କୁମାର ଦାସ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ନିଖିରା ପଂଚାୟତର ସରପଂଚ ଅଞ୍ଜନ କୁମାର ଗିରି,ନିଖିରେଶ୍ୱର ମନ୍ଦିର ପରିଚାଳନା କମିଟିର ମୁଖ୍ୟ ଶଦାଶିବ ବେହେରା, ସୁବର୍ଣ୍ଣରେଖା ମହାବିଦ୍ୟାଳୟର ଏନସିସି ଅଧ୍ୟାପକ ପ୍ରଶାନ୍ତ କୁମାର ଦାସ,ପୂର୍ବତନ ସରପଂଚ ମନ୍ମଥ କୁମାର ମାଣିକ, ନିଖିରେଶ୍ୱର କାଳୀପୂଜା କମିଟିର ମୁଖ୍ୟ ସୃଷ୍ଟିଧର ଗିରି, ପିଏଚସିର ଫାର୍ମାସିଷ୍ଟ ରତୀନ୍ଦ୍ର ନାରାୟଣ ପରିଡା ପ୍ରମୁଖ ସମ୍ମାନୀତ ଅତିଥି ଭାବରେ ଯୋଗ ଦେଇ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ବିତରଣ କରିଥିଲେ । ଏହି କାର୍ଯ୍ୟକ୍ରମକୁ ହିମାଂସୁ ମହାପାତ୍ର, ସୀତାନାଥ ଦାସ ଅଧିକାରୀ କେଶବ ଗିରି, ଖେଳ ଶିକ୍ଷକ ଅରୁଣ କୁମାର ଜେନା, ଅକ୍ଷୟ ବେହେରା, ସେନା ଅଧିକାରୀ ଭଗିରଥ ବେହେରା, ସମେତ ସୁବର୍ଣ୍ଣରେଖା ମହାବିଦ୍ୟାଳୟର ଏନସିସି ଛାତ୍ର ଚାତ୍ରୀମାନେ ପରିଚାଳନାରେ ସହ ଯୋଗ କରିଥିଲେ । ଶେଷରେ ଖେଳ ଶିକ୍ଷକ ରାଜେଶ କୁମାର ଗିରି ଧନ୍ୟବାଦ ଅର୍ପଣ କରିଥିଲେ । ବାଲିଆପାଳ ବ୍ଲକର ବିଭିନ୍ନ ଅଂଚଳରୁ ଶତାଧିକ ଅଂଶ ଗ୍ରହଣ କରିଥିଲେ ।

## ତୈଳ ଓ ଗ୍ୟାସ୍ ଦର ବୃଦ୍ଧି ବିରୋଧରେ ସିପିଆଇର ବିକ୍ଷୋଭ

ଭୁବନେଶ୍ୱର, ୨୨/୦୩ (ନି.ପ୍ର): ପେଟ୍ରୋଲ, ଡିଜେଲ ଓ ରନ୍ଧନ ଗ୍ୟାସ୍‌ର ଦରବୃଦ୍ଧି ବିରୋଧରେ ଆଜି ରାଜଧାନୀ ଭୁବନେଶ୍ୱରରେ ସିପିଆଇ ପକ୍ଷରୁ ପ୍ରତିବାଦ ବିକ୍ଷୋଭ ଅନୁଷ୍ଠିତ ହୋଇଯାଇଛି । ଆଜି ପୂର୍ବାହ୍ନରେ ପାର୍ଟିର ରାଜ୍ୟ ଦପ୍ତର ଭଗବତୀ ଭବନଠାରୁ ଦଳର କର୍ମୀମାନେ ଏକ ଶୋଭାଯାତ୍ରାରେ ବାହାରି ରାଜମହଲଛକଠାରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ଶୋଭାଯାତ୍ରାକାରୀମାନେ ହାତରେ ଦରବୃଦ୍ଧି ବିରୋଧରେ ଲେଖାଥିବା ବିଭିନ୍ନ ପ୍ଲାକାର୍ଡମାନ ଧରିଥିବା ଦେଖାଯାଇଥିଲା । ସେଠାରେ ସିପିଆଇର ଭୁବନେଶ୍ୱର ଜୋନ ସମ୍ପାଦକ ସୂର ଜେନା ବିକ୍ଷୋଭକାରୀମାନଙ୍କୁ ଉଦ୍‌ବୋଧନ ଦେଇ ୫ଟି ରାଜ୍ୟ ନିର୍ବାଚନ ସରିବା ମାତ୍ରେ ମୋଦି ସରକାର ତୈଳ ଓ ଗ୍ୟାସ୍ ଦର ବଢ଼ାଇଦେଲେ ଏବଂ ଏହା ଗରିବ ଓ ମଧ୍ୟବିତଙ୍କ ପିଠିରେ ଛୁରୀକା ଘାତ ବୋଲି ମତ ପ୍ରକାଶ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ମିନତୀ ବେହେରା, ସର୍ବେଶ୍ୱର ମାର୍ଥା, ମଙ୍ଗଳା ସେଠୀ, ବେଣୁଧର ସାହୁ, ଜ୍ୟୋତ୍ସ୍ନା ସେଠ, ପ୍ରତିମା ନାୟକ, ମିଲି ବାରିକ, ଜାନକୀ ନାୟକ ଓ ଜୟନ୍ତୀ ତ୍ରିପାଠୀ ପ୍ରମୁଖ ଏହି ବିକ୍ଷୋଭ ଓ ଶୋଭାଯାତ୍ରାର ନେତୃତ୍ୱ ନେଇଥିଲେ ।

# ପୂର୍ବଶତ୍ରୁତାକୁ କେନ୍ଦ୍ରକରି ଯୁବକ ଉପରେ ଆକ୍ରମଣ : ଯୁବକ ଗୁରୁତର

ବାଲିଆପାଳ, ୨୨/୦୩ (ନି.ପ୍ର): ବାଲିଆପାଳ ଥାନା ଅଳାଡିହା ପଂଚାୟତ ଓ ଅଳାଡିହା ଗ୍ରାମର ଜୈନିକ ଯୁବକଙ୍କ ଉପରେ ମାରାଣାତ୍ମକ ଆକ୍ରମଣ ହୋଇଛି । ଏନେଇ ଯୁବକଙ୍କ ଭାଇ ବିଶ୍ୱନାଥ କୁହ୍ଲାରୀଙ୍କ ଏତଲା କ୍ରମେ ବାଲିଅପାଳ ଥାନା କେଶ ନଂ ୭୦/୨୦୨୨ରେ ଏକ ମାମଲା ରୁଜୁ ହୋଇଛି । ମିଳିଥିବା ସୂଚନା ଅନୁସାରେ ଅଳାଡିହା ଗ୍ରାମର ଅଜୟ କୁହ୍ଲାରୀ ସୋମବାର ଦିନ ପ୍ରାୟ ୧୧.୪୫ ମିନିଟ ସମୟରେ ପାନ ବ୍ୟବସାୟ ପାଇଁ ନିଜ ଝିଅ ସାଇସ୍ମୃତି କୁହ୍ଲାରୀ (୧୨) ବର୍ଷ ସହ ଏକ ବାଇକରେ ଆମ୍ବଚୁଆ ହାଟକୁ ଯାଉଥିଲେ । ଅଳାଡିହା ଭାଗବତ ଟୁଙ୍ଗୀ ନିକଟରେ ପୂର୍ବରୁ ପ୍ରସ୍ତୁତ ହୋଇ ରହିଥିବା ଜୟକୃଷ୍ଣ ବିଶ୍ୱାଳ, ଯମୁନା ବିଶ୍ୱାଳ, ସତ୍ୟରଞ୍ଜନ ବିଶ୍ୱାଳ ଏବଂ ଅଜିତ ନାୟକ ପ୍ରମୁଖ ତାଙ୍କ ବାଇକୁ ଅଟକାଇ ଚାବି ଛାଟି ନେଇଥିଲେ । ପରେ ଟେଙ୍ଗାରେ ପିଟି ବାଇକଟିକୁ ଭାଙ୍ଗିବା ଆରମ୍ଭ କରିଥିଲେ । ଅଜୟ ଏଥିରେ ପ୍ରତିବାଦ କରିବାରୁ ସେମାନେ ବାପ ଝିଅଙ୍କ ଉପରେ ଠେଙ୍ଗାରେ ମାରଣାମନ୍ତକ ଆକ୍ରମଣ କରିଥିଲେ । ଏଥରେ ଅଜୟଙ୍କର ମୁଣ୍ଡ ଫାଟି ରକ୍ତସ୍ରାବ ହେବା ସହ ସେ ଗୁରୁତର ଆହତ ହୋଇଥିଲେ । ତାଙ୍କ ଝିଅ ମଧ ଆହତ ହୋଇଥିଲେ । ସେମାନଙ୍କ ଚିକିତ୍ସାର ଶୁଣି ଗ୍ରାମବାସୀ ଘଟଣାସ୍ଥଳରେ ପହଂଚି ଉଭୟଙ୍କୁ ବାଲିଆପାଳ ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇଥିଲେ । ତେବେ ଅଜୟଙ୍କ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ବାଲେସ୍ୱର ପଠାଯାଇଛି । ପୁଲିସ ଘଟଣାର ତଦନ୍ତ ଆରମ୍ଭ କରିଛି । ଆସାମୀ ମାନେ ଫେରାର ହୋଇଯିବାରୁ କେହି ଗିରଫ ହୋଇନାହା ଜମି ଜମା ବିବଦ୍କୁ ଏହି ଗଣ୍ଡଗୋଳ ହୋଇଥିବା ଜଣାପଡିଛି ।

# ଦାଦାବଟି ଆଦାୟ ଅଭିଯୋଗରେ ଯୁବକ ଗିରଫ

ପୁରୀ,୨୨/୦୩ (ନି.ପ୍ର): ବାଲିଘାଟ ଛକରେ ମାରଣାସ୍ତ୍ର ଦେଖାଇ ପଥିକ ଓ ଦୋକାନୀମାନଙ୍କ ଠାରୁ ଦାଦାବଟି ଆଦାୟ କରୁଥିବା ଅଭିଯୋଗରେ ଜଗନ୍ନାଥ କଲୋନୀର ସତ୍ୟଜିତ ସାହୁ (୨୪)କୁ ତାଳବଣିଆ ଥାନା ପୁଲିସ ଗିରଫ କରିଛି । ଅଭିଯୁକ୍ତ ନିକଟରୁ ଏକ ଛୁରି ଜବତ କରାଯାଇଛି । ଗତକାଲି ସନ୍ଧ୍ୟାରେ ଏଏସ୍‌ଆଇ ସୁରେଶ ଚନ୍ଦ୍ର ପାଣିଗ୍ରାହୀ ଥାନାର ଅନ୍ୟକର୍ମଚାରୀମାନଙ୍କ ସହିତ ପାଟ୍ରୋଲିଂ କରୁଥିବାବେଳେ ବାଲିଘାଟଛକରେ ସନ୍ଦେହଜନକ ଭାବେ ବୁଲୁଥିବା ସତ୍ୟଜିତକୁ ଧରିଥିଲେ । ଯା ବେଳେ ସତ୍ୟଜିତ ନିକଟରୁ ଏକ ଛୁରି ଜବତ କରାଯାଇଥିଲା । ପଚରା ଉଚରା କରିବାରେ ସେ ମାରଣାସ୍ତ୍ର ଦେଖାଇ ପଥିକ ଓ ଦୋକାନୀମାନଙ୍କ ଠାରୁ ଦାଦାବଟି ଆଦାୟ କରୁଥିବା ସ୍ୱୀକାର କରିଥିଲେ । ଏଏସ୍‌ଆଇ ସାହୁଙ୍କ ଅଭିଯୋଗ କ୍ରମେ ଅଭିଯୁକ୍ତ ବିରୁଦ୍ଧରେ ଭାରତୀୟ ଦଣ୍ଡବିଧି ଆଇନ୍‌ର ୩୮୬, ୩୮୭ଧାରାରେ ୪୪/୨୨ମାମଲା ରୁଜୁ କରି ଆଜି ତାକୁ କୋର୍ଟ ଚାଲାଣ କରାଯାଇଥିବା ତାଳବଣିଆ ଥାନା ଆଇଆଇସି କହିଛନ୍ତି ।

# ଓଡ଼ିଆ ସମାଜ ଆସୋସିଏସନ ଅଫ ନାଇଜେରିଆ ତରଫରୁ ସାମାଜିକ ଏବଂ ପାରିବାରିକ ନାଟକ 'ଏଇ ଆମ ସଂସାର' ପରିବେଷଣ

ବାଲେଶ୍ୱର, ୨୨/୦୩ (ନି.ପ୍ର): ଓଡିଶା ଆଉ ଓଡ଼ିଆ ଜାତିର ପ୍ରଥା, ପରମ୍ପରା ସର୍ବଦା ଭିନ୍ନ ଏବଂ ନିଆରା । ଆମ ଓଡ଼ିଆ ଭାଇ ଭଉଣୀମାନେ ବିଦେଶରେ ରହି ମଧ୍ୟ ଆମ ଓଡ଼ିଆ ମାଟିର ଗର୍ବ ଆଉ ଗୌରବକୁ ଆଗକୁ ବଢେଇବାରେ ପଛଘୁ । ଦେଉନାହାନ୍ତି । ଏମିତି ଏକ ଉଦାହରଣ ଦେଖିବାକୁ ମିଳିଛି ସୁଦୂର ଆଫ୍ରିକା ମହାଦେଶରେ ଅବସ୍ଥିତ ନାଇଜେରିଆ ଦେଶରେ । ଓଡ଼ିଆ ସମାଜ ଆସୋସିଏସନ ଅଫ ନାଇଜେରିଆ ତରଫରୁ ତାଙ୍କର ବାର୍ଷିକ ସାଧାରଣ ସଭା ଅବସରରେ ଚଳିତ ମାର୍ଚ୍ଚ ୨୦ ତାରିଖରେ ଆସୋସିଏସନ ସଦସ୍ୟ ସଦସ୍ୟା ମାନଙ୍କ ଦ୍ୱାରା ଏକ ସାମାଜିକ ଏବଂ ପାରିବାରିକ ନାଟକ 'ଏଇ ଆମ ସଂସାର' ପରିବେଷଣ କରାଯାଇଥିଲା । ହାଡିବନ୍ଧୁ, ରିନା ସମୁଦ୍ର, ଦୁଖଃବନ୍ଧୁ, ରଜତ, ରୀନା ରଥ, ହିମାଂଶୁ, ଅର୍ଚ୍ଚନା, ରାମକୃଷ୍ଣ, ଶର୍ମିଷ୍ଠା, ପ୍ରକାଶ, ପ୍ରଣବ, ସ୍ନିଗ୍ଧା, ପ୍ରକାଶ ଏହି ନାଟକ ରେ ଅଭିନୟ କରିଥିଲେ । ଶିଶୁକଳାକାର ଭାବରେ ଅବନୀଶ, ଶ୍ରିଂଶ, ଦିବ୍ୟାଂଶୁ, ଦେବଶ୍ରୀ ଅଭିନୟ କରିଥିଲେ । ଦୁଇ ଘ । ର ଏହି ନାଟକଟିକୁ ବାଲେଶ୍ୱର ଜିଲ୍ଲାର ଜଳେଶ୍ୱର ନିକଟସ୍ଥ ଶିଖରପୁର ରୁ ଯାଇ ସେଠାରେ କାର୍ଯ୍ୟ କରୁଥିବା ଶ୍ରୀ ସତ୍ୟ ନାରାୟଣ ପାତ୍ର ରଚନା କରିଥିଲେ ଏବଂ ଏହାର ନିର୍ଦ୍ଦେଶନା ଦେବା ସହିତ ଏଥିରେ ଏକ ମହତ୍ୱପୂର୍ଣ୍ଣ ଭୂମିକାରେ ଅଭିନୟ ମଧ କରିଥିଲେ । ଏହି ନାଟକ ଏବଂ ସମସ୍ତ କଳାକାର ମାନଙ୍କର ଅଭିନୟକୁ ଦର୍ଶକ ମାନେ ବହୁତ ପ୍ରସଂଶା କରିଛନ୍ତି । ଏହିଭଳି ଉଦ୍ୟମ ଆଗାମୀ ଦିନରେ ଚାଲୁ ରହିବା ସଂଗେସଂଗେ ଅନ୍ୟ ଦେଶରେ ରହୁଥିବା ଓଡ଼ିଆ ମାନଙ୍କ ସ୍ୱାଭିମାନକୁ ବ ।ଇ ରଖିବାକୁ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନିଆଯିବ ବୋଲି ଉଦ୍ୟୋକ୍ତା ମାନେ ମତବ୍ୟକ୍ତ କରିଛନ୍ତି ।

# ବାରିପଦା ଠାରେ ବିଶ୍ୱ ବନ ଦିବସ ପାଳିତ



ବାରିପଦା, ୨୨/୦୩ (ନି.ପ୍ର): ଆଜି ବିଶ୍ୱ ବନ ଦିବସ ବାରିପଦା ବନଖଣ୍ଡ କାର୍ଯ୍ୟାଳୟ ପରିସର ରେ ଥିବା ସଂକଳ୍ପ ଭବନ ଠାରେ ପାଳିତହୋଇ ଯାଇଛି । ବାରିପଦା ବନଖଣ୍ଡ ଅଧିକାରୀ ସନ୍ତୋଷ କୁମାର ଯୋଶୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ଅତିଥି ଭାବରେ ଅବୈତନିକ ବନ୍ୟପ୍ରାଣି ତତ୍ୱାବଧାରକ ବିବେକାନନ୍ଦ ପଟ୍ଟନାୟକ, ଜିଲ୍ଲା ପରିବେଶ ସମିତିର ଉପସଭାପତି ସନ୍ତୋଷ କୁମାର ମହାନ୍ତି, କରଂଜିଆ ବନଖଣ୍ଡ ଅଧିକାରୀ ଶ୍ରୀକାନ୍ତ ନାୟକ ପ୍ରମୁଖ ଯୋଗ ଦେଇ ଜଙ୍ଗଲ ସୁରକ୍ଷା ସମ୍ବନ୍ଧୀୟ ବକ୍ତବ୍ୟ ରଖିଥିଲେ । ଏହି ଅବସର ରେ ବିଭିନ୍ନ ବନ ସୁରକ୍ଷା ସମିତିର ସଭାପତି ତଥା କର୍ମକର୍ତା ମାନେ ଯୋଗ ଦେଇ ବନ ସୁରକ୍ଷା ବାବଦରେ ନିଜନିଜର ଅଭିଜ୍ଞତା ବିଷୟରେ ମତ ଦେଇଥିଲେ । ଏହି ଅବସର ରେ ୪ଟି ବିଦ୍ୟାଳୟ ଓ ୪ଟି ଗ୍ରାମପଂଚାୟତକୁ ବନ ସୁରକ୍ଷା ଦିଗରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ପ୍ରୋତ୍ସାହନ ରାଶି ପ୍ରଦାନ ସହ ସମ୍ବର୍ଦ୍ଧିତ କରାଯାଇଥିଲା । ବାମନଘାଟି ସବଡିଭିଜନର ବାଦାମୀବାଇ ବିଦ୍ୟାଳୟ ଅଁଳାଡୁବା ଏବଂ ସରଗଡା ଗ୍ରାମପଂଚାୟତ, ପାଂଚପୀଢ ସବଡିଭିଜନର ସରସ୍ୱତୀ ଶିଶୁବିଦ୍ୟାମନ୍ଦିର କେନ୍ଦୁଜିଆଣି ଏବଂ ବରେହିପାଣି ଗ୍ରାମପଂଚାୟତ, ବାରିପଦା ସବଡିଭିଜନର ମା ସୁଭଦ୍ରା ବାଳିକା ବିଦ୍ୟାଳୟ ସାରସକଣା ଏବଂ କଳାପଥରା ଗ୍ରାମପଂଚାୟତ, କପ୍ତିପଦା ସବଡିଭିଜନର ସରକାରୀ ପ୍ରାଥମିକ ବିଦ୍ୟାଳୟ ଖୁଂଟାପାଳ ଏବଂ କୋଳିଅଳମ ଗ୍ରାମପଂଚାୟତକୁ ଏହି ପୁରସ୍କାର ରାଶି ସହ ମାନପତ୍ର ପ୍ରଦାନ କରାଯାଇଛି । ଉକ୍ତ ସଭାରେ ସହକାରୀ ବନ ସଂରକ୍ଷକ ଦିନେଶ ମହାପାତ୍ର, ନିବେଦିତା ନାୟକ, ସମରେଶ ବିଶ୍ୱାଳ, ନବୀନ କୁମାର ନାୟକ ପ୍ରମୁଖ ଉପସ୍ଥିତ ଥିବା ବେଳେ, ସହକାରୀ ବନ ସଂରକ୍ଷକ ରବିନାରାୟଣ ମହାନ୍ତି ମଂଚ ପରିଚାଳନା କରିଥିଲେ । ଶେଷରେ ସହକାରୀ ବନ ସଂରକ୍ଷକ ଅରୁଣ କୁମାର ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ ।




# ଆଂଚଳିକ ଜନସମ୍ପର୍କ କାର୍ଯ୍ୟାଳୟରେ ଆଜାଦୀ କା ଅମୃତ ମହୋତ୍ସବ ଫଟୋଚିତ୍ର ଉଦ୍ଘାଟିତ

ଭୁବନେଶ୍ୱର, ୨୨/୦୩ (ନି.ପ୍ର): ଭାରତ ସରକାରଙ୍କ, ସୂଚନା ଏବଂ ପ୍ରସାରଣ ମନ୍ତ୍ରଣାଳୟ ଅନ୍ତର୍ଗତ, ଆଂଚଳିକ ଜନ ସମ୍ପର୍କ କାର୍ଯ୍ୟାଳୟ, ଭୁବନେଶ୍ୱର ପରିସରରେ 'ଆଜାଦୀ କା ଅମୃତ ମହୋତ୍ସବ 'ଶୀର୍ଷକ ମିନି ଫଟୋଚିତ୍ର ପ୍ରଦର୍ଶନୀ ଏବଂ ଫଟୋ ଗାଲ୍ଲେରୀ ପତ୍ର ସୂଚନା କାର୍ଯ୍ୟାଳୟ, ପୂର୍ବ ଜୋନର ମହାନିର୍ଦ୍ଦେଶକ ଭୁପେନ୍ଦ୍ର କେନ୍ଥୋଲାଙ୍କ ଦ୍ୱାରା ଉଦ୍ଘାଟିତ ହୋଇଯାଇଛି । ଏହି ଅବସରରେ ଶ୍ରୀ କେନ୍ଥୋଲା ଭାରତର ସ୍ୱାଧିନତା ସଂଗ୍ରାମରେ ଅଂଶ ଗ୍ରହଣ କରିଥିବା ଓଡିଶାର ମହାନ ମହିଳା ସ୍ୱାଧୀନତା ସଂଗ୍ରାମୀମାନଙ୍କୁ ମଧ୍ୟ ପୁଷ୍ପାଞ୍ଜଳି ଅର୍ପଣ କରିଥିଲେ । ଓଡିଶାର ମହାନ କଳା ସଂସ୍କୃତି ତାଙ୍କୁ ସବୁ ବେଳେ ଅନୁପ୍ରାଣିତ କରିଛି ଏବଂ ଓଡିଶା ତାଙ୍କ ହୃଦୟରେ ଏକ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିପାରିଛି ବୋଲି ଶ୍ରୀ କେନ୍ଥୋଲା ମତ ପ୍ରକାଶ କରିଛନ୍ତି । ଏହି ଅବସରରେ ବିଭାଗୀୟ କଳାକାରମାନଙ୍କ ଦ୍ୱାରା ଦେଶାତ୍ମବୋଧକ ସଂଗୀତ ଏବଂ ନୃତ୍ୟ ମଧ୍ୟ ପରିବେଷଣ କରଯାଇଥିଲା ।

❐ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❐ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❐ Managing & Executive Editor : Srustidhar Parida
❐ Editor: Sairindhree Sahoo